

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-304 ◆SUNDAY ◆03 MAY 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୦୪ ◆ରବିବାର ◆୦୩ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


**ପ୍ରକାଶ ପାଇଲା ମାଟ୍ରିକ ଫଳାଫଳ**

# ପାସ୍ ହାର ୯୫.୩୩ ପ୍ରତିଶତ

- ପୁଣି ଛାତ୍ରଙ୍କୁ ପଛରେ ପକାଇ ବାଜି ମାରିଲେ ଛାତ୍ରୀ
- ଶୀର୍ଷରେ ଗଜପତି, ଗଞ୍ଜାମ; ସବୁଠୁ ପଛରେ କେନ୍ଦୁଝର
- ୩୩୧୦ ସ୍କୁଲରେ ଶତ ପ୍ରତିଶତ, ୩ଟି ସ୍କୁଲରେ ଫଳ ଶୂନ
- ଜୁଲାଇ ପ୍ରଥମ ସପ୍ତାହରେ ସପ୍ଲିମେଣ୍ଟାରୀ ପରୀକ୍ଷା

■ କଟକ, ୨।୫ (ସମିସ): ରାଜ୍ୟର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ପ୍ରତୀକ୍ଷାର ଅନ୍ତ ଘଟାଇ ଶନିବାର ପ୍ରକାଶ ପାଇଛି ୨୦୨୬ବର୍ଷର ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ପରୀକ୍ଷାଫଳ। କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଏହି ଫଳାଫଳ ଘୋଷଣା କରାଯାଇଛି।

ଚଳିତବର୍ଷ ପୁଣିଥରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ରେଗୁଲାର ପାସ୍ ହାର ୯୫.୩୩ ପ୍ରତିଶତ ରହିଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫୯.୮୨ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ମଧ୍ୟମା ପରୀକ୍ଷାରେ ୮୭.୩ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ଏଥର ମାଟ୍ରିକ୍ ପରୀକ୍ଷା (ରେଗୁଲାର)ରେ ମୋଟ ୫ଲକ୍ଷ ୪୪ ହଜାର ୬୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ବେଳେ ୮ହଜାର ୩୬୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ୫ ଲକ୍ଷ ୩୬ହଜାର ୩୦୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



■ ଭୁବନେଶ୍ୱର, ୨।୫ (ସମିସ): ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, "ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ▶ପୃଷ୍ଠା-୭

**ବ୍ୟାଙ୍କକୁ କଙ୍କାଳ ବୋହିନେବା ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ନବୀନଙ୍କ ଚିଠି**

# ଆଦିବାସୀ ଅଞ୍ଚଳରେ ମାନବିକ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ସ୍ଥାପନ ପାଇଁ ଦାବି

- ଆର୍‌ବିଆଇ ନିୟମର ଆଳ ଦେଖାଇ ଅମାନୁଷିକ ଆଚରଣକୁ ଯଥାର୍ଥ ଦର୍ଶାଉଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ
- ନିୟମାବଳୀ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ; ସେମାନଙ୍କୁ ଅପମାନିତ କରିବାକୁ ନୁହେଁ
- ଜିତୁ ମୁଣ୍ଡା ଘଟଣାରେ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ଦାବିକଲେ ବିରୋଧୀଦଳ ନେତା



■ ଭୁବନେଶ୍ୱର, ୨।୫ (ସମିସ): କେନ୍ଦୁଝରରେ ଆଦିବାସୀ ଜିତୁ ମୁଣ୍ଡାଙ୍କ ସହ ଘଟିଥିବା ଉଦ୍‌ବେଗଜନକ ଏବଂ ଲଜ୍ଜାକର ଘଟଣାକୁ ନେଇ ଦେଶବିଦେଶରେ ଓଡ଼ିଶାକୁ ବଦନାମ ମୁଣ୍ଡାଇବାକୁ ପଡ଼ିଲାଣି। ବିଭିନ୍ନ ମହଲରେ ଏପରି ଘଟଣାକୁ ନେଇ କ୍ଷୋଭ ପ୍ରକାଶ ପାଉଥିବା ବେଳେ ଦୂରଦୂରାନ୍ତରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ବିଭିନ୍ନ ମହଲରେ ଜୋର୍‌ଦାର୍ ଦାବି ହେଉଛି। ଏହିକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମାବଳୀର ଆଳ ଦେଖାଇ ସଂପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ ଆଚରଣକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଯେପରି ଚେଷ୍ଟା କରୁଛନ୍ତି, ତାହାକୁ ନେଇ ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଏକ ମାନବିକ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ଗଢ଼ିବାକୁ ନବୀନ ଚିଠିରେ ଦାବି କରିଥିବା ବେଳେ ଏପରି ସ୍ତବ୍ଧ କରିଦେବା ଭଳି ତ୍ରୁଟି ପାଇଁ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନବୀନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ ଉଲ୍ଲେଖ କରି କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପୋଷୀ ଶାଖାରେ ଗତ ଏପ୍ରିଲ ୨୭ ତାରିଖରେ ଘଟିଥିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଜଣେ ଆଦିବାସୀ ନାଗରିକ ଜିତୁ ମୁଣ୍ଡା ନିଜର ପ୍ରାପ୍ୟ ଟଙ୍କା ଉଠାଇବା ପାଇଁ ଭଉଣୀଙ୍କ ମୃତ୍ୟୁର ପ୍ରମାଣ ସ୍ୱରୂପ ତାଙ୍କର କଙ୍କାଳକୁ ଶ୍ମଶାନରୁ ଖୋଳି ବ୍ୟାଙ୍କକୁ ବୋହି ଆଣିବାକୁ ବାଧ୍ୟ ହୋଇଥିଲେ। ବ୍ୟାଙ୍କ ଅଧିକାରୀଙ୍କ ପାଖରୁ କୌଣସି ସହାୟତା କିମ୍ବା ସ୍ପଷ୍ଟ ସୂଚନା ନ ପାଇ ବାରମ୍ବାର ବ୍ୟାଙ୍କ ଦୌଡ଼ି ବିଫଳ ହେବା ପରେ ସେ ଏଭଳି ପଦକ୍ଷେପ ନେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ ଆଚରଣକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିୟମାବଳୀର ଆଳ ଦେଖାଇ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି। ଏଥିରୁ ବ୍ୟାଙ୍କ ଅଧିକାରୀଙ୍କର ଏକ ବିଚିତ୍ର ମନୋଭାବ ସ୍ପଷ୍ଟ ହେଉଛି। ଯେଉଁଠି ସେମାନେ ନିୟମ ପଛରେ ଲୁଚି ରହି ସେହି ଲୋକମାନଙ୍କୁ ▶ପୃଷ୍ଠା-୭

**୮ ତାରିଖ ଯାଏଁ କାଳବୈଶାଖୀ**

# ଦ୍ୱିତୀୟ ସପ୍ତାହରେ ଲଘୁଚାପ

- ବାତ୍ୟା ପାଇଁ ପାଣିପାଗ ଅନୁକୂଳ
- ବାତ୍ୟା ସମ୍ପର୍କରେ ଆଇଏମଡି ଦେଇନାହିଁ କୌଣସି ସୂଚନା

■ ଭୁବନେଶ୍ୱର, ୨।୫ (ସମିସ): ରାଜ୍ୟରେ ଆସନ୍ତା ୮ ତାରିଖ ଯାଏଁ କାଳବୈଶାଖୀର ପ୍ରଭାବ ଜାରି ରହିବ। ମେ ଦ୍ୱିତୀୟ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଗ ଅନୁକୂଳ ରହିଥିବା ନେଇ ଆକଳନ କରିଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ। ସେ କହିଛନ୍ତି ଯେ ବର୍ତ୍ତମାନର ପାଣିପାଗ ମଡେଲ ଅନୁସାରେ ବଙ୍ଗୋପସାଗରରେ ଏକ ସକ୍ରିୟ ପରିବେଶ ସୃଷ୍ଟି ହେଉଛି। ଏହି ସମୟରେ ସମୁଦ୍ର ପୃଷ୍ଠର ତାପମାତ୍ରା ପ୍ରାୟ ୩୦-୩୧ ଡିଗ୍ରୀ ସେଲସିୟସ ରହୁଥିବାରୁ ଏହା ବାତ୍ୟା ସୃଷ୍ଟି ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ସଦ୍ୟତମ ମଡେଲ ରନ୍ ଅନୁସାରେ ଲଘୁଚାପ ସୃଷ୍ଟି ହେବା ସମୟସୀମା କିଛିଟା ଘୁଞ୍ଚି ମେ ୧୧ ରୁ ୧୫ ମଧ୍ୟକୁ ଆସିଛି। ଏହାର ଅର୍ଥ ହେଉଛି ବାୟୁମଣ୍ଡଳରେ ଲଘୁଚାପ ସୃଷ୍ଟି ହେବା ପାଇଁ ଆବଶ୍ୟକୀୟ ଉପାଦାନଗୁଡ଼ିକ ଏକତ୍ରିତ ▶ପୃଷ୍ଠା-୭

**ମହାନଦୀ ଜଳ ବିବାଦ ଶୁଣାଣି**

# ପୁଣି ଘୁଞ୍ଚିଲା ତାରିଖ

- ଓଡ଼ିଶା ଓ ଛତିଶଗଡ଼ ଦାଖଲ କଲେ ଜଳ ଉପଲବ୍ଧତା ସଂଗୃହୀତ ତଥ୍ୟ
- ୩ଟି ପ୍ରସଙ୍ଗରେ ବର୍ଷାଧିକ କାଳ ଆଲୋଚନା ପରେ ସହମତି
- ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି

■ ଭୁବନେଶ୍ୱର, ୨।୫ (ସମିସ): ଶନିବାର ମହାନଦୀ ଜଳ ବିବାଦର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଟ୍ରିବ୍ୟୁନାଲରେ ଅନୁଷ୍ଠିତ ହୋଇଛି। ଏହି ଶୁଣାଣିରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ପକ୍ଷରୁ ମହାନଦୀରେ ଉଭୟ ମୌସୁମୀ ଓ ଅଣମୌସୁମୀ ଋତୁରେ କେତେ ଜଳ ଉପଲବ୍ଧ ହେଉଛି, ସେନେଇ ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ଯୁଗ୍ମ ସ୍ୱାକ୍ଷରିତ ହୋଇଥିବା ରିପୋର୍ଟ ଦାଖଲ କରାଯାଇଛି। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ମଧ୍ୟ ଜଣାପଡ଼ିଛି। ଏହାପରେ ଟ୍ରିବ୍ୟୁନାଲ ଆସନ୍ତା ଶୁଣାଣିକୁ ୩୦ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷେ ଆଜିର ଶୁଣାଣିରେ ଉଭୟ ରାଜ୍ୟ ଦାଖଲ କରିଥିବା ତଥ୍ୟ ବିବାଦର ସମାଧାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜଳ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ମହାନଦୀରେ ଜଳ ସଂଗୃହୀତ ପରିମାଣ ନେଇ ସହମତି ଆସିପାରୁନଥିବା ବେଳେ, ଦୁଇରାଜ୍ୟ ଏନେଇ ସହମତି ପ୍ରକାଶ କରିବା ଏକ ଭଲ ସଙ୍କେତ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଉଭୟ ରାଜ୍ୟରେ ମହାନଦୀ ବିବାଦ ମୋଟ ୪୬ଟି ପ୍ରସଙ୍ଗ ଉପରେ ପର୍ଯ୍ୟବେସିତ ଥିଲା। ତନ୍ମଧ୍ୟରୁ ୧୩, ୧୪ ଓ ୧୭ ନମ୍ବର ପ୍ରସଙ୍ଗ ଉପରେ ଦୀର୍ଘଦିନ ଧରି ଉଭୟ ରାଜ୍ୟ ମଧ୍ୟରେ ସହମତି ଆସିପାରୁ ନଥିଲା। ତେବେ ଗତ ଏପ୍ରିଲ ୨୪ ତାରିଖରେ ଉଭୟ ରାଜ୍ୟର ଯୁଗ୍ମ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆପୋଷ ଆଲୋଚନା ଜରିଆରେ ୧୩, ▶ପୃଷ୍ଠା-୭




## ପ୍ରସୂନ ଯୋଶୀ ପ୍ରସାର ଭାରତୀର ନୂତନ ଅଧ୍ୟକ୍ଷ



ନୂଆଦିଲ୍ଲୀ,୨।୫(ଏଜେନ୍ସି): ବିଶିଷ୍ଟ ଗୀତିକାର, କବି ତଥା ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ ଯୋଶୀଙ୍କୁ ଦେଶର ସାର୍ବଜନୀନ ପ୍ରସାରଣ ସଂସ୍ଥା ପ୍ରସାର ଭାରତୀର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶନିବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି। ଗତ ଡିସେମ୍ବର ମାସରେ ପ୍ରଶାସକ ନବନୀତ କୁମାର ସେହଗଲଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଶ୍ରୀ ଯୋଶୀ ଜଣେ ପ୍ରତିଷ୍ଠିତ ସୃଜନଶୀଳ ବ୍ୟକ୍ତିତ୍ୱ ଭାବେ ସାହିତ୍ୟ, ବିଜ୍ଞାପନ, ଚଳଚ୍ଚିତ୍ର ଏବଂ ଜନସମ୍ପର୍କ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଯୋଶୀ ଏହା ପୂର୍ବରୁ ଅଗଷ୍ଟ ୨୦୧୭ରୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣ ବୋର୍ଡ (ସିବିଏଫ୍‌ସି) ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଏହା ବ୍ୟତୀତ ସେ ମ୍ୟାକକାନ୍ ୱାର୍ଲ୍ଡ ଗ୍ରୁପ୍ ଇଣ୍ଡିଆର ସିଇଓ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ଟ୍ରଷ୍ଟି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଏହି ନିଯୁକ୍ତି ପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ଆଲର୍ଟ ସିଷ୍ଟମ ପରୀକ୍ଷଣ

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଦେଶରେ ବିପର୍ଯ୍ୟୟ ପରିଚାଳନା ଏବଂ ସୂଚନା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଶନିବାର ଦେଶର କୋଟି କୋଟି ମୋବାଇଲ୍ ଫୋନରେ ଏକ ଜରୁରୀକାଳୀନ ଆଲର୍ଟ ବା ସତର୍କ ସୂଚନା ମେସେଜ୍ ପଠାଯାଇ ଏହାର ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସମୟରେ ଅନେକ ସେକେଣ୍ଡ ପର୍ଯ୍ୟନ୍ତ ମୋବାଇଲ୍ ଫୋନଗୁଡ଼ିକରେ କମ୍ପନ ସହ ପପ୍-ଅପ୍ ମେସେଜ୍ ପ୍ରଦର୍ଶିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଟେଲିକମ୍ ବିଭାଗ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ମିଳିତ ଭାବେ ଏହି ମୋବାଇଲ୍-ଭିତ୍ତିକ ବିପର୍ଯ୍ୟୟ ଆଲର୍ଟ ସିଷ୍ଟମର ବିକାଶ ଓ ପରୀକ୍ଷଣ କରୁଛନ୍ତି। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୌଣସି ପ୍ରାକୃତିକ ବିପର୍ଯ୍ୟୟ ବା ଜରୁରୀ ପରିସ୍ଥିତି ସମୟରେ ନାଗରିକମାନଙ୍କୁ ଠିକ୍ ସମୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା। ଏହି ବ୍ୟବସ୍ଥାଟି ମିଳିତ ଜାତିସଂଘର ଅନ୍ତର୍ଜାତୀୟ ଟେଲିକମ୍ୟୁନିକେସନ୍ ୟୁନିୟନ ଦ୍ୱାରା ପରାମର୍ଶିତ କମନ ଆଲର୍ଟିଂ ପ୍ରୋଟୋକଲ୍ ଉପରେ ଆଧାରିତ। ବର୍ତ୍ତମାନ ଏହି ବ୍ୟବସ୍ଥା ଭାରତର ସମସ୍ତ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି। ଏହି ନୂତନ ଜ୍ଞାନକୌଶଳ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ଥିବା ସମସ୍ତ ମୋବାଇଲ୍ ଫୋନକୁ ଏକ ସଙ୍ଗେ ଏବଂ ତୁରନ୍ତ ସତର୍କ ସୂଚନା ପଠାଯାଇପାରିବ। ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବର୍ତ୍ତମାନ ଏହି ବ୍ୟବସ୍ଥାର କେବଳ ପରୀକ୍ଷଣ ବା ଟ୍ରାଏଲ୍ ଚାଲିଛି। ଏହି ମେସେଜ୍ ପାଇବା ପରେ କେହି ଆତଙ୍କିତ ନ ହେବାକୁ ଟେଲିକମ୍ ବିଭାଗ ପକ୍ଷରୁ ଅନୁରୋଧ କରାହୋଇଛି। ଏହା କେବଳ ସିଷ୍ଟମର କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସନୀୟତା ଯାଞ୍ଚ କରିବା ପାଇଁ ପଠାଯାଉଛି ବୋଲି ବିଭାଗ ସ୍ପଷ୍ଟ କରିଛି।

## ଅନ୍ତର୍ଜାତୀୟ ବିମାନ ସେବା ହ୍ରାସ କଲା ଏୟାର ଇଣ୍ଡିଆ



ନୂଆଦିଲ୍ଲୀ,୨।୫(ଏଜେନ୍ସି): ବିମାନ ଇନ୍ଧନ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ଆକାଶମାର୍ଗ କଟକଣା ଯୋଗୁଁ ଏୟାର ଇଣ୍ଡିଆ ଆସନ୍ତା ଜୁନ୍ ଏବଂ ଜୁଲାଇ ମାସ ପାଇଁ ତାହାର ଅନ୍ତର୍ଜାତୀୟ ବିମାନ ଚଳାଚଳ ସଂଖ୍ୟାରେ କାଟ୍ କରିବାକୁ ନିଷ୍ପତ୍ତି ନେଇଛି। ଏୟାରଲାଇନ୍ସର ସିଇଓ କ୍ୟାମ୍ପବେଲ୍ ୱିଲସନ୍ କର୍ମଚାରୀମାନଙ୍କୁ ଏକ ଆଭ୍ୟନ୍ତରୀଣ ବାର୍ତ୍ତା ମାଧ୍ୟମରେ କତେକ ବିଦେଶୀ ରୁଟ୍‌ରେ ବିମାନ ଚଳାଚଳ କରିବା କମ୍ପାନୀ ପାଇଁ ଲାଭଜନକ ହେଉନାହିଁ ବୋଲି ଜଣାଇଛନ୍ତି। ଏବେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଅନେକ ଆକାଶମାର୍ଗ ବନ୍ଦ ରହିଛି। ଫଳରେ ବିମାନଗୁଡ଼ିକୁ ନିର୍ଦ୍ଧାରିତ ପଥ ବଦଳରେ ଦୀର୍ଘ ଦୂରତା ଅତିକ୍ରମ କରିବାକୁ ପଡୁଛି। ଯାହାଦ୍ୱାରା ଅଧିକ ଇନ୍ଧନ ଖର୍ଚ୍ଚ ହେଉଛି। ପୂର୍ବରୁ ଏୟାରଲାଇନ୍ସର ସମୁଦାୟ ପରିଚାଳନା ଖର୍ଚ୍ଚର ୩୦-୪୦ ପ୍ରତିଶତ ଇନ୍ଧନ ପାଇଁ ବ୍ୟୟ ହେଉଛି। ବର୍ତ୍ତମାନ ତାହା ୫୫-୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷ ସୁଦ୍ଧା ଏୟାର ଇଣ୍ଡିଆ ଗ୍ରୁପ୍‌କୁ ପ୍ରାୟ ୨୨,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡ଼ିଥିବା କୁହାଯାଉଛି। ଏହି ଆର୍ଥିକ ଚାପକୁ ଦୃଷ୍ଟିରେ ରଖି କମ୍ପାନୀ କେତେକ ରୁଟ୍‌ରେ ସେବା ବନ୍ଦ ରଖିବାକୁ ବାଧ୍ୟ ହୋଇଛି। ଫେଡେରେସନ୍ ଅଫ୍ ଇଣ୍ଡିଆନ ଏୟାରଲାଇନ୍ସ ମଧ୍ୟ ବଢୁଥିବା ଇନ୍ଧନ ଦର ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛି।

## ତରଭୁଜ ପାଇଁ ବାଳକକୁ ହତ୍ୟା

ଆଗ୍ରା,୨।୫(ଏଜେନ୍ସି): ଉତ୍ତର ପ୍ରଦେଶର ଆଗ୍ରା ଜିଲ୍ଲାରେ ନିଜ ପରିବାର ଅଧିକୃତ କ୍ଷେତରୁ ତରଭୁଜ ତୋଳିଥିବା ଅଭିଯୋଗରେ ଜଣେ ୧୩ ବର୍ଷର ବାଳକକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଆଗ୍ରାର ବାସାଇ ଜଗନେର୍ ଥାନା ଅନ୍ତର୍ଗତ ସୋନି ଖେଡା ଗ୍ରାମରେ ଏହି ଅଘଟଣ ଘଟିଛି। ବାଳକର ପରିବାର ନିଜର ଚାଷ ଜମିକୁ କିଛି ଚାଷୀ ସହଭାଗୀଙ୍କୁ ଲିଜ୍‌ରେ ଦେଇଥିଲେ। ମୃତ ବାଳକ ଜଣକ ସେହି କ୍ଷେତରୁ ତରଭୁଜ ତୋଳୁଥିବା ସମୟରେ ଲିଜ୍ ନେଇଥିବା ବ୍ୟକ୍ତିମାନେ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ବାଳକକୁ ଛୁରିରେ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଆଗ୍ରା ଡିସିପି (ପଶ୍ଚିମ) ଆଦିତ୍ୟଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୋଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତ ରିଆଜୁଦ୍ଦିନ ଏବଂ ଶିରାଜୁଦ୍ଦିନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପୀଡିତଙ୍କ ପରିବାର ସହ ସେହି ଜମିରେ ଭାଗଚାଷୀ ଭାବେ କାମ କରୁଥିଲେ ବୋଲି ସୂଚନା ରହିଛି। ମୃତ ବାଳକର ଭଉଣୀ କ୍ଷେତକୁ ଯାଇଥିବା ବେଳେ ପ୍ରଥମେ ଭାଇର ମୃତଦେହ ଠାବ କରିଥିଲେ।

# ଭୋଟ ଗଣତି ପୂର୍ବରୁ ଉତ୍ତେଜନା

**କିଏ କାହାକୁ ଭୁଲ ପ୍ରମାଣିତ କରିବ ?**

## ମମତା ନା ଏକଜିଟ୍ ପୋଲ??

କଲିକତା,୨।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ମତଦାନ ଶେଷ ହୋଇଛି। ଏବେ ସମସ୍ତଙ୍କ ନଜର ନିର୍ବାଚନ ପରବର୍ତ୍ତୀ ସର୍ଭେ ଉପରେ ଅଟକିଛି। ଅଧିକାଂଶ ସର୍ଭେ ସଂସ୍ଥା ଏଥର ପଶ୍ଚିମବଙ୍ଗରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି। ଏହା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ପୂର୍ବରୁ ମଧ୍ୟ ଏହି ସର୍ଭେ ସଂସ୍ଥାଗୁଡ଼ିକୁ ଭୁଲ୍ ପ୍ରମାଣିତ କରିଥିବା ରେକର୍ଡ ରହିଛି। ଅତିକମରେ ୫ଟି ସର୍ଭେ ସଂସ୍ଥା ବିଜେପିକୁ ବିଜୟୀ ଦର୍ଶାଇଛନ୍ତି। ଅନ୍ୟପଟେ ପିପୁଲ୍ସ ପଲ୍ସ ଏବଂ ଜନମତ ଆଦିର ପୋଲ୍ ମମତା ବାନାର୍ଜୀ ପୁଣି ଥରେ ଶାସନକୁ ଫେରିବେ ବୋଲି ଭବିଷ୍ୟବାଣୀ କରିଛନ୍ତି। ସେମାନେ ଟିଏମସି ୨୦୦ରୁ ଅଧିକ ଆସନ ପାଇବା ନେଇ ଆଶା ପ୍ରକଟ କରିଛନ୍ତି। ପ୍ରଦୀପ ଗୁପ୍ତାଙ୍କ ନେତୃତ୍ୱାଧୀନ 'ଆକ୍ସିସ୍ ମାଇ ଇଣ୍ଡିଆ' ଭୋଟରଙ୍କ ନୀରବତା ଯୋଗୁଁ କୌଣସି ପୂର୍ବାନୁମାନ କରିବାକୁ ମନା କରିଦେଇଛି। ନିଜର ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ଅପଲୋଡ୍ କରି ମମତା ବାନାର୍ଜୀ ଏହି ସର୍ଭେ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ ଦାବି କରିଛନ୍ତି ଯେ ତୃଣମୂଳ କଂଗ୍ରେସ ଏଥର ୨୨୬ରୁ ୨୩୦ଟି ଆସନ ଜିତିବ। ବିଜେପିର ଚାପରେ ଏହି ସର୍ଭେଗୁଡ଼ିକ ପ୍ରସ୍ତୁତ କରାଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ମମତା ଆହୁରି କହିଛନ୍ତି ଯେ ସେୟାର ବଜାରରେ ମୁନାଫା କମାଇବା ଲାଗି ବିଜେପିର ଏହା ଆଉ ଏକ ଚାଲ। ଡେରେକ୍ ଓ'ବ୍ରାଏନ୍‌ଙ୍କ ଭଳି ଟିଏମସିର ବରିଷ୍ଠ ନେତାମାନେ ମଧ୍ୟ ଏହି ଆକଳନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ୨୦୧୬ ସର୍ଭେରେ କଡ଼ା ଟକ୍କର ଦର୍ଶାଯାଇଥିଲେ ମଧ୍ୟ ଟିଏମସି ୨୧୧ଟି ଆସନ ଜିତିଥିଲା। ୨୦୨୧ରେ ଅଧିକାଂଶ ସଂସ୍ଥା ବିଜେପିକୁ ଆଗରେ ରଖିଥିବା ବେଳେ ଟିଏମସି ୨୧୫ଟି ଆସନ ସହ ବୃହତ ବିଜୟ ହାସଲ କରିଥିଲା। ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ବିଜେପିର ଦବଦବା ରହିବ ବୋଲି କୁହାଯାଇଥିଲା, କିନ୍ତୁ ଟିଏମସି ୨୯ଟି ଲୋକସଭା ଆସନ ଜିତି ସମସ୍ତଙ୍କୁ ଚକିତ କରିଦେଇଥିଲା। ଆସନ୍ତା ୪ରେ ଭୋଟ୍ ଗଣତି ହେବ। ମମତା ନିଜ ଗଡ଼ ରକ୍ଷା କରିପାରୁଛନ୍ତି କି ନାହିଁ ସେହିଦିନ ଜଣାପଡ଼ିବ।

## ଫାଲଟାରେ ଟିଏମ୍‌ସି-ବିଜେପି କର୍ମୀ ମୁହାଁମୁହିଁ



ଫଲଟା,୨।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଭୋଟ ଗଣତି ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଫାଲଟା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ତୃଣମୂଳ କଂଗ୍ରେସ (ଟିଏମସି)ର କର୍ମୀ ଓ ନେତାମାନେ ସାଧାରଣ ଲୋକଙ୍କୁ ଧମକ ଚମକ ଦେବା ସହ ହିଂସାକାଣ୍ଡ ଘଟାଉଥିବା ଅଭିଯୋଗ କରି ଶନିବାର ସ୍ଥାନୀୟ ବାସିନ୍ଦାମାନେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଟିଏମସି ନେତାମାନେ ମୋଟରସାଇକେଲରେ ଗାଁ ଭିତରକୁ ପଶି ଲୋକଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି। ଏପରିକି କିଛି ମହିଳା ଦାବି କରିଛନ୍ତି ଯେ ସେମାନେ ଟିଏମସିକୁ ଭୋଟ୍ ଦେଇଥିଲେ ମଧ୍ୟ ସେମାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ସିଆର୍‌ପିଏଫ୍ ଏବଂ ରାପିଡ୍ ଆକ୍ସନ ଫୋର୍ସ ଯବାନମାନଙ୍କୁ ମୁତୟନ କରାଯାଇଛି। ପ୍ରତିବାଦକାରୀମାନେ ଅଞ୍ଚଳରେ ପୁନଃ ମତଦାନ କରିବା ସହ ସମଗ୍ର ଫଲତାରେ ସିଆର୍‌ପିଏଫ୍ ମୁତୟନ କରିବାକୁ ଦାବି କରିଛନ୍ତି। ଆଜି ସାନି ମତଦାନରେ ୮୪% ଭାଗ ନେଇଥିବା ଜଣାପଡ଼ିଛି।

# ପୁଣି ବଢ଼ିଲା ଆମେରିକା-ଇରାନ ଯୁଦ୍ଧ ଆଶଙ୍କା

ତେହେରାନ/ୱାସିଂଟନ,୨।୫(ଏଜେନ୍ସି): ମଧ୍ୟ-ପ୍ରାଚ୍ୟରେ ପରିସ୍ଥିତି ପୁଣି ଥରେ ଯୁଦ୍ଧ ମୁହାଁ ହେବାକୁ ଲାଗିଛି। ଇରାନ ଏବଂ ଆମେରିକା ମଧ୍ୟରେ ଏବେ ଯୁଦ୍ଧବିରତି ଜାରି ରହିଥିଲେ ମଧ୍ୟ କେହି କାହା ସହିତ କଥା ହେବା ସ୍ଥିତିରେ ନାହାନ୍ତି। ଶାନ୍ତି ଆଲୋଚନା ପାଇଁ ଆମେରିକାର ସର୍ତ୍ତ ଇରାନକୁ ମଞ୍ଜୁର ନୁହେଁ। ଇରାନର ସର୍ତ୍ତକୁ ମଧ୍ୟ ଆମେରିକା ପ୍ରତ୍ୟାଖ୍ୟାନ କରିଦେଇଛି। ପରମାଣୁ କାର୍ଯ୍ୟକ୍ରମ ତ୍ୟାଗ କରିବା ଲାଗି ଇରାନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଇରାନ ପ୍ରଥମେ ହରମୁଜ ଅବରୋଧ ହଟାଇବା ଲାଗି ଆମେରିକା ନିକଟରେ ଜିଦ୍ ଧରିଛି। କିଏ କାହରି ସର୍ତ୍ତ ମାନିବାକୁ ପ୍ରସ୍ତୁତ ନଥିବା ବେଳେ ଆକ୍ରମଣ ଓ ପ୍ରତିଆକ୍ରମଣ ପାଇଁ ଉଭୟ ପକ୍ଷ ପ୍ରସ୍ତୁତ ହେଉଛନ୍ତି। ଆମେରିକା ଓ ଇରାନର ନେତାମାନେ ଯେଉଁଭଳି ବୟାନ ଦେଉଛନ୍ତି, ସେଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ଆରମ୍ଭ ହୋଇପାରେ। ଇରାନର ସଶସ୍ତ୍ର ବାହିନୀ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ ଆମେରିକା ଆକ୍ରମଣ କଲେ ଏହାର ଭୟଙ୍କର ଜବାବ ଦିଆଯିବ। ଏହାସହିତ ଇରାନ ଅଭିଯୋଗ କରିଛି ଯେ ଆମେରିକା କୌଣସି ଅନ୍ତର୍ଜାତୀୟ ଚୁକ୍ତିକୁ ମାନୁନାହିଁ। ଆଜିର ସଂକଟ ପାଇଁ ଆମେରିକାକୁ ଦାୟୀ କରିଛି। ଇରାନ ସାମରିକ ମୁଖ୍ୟାଳୟର ଉପମୁଖ୍ୟ ମହମ୍ମଦ ଜାଫର ଅସାଦି କହିଛନ୍ତି ଯେ, ଆମେରିକା କୌଣସି କୂଟନୈତିକ ବୁଝାମଣା ରକ୍ଷା କରୁନାହିଁ। ଆମେରିକୀୟ ଅଧିକାରୀଙ୍କ କାର୍ଯ୍ୟକଳାପ କେବଳ ତେଲ ଦର ହ୍ରାସକୁ ରୋକିବା ଏବଂ ନିଜେ ସୃଷ୍ଟି କରିଥିବା ସମସ୍ୟାରୁ ବାହାରିବା ପାଇଁ ଏକ ମିଡିଆ-ପ୍ରେରିତ ପ୍ରୟାସ। ବର୍ତ୍ତମାନ ଇରାନ ସେନା ହାଇ-ଆଲର୍ଟରେ ଅଛି ଏବଂ ଆମେରିକାର ଯେକୌଣସି ଦୁଃସାହସିକ ପଦକ୍ଷେପ ବା ମୂର୍ଖାମୀର ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଅସାଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଇରାନ ରାଷ୍ଟ୍ରପତି ମଧ୍ୟ କହିଛନ୍ତି ଯେ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ଆରମ୍ଭ ହୋଇପାରେ।

ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସଦ୍ୟତମ ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଫ୍ଲୋରିଡା ଯିବା ସମୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଇରାନ ଏମିତି କିଛି ରିହାତି ଚାହୁଁଛି ଯାହାକୁ ସେ ଗ୍ରହଣ କରିପାରିବେ ନାହିଁ। ଇରାନ ପ୍ରଶାସନର ବ୍ୟବହାର ପାଗଳଙ୍କ ଭଳି। ଏଭଳି ପାଗଳଙ୍କ ହାତରେ ପରମାଣୁ ଅସ୍ତ୍ର ଆଦୌ ସୁରକ୍ଷିତ ନୁହେଁ। ତେଣୁ ଇରାନକୁ ପରମାଣୁ କାର୍ଯ୍ୟକ୍ରମ ତ୍ୟାଗ କରିବାକୁ ପଡ଼ିବ। ହର୍ମୁଜରେ ଆମେରିକାର ନୌସେନା ଜଳଦସ୍ୟୁ ଭଳି ଜଗି ରହିଛନ୍ତି। ଇରାନ ବନ୍ଦର ଉପରେ ନଜର ରଖାଯାଇଛି। ଏହି ଅବରୋଧ ହଟାଯିବାର ପ୍ରଶ୍ନ ଉଠୁନାହିଁ।

# ମେ'ରେ ସ୍ୱାଭାବିକଠାରୁ ଅଧିକ ବର୍ଷା



ନୂଆଦିଲ୍ଲୀ,୨।୫(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ, ଚଳିତ ବର୍ଷ ମେ ମାସରେ ସମଗ୍ର ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଅପ୍ରତ୍ୟାଶିତ ବର୍ଷା ଦେଶବାସୀଙ୍କୁ ଉତ୍ତପ୍ତ ତାପମାତ୍ରାରୁ ଆଶ୍ୱସ୍ତି ଦେଇପାରେ। କିନ୍ତୁ ଏହା ସହିତ ବନ୍ୟା ଏବଂ ଫସଲ ହାନି ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ପାଣିପାଗ ବିଭାଗ ଅନୁଯାୟୀ, ମେ'ରେ ଦୀର୍ଘକାଳୀନ ହାରାହାରି ବର୍ଷା (ଏଲ୍‌ପିଏ)ର ପରିମାଣ ହାରାହାରି ୧୧୦% ରୁ ଅଧିକ ହୋଇପାରେ। ଏହି ଅଧିକ ବର୍ଷା ଯୋଗୁଁ ଗ୍ରୀଷ୍ମ ପ୍ରବାହର ପ୍ରଭାବ କମିବାର ସମ୍ଭାବନା

**ଉତ୍ତର-ପଶ୍ଚିମ ଭାରତରେ ପ୍ରବଳ ବର୍ଷା ଓ ଝଡ଼ ଆଶଙ୍କା**

ରହିଛି। ଯଦିଓ ଦେଶର ଅଧିକାଂଶ ଭାଗରେ ପ୍ରଚୁର ବର୍ଷା ହେବ, ତଥାପି ପ୍ରଭାବ ସବୁଠି ସମାନ ହେବନାହିଁ। ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଅନ୍ୟପଟେ, ସବ୍-ହିମାଳୟ ପଶ୍ଚିମବଙ୍ଗ, ସିକିମ୍ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳରେ ମେ ୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ପବନ ବୋହିବା ନେଇ ବିଭାଗ ସତର୍କ କରିଛି।

ତେବେ ଆଇଏମ୍‌ଡି ଉତ୍ତର-ପଶ୍ଚିମ ଭାରତର ସମତଳ ଅଞ୍ଚଳ ଏବଂ କେନ୍ଦ୍ରୀୟ ଭାରତରେ ପ୍ରବଳ ବର୍ଷା ଓ ଝଡ଼ ନିମନ୍ତେ ଆଲର୍ଟ ଜାରି କରିଛି। ଉତ୍ତର-ପଶ୍ଚିମ ଭାରତର ଏକ ବିଶାଳ ଅଂଶରେ ବ୍ୟାପକ ବର୍ଷା ଏବଂ ଝଡ଼ବର୍ଷା ଜାରି ରହିଛି। ବିଶେଷ କରି ରାଜସ୍ଥାନରେ ଏହି ପ୍ରକ୍ରିୟା ଅଧିକ ଘନୀଭୂତ ହୋଇଥିବା ବେଳେ ସେଠାରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଜୋରରେ ପବନ ବହୁଥିବା ସୂଚନା ମିଳିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଏହି ସିଷ୍ଟମ୍ ବର୍ତ୍ତମାନ ହରିୟାଣା, ପଞ୍ଜାବ ଏବଂ ଉତ୍ତର ପ୍ରଦେଶ ଉପରେ ପ୍ରଭାବ ପକାଉଛି ଏବଂ ଧୀରେ ଧୀରେ ମଧ୍ୟପ୍ରଦେଶର ଉତ୍ତର ଭାଗ ଆଡ଼କୁ ଗତି କରୁଛି। ବର୍ତ୍ତମାନ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଆକାଶ ପ୍ରାୟତଃ ନିର୍ମଳ ଥିଲେ ହେଁ ପାଣିପାଗ ବିଜ୍ଞାନୀମାନେ ଝଡ଼ବର୍ଷା ନେଇ ସତର୍କ କରିଛନ୍ତି। ଏକ ବିଶାଳ ଏବଂ ସକ୍ରିୟ 'ଟ୍ରଫ୍' ବା ବାୟୁମଣ୍ଡଳୀୟ ଚାପରେଖା ଏହି ଅଞ୍ଚଳରେ ଶକ୍ତିଶାଳୀ ହେବାରେ ଲାଗିଛି। ଯାହା ଆରବ ସାଗର ଏବଂ ବଙ୍ଗୋପସାଗରରୁ ପ୍ରଚୁର ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ଆକର୍ଷିତ କରୁଛି। ଏହି କାରଣରୁ ମେ' ୪ ରୁ ମେ' ୭ ତାରିଖ ମଧ୍ୟରେ ଅନେକ ଶକ୍ତିଶାଳୀ ପଶ୍ଚିମା ଝଡ଼ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ସମଗ୍ର ଉତ୍ତର-ପଶ୍ଚିମ ଭାରତରେ ବ୍ୟାପକ ବର୍ଷା ଓ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗର ଏହି ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କୁ ସରକାରୀ ପାଣିପାଗ ପୂର୍ବାନୁମାନ ଉପରେ ନଜର ରଖିବାକୁ ଏବଂ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ନିଆଁ ଲଗାଇଛି ଏଆଇ ଫଟୋ

ଜବଲପୁର,୨।୫(ଏଜେନ୍ସି): ମଧ୍ୟପ୍ରଦେଶର ଜବଲପୁରରେ ନୌକା ଦୁର୍ଘଟଣା ପରେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ମା' ଓ ପୁଅଙ୍କ ହୃଦୟବିଦାରକ ଫଟୋର ସତ୍ୟତା ଏବେ ସାମ୍ନାକୁ ଆସିଛି। ଜବଲପୁର ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଲାଲ୍ ରଙ୍ଗର ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବା ମା'–ପୁଅଙ୍କ ସେହି ଚିତ୍ରଟି ପ୍ରକୃତରେ ଏଆଇ (କୃତ୍ରିମ ବୁଦ୍ଧିମତା) ନିର୍ମିତ। ଏହି ଫଟୋର ନୌକା ଦୁର୍ଘଟଣା ସହିତ କୌଣସି ସମ୍ପର୍କ ନାହିଁ। ତେବେ ପ୍ରକୃତ ଘଟଣାଟି ଭାଇରାଲ୍ ଫଟୋଠାରୁ ମଧ୍ୟ ଅଧିକ ଦୁଃଖଦାୟକ। ଉଦ୍ଧାରକାରୀ ଦଳ ଯେତେବେଳେ ପାଣି ଭିତରୁ ମୃତଦେହ ଉଦ୍ଧାର କରିଥିଲେ, ସେତେବେଳେ ସେମାନେ ୩୯ ବର୍ଷୀୟା ମାରିନା ମାସିଙ୍କୁ ତାଙ୍କର ୪ ବର୍ଷର ପୁଅ ତ୍ରିଶାନ୍‌ଙ୍କୁ ଜାବୁଡ଼ି ଧରିଥିବା ଅବସ୍ଥାରେ ପାଇଥିଲେ। କିନ୍ତୁ ଏହି ଫଟୋଟି ସଂପୂର୍ଣ୍ଣ ରୂପେ ମିଛ।



## ଟ୍ରମ୍ପ-ୟୁରୋପ ବିବାଦ; ଜର୍ମାନୀରୁ ୫୦୦୦ ସେନା ପ୍ରତ୍ୟାହାର କରିବ ଆମେରିକା

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଇରାନ ଯୁଦ୍ଧକୁ ନେଇ ଆମେରିକା ଏବଂ ୟୁରୋପ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଆମେରିକା ନିଜର ନାଟୋ ସହଯୋଗୀ ଜର୍ମାନୀରୁ ୫,୦୦୦ ସୈନ୍ୟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଜର୍ମାନ ଚାନ୍‌ସେଲର ଫ୍ରିଡ୍ରିକ୍ ମେର୍ଜଙ୍କ ଏକ ମନ୍ତବ୍ୟକୁ ନେଇ ୱାସିଂଟନ କ୍ଷୋଭ ପ୍ରକାଶ କରିଛି। ମେର୍ଜ କହିଥିଲେ ଯେ ଇରାନ ସହ ବୁଝାମଣା ପ୍ରକ୍ରିୟାରେ ଆମେରିକା ଅପମାନିତ ହେଉଛି। ପେଣ୍ଟାଗନର ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ଆମେରିକାର ସାମରିକ ଅଭିଯାନରେ ୟୁରୋପୀୟ ଦେଶଗୁଡ଼ିକର ସମର୍ଥନର ଅଭାବ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ରଖିବା ପାଇଁ ୟୁରୋପୀୟ ସହଯୋଗୀମାନେ ନୌସେନା ପଠାଇବାକୁ ମନା କରିଦେଇଛନ୍ତି। ଏହାକୁ ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ସମାଲୋଚନା କରିଛନ୍ତି। କେବଳ ଜର୍ମାନୀ ନୁହେଁ, ବରଂ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏବଂ ସ୍ପେନର ନେତୃତ୍ୱଙ୍କ ସହ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କ ମତଭେଦ ଦେଖାଦେଇଛି। ଏହି ଦେଶଗୁଡ଼ିକ ଇରାନ ବିରୋଧୀ ଅଭିଯାନ ପାଇଁ ନିଜର ଆକାଶମାର୍ଗ କିମ୍ବା ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ଦେବାକୁ କୁଣ୍ଠାବୋଧ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜର୍ମାନୀରେ ସମଗ୍ର ୟୁରୋପରେ ସର୍ବାଧିକ ପ୍ରାୟ ୩୫,୦୦୦ ଆମେରିକୀୟ ସୈନ୍ୟ ଅଛନ୍ତି। ଆଗାମୀ ୬ ରୁ ୧୨ ମାସ ମଧ୍ୟରେ ୫,୦୦୦ ସୈନ୍ୟଙ୍କୁ ପ୍ରତ୍ୟାହାର କରାଯିବ ବୋଲି ପେଣ୍ଟାଗନ ପକ୍ଷରୁ ସୂଚନା ରହିଛି।

## ଆପ୍ ଛାଡ଼ିବା ପରେ ସନ୍ଦୀପଙ୍କ ବିରୋଧରେ ପଞ୍ଜାବରେ ମାମଲା



ଚଣ୍ଡୀଗଡ଼, ୨।୫ (ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍)କୁ ଛାଡ଼ି କରି ବିଜେପିରେ ସାମିଲ ହେବାର କିଛି ଦିନ ମଧ୍ୟରେ ରାଜ୍ୟସଭା ସାଂସଦ ସନ୍ଦୀପ ପାଠକଙ୍କ ପାଇଁ ଆଇନଗତ ସମସ୍ୟା ବଢ଼ିଛି। ପଞ୍ଜାବ ପୋଲିସ ତାଙ୍କ ବିରୋଧରେ ଦୁଇଟି ପୃଥକ ଜିଲ୍ଲାରେ ଦୁର୍ନୀତି ଏବଂ ମହିଳା ନିର୍ଯାତନା ଭଳି ଗୁରୁତର ଅଭିଯୋଗରେ ଏଫ୍‌ଆଇଆର୍ ରୁଜୁ କରିଛି। ସନ୍ଦୀପଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାରେ ଜାମିନ ବିହୀନ ଦଫା ଲଗାଯାଇଥିବାରୁ ତାଙ୍କର ଗିରଫଦାରୀ ହେବାର ସମ୍ଭାବନା ମଧ୍ୟ ରହିଛି। ତେବେ ପଞ୍ଜାବ ପୋଲିସ ପକ୍ଷରୁ ଏହି ମାମଲା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ବିସ୍ତୃତ ସରକାରୀ ବିବୃତ୍ତି ଜାରି କରାଯାଇ ନାହିଁ। ସନ୍ଦୀପ ବିଜେପିରେ ସାମିଲ ହେବାର ପରେ ପରେ ଏହି ମାମଲା ରୁଜୁ ହୋଇଥିବାରୁ ବିଜେପି ଏହାକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିହିତ କରିଛି। ସାଂସଦ ସନ୍ଦୀପ ମଧ୍ୟ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ଏହି ଏଫ୍‌ଆଇଆର୍ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି। ଆପ୍ ପକ୍ଷରୁ ଏହି ପଦକ୍ଷେପ ସେମାନଙ୍କ ଭୟକୁ ଦର୍ଶାଉଛି ବୋଲି ମଧ୍ୟ ସେ କହିଛନ୍ତି। ଶିରୋମଣି ଅକାଳୀ ଦଳର ନେତା ବିକ୍ରମ ସିଂ ମଜିଠିଆ ଏହି ଘଟଣାର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସନ୍ଦୀପ ଆପ୍‌ରେ ଥିବା ବେଳେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ହୋଇନଥିଲା?

ସକାଳ THE SAKALA
ରବିବାର ୩ ମେ, ୨୦୨୬



### ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣା

# ପୂର୍ବତନ ଖଣ୍ଡପଡ଼ା ଏସ୍‌ଡିପିଓ ନିଲମ୍ବିତ

**ନୟାଗଡ଼/ଖଣ୍ଡପଡ଼ା,୨।୫(ସମିସ):** ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଅଭିଯୋଗରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ରାଜ୍ୟ ଗୃହ ମନ୍ତ୍ରାଳୟ ନିଲମ୍ବନ କରିଛି। ଏପ୍ରିଲ ୨୯ ତାରିଖ ଚିଠି ନଂ ୧୪୭୭୦ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ତାଙ୍କୁ ସେଣ୍ଟ୍ରାଲ୍ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ରହିଛି।



ଏସ୍‌ଡିପିଓ ଶ୍ରୀ ପ୍ରଧାନ ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିବା ସହ ରାତି ବିତାଇବାକୁ ଡାକିବା ଘଟଣାକୁ ନେଇ ତାଙ୍କ ନାମରେ ଗତ ୨୦ତାରିଖ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୁଲିସ ୧୧୮/୨୬ରେ ମାମଲା ରୁଜୁ କରିଥିଲା। ଏହାସହ ପୀଡ଼ିତାଙ୍କ ନାମରେ ସୋସିଆଲ ମିଡିଆରେ ଅପପ୍ରଚାର କରୁଥିବା ନେଇ୧୨୮/୨୬ରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏସ୍‌ଡିପିଓଙ୍କୁ ପ୍ରଥମେ ଖଣ୍ଡପଡ଼ାରୁ ପ୍ରତ୍ୟାହାର କରାଯାଇଥିଲା। ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ, ଏସ୍‌ଡିପିଓ ଶ୍ରୀ ପ୍ରଧାନ କାର୍ଯ୍ୟରେ ଯୋଗ ନ ଦେଇ ଛୁଟି ଦରଖାସ୍ତ ପଠାଇ ନିଖୋଜ ହୋଇଯାଇଥିଲେ। ନୟାଗଡ଼ ଜିଲ୍ଲା ପୁଲିସ୍ ଦୁଇ ଦୁଇଟି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କୌଣସି ପଦକ୍ଷେପ ନେଉନଥିବା ବେଳେ ଗୃହ ବିଭାଗ ତାଙ୍କୁ ନିଲମ୍ବନ କରିଛନ୍ତି।

ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହି ଆସିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳାପ, ହ୍ୱାଟସ୍-ଆପ୍ ଚାଟ୍ ଭାଇରାଲ ହେବା ପରେ ଏସ୍‌ଡିପିଓଙ୍କ କଳଙ୍କିତ ଚେହେରା ସାମ୍ନାକୁ ଆସିଛି।

ରଶ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ଏକ ମାମଲାର ସମାଧାନ କରିବା ବାହାନାରେ ଏସ୍‌ଡିପିଓ ତାଙ୍କୁ ହୋଟେଲକୁ ଡକାଇବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀକୁ କୌଣସି ମାମଲାରେ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି, ଏସ୍‌ଡିପିଓ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମହିଳାଙ୍କଠାରୁ ମିଳିଛି। ଯେଉଁଥିରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରିଥିବା ଶୁଣାଯାଇଛି। କେବେ ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ଗିରଫ ହେବେ, ତାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଏସ୍‌ଡିପିଓ ଜାମିନ ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିବା ସୂଚନା ମିଳିଛି।

### ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ମଇ ଦିବସ ପାଳିତ

# ସର୍ବନିମ୍ନ ମଜୁରି ୮୦୦ ଟଙ୍କା ଦାବିକଲେ ନବୀନ

**ଭୁବନେଶ୍ୱର,୨।୫(ସମିସ):** ରାଜ୍ୟରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୮୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବର୍ତ୍ତମାନର ବଜାର ପରିସ୍ଥିତି

**ବିଜେପି ସରକାରରେ ଶ୍ରମିକ କଲ୍ୟାଣ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ହେଉନି**

**ଆଶା, ଅଙ୍ଗନୱାଡ଼ି, ମିଶନ ଶକ୍ତି କର୍ମୀ ଓ କୃଷି ମିତ୍ରଙ୍କର ଦାବି ପୂରଣ କରନ୍ତୁ ସରକାର**

ପରିପ୍ରେକ୍ଷୀରେ ଏହି ବୃଦ୍ଧି ଜରୁରୀ ହୋଇ ପଡ଼ିଛି ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ ମଇ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।




ଭୁବନେଶ୍ୱରସ୍ଥିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ମୁଖ୍ୟାଳୟରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନବୀନ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ବିଜୁ ବାବୁ ଥିଲେ ଶ୍ରମିକମାନଙ୍କର ବନ୍ଧୁ। ସର୍ବନିମ୍ନ ମଜୁରିରେ ଐତିହାସିକ ବୃଦ୍ଧି କରିବା ସହିତ ସେ ମହିଳାମାନଙ୍କୁ ମଧ୍ୟ ସମାନ ମଜୁରି ଦେଇ ସାମାଜିକ ତଥା ଆର୍ଥିକ ସାମ୍ୟତା ଆଣିଥିଲେ। ବିଜୁ ବାବୁ ତଥା ବିଜୁ ଜନତା ଦଳ ସରକାର ସମୟରେ ହିଁ ଶ୍ରମିକମାନଙ୍କ କଲ୍ୟାଣ ଓ ସାମାଜିକ ନିରାପତ୍ତା ପାଇଁ ସବୁଠାରୁ ଅଧିକ କାମ ହୋଇଥିଲା। କିନ୍ତୁ ଏବେ ବିଜେପି ସରକାର ସମୟରେ ଶ୍ରମିକ କଲ୍ୟାଣ ଯୋଜନାଗୁଡ଼ିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ। ସେହିପରି ପରିବହନ ଓ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଗଠିତ କଲ୍ୟାଣ ବୋର୍ଡଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ସ୍ଥାଣୁ ହୋଇଯାଇ ଥିବାରୁ ସେଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଥିଲେ। ମିଶନ ଶକ୍ତି କର୍ମୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, କୃଷି ମିତ୍ର, ପ୍ରାଣୀ ମିତ୍ର ଓ ବ୍ୟାଙ୍କ ମିତ୍ର ପରି ଯୋଜନା ଭିତ୍ତିକ କର୍ମଚାରୀମାନେ ନିରନ୍ତର ସେବା ପ୍ରଦାନ କରି ଆସୁଥିବା ବେଳେ ସେମାନଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ଦୃଢ଼ ଦାବି ଜଣାଇଥିଲେ। ବିଜୁ ଜନତା ଦଳ ସବୁବେଳେ ଶ୍ରମିକମାନଙ୍କ ସହିତ ରହିଛି ଏବଂ ଆଗାମୀ ଦିନରେ ସେମାନଙ୍କ ହକ୍ ପାଇଁ ଲଢ଼େଇ ଜାରୀ ରଖିବ ବୋଲି ସେ ଘୋଷଣା କରିଥିଲେ।

ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଟକ ମହାନଗର ନିଗମର ମେୟର ସୁବାସ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ଜନଗଣନା ସାରି ଫେରିଲେ; ଘରେ ଟଳିପଡ଼ିଲେ ଶିକ୍ଷକ

**ଭଦ୍ରକ/ବାସୁଦେବପୁର, ୨।୫(ସମିସ):** ଜନଗଣନା ବେଳେ ଟଳି ପଡ଼ିଲେ ଆଉ ଜଣେ ଶିକ୍ଷକ। ମୃତ ଶିକ୍ଷକ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନ ଆର୍ଡୁଁ ଗାଁର ବଳରାମ ବିନ୍ଧାଣି। ସେ ଚାନ୍ଦବାଲି ବ୍ଲକ୍ ଗାରଦପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ



ଭାବେ କାର୍ଯ୍ୟରତ ଥିଲେ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା ଏବଂ ଏହି କାରଣରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି।

**ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଜୀବନ ନେଲା**

ସୂଚନାନୁଯାୟୀ, ବଳରାମ ଗୁରୁବାର ଜନଗଣନା କାର୍ଯ୍ୟ ସାରି ଘରକୁ ଫେରିଥିଲେ। ସେଦିନ ରାତିରେ ସେ ପ୍ରବଳ ଅସୁସ୍ଥ ଅନୁଭବ କରିଥିଲେ। ସକାଳୁ ପରିବାରଲୋକ ତାଙ୍କୁ ଚିକିତ୍ସା ଲାଗି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବା ପରେ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଳରାମଙ୍କ ମୃତ୍ୟୁରେ ବାସୁଦେବପୁର ଓ ଚାନ୍ଦବାଲି ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଏନ୍‌ଇପି କାର୍ଯ୍ୟାନ୍ୱୟନ ପାଇଁ ଜାତୀୟ କର୍ମଶାଳା

# ଦେଶକୁ 'ନଲେଜ୍ କ୍ୟାପିଟାଲ୍' କରିବ ଜାତୀୟ ଶିକ୍ଷା ନୀତି

**ଭୁବନେଶ୍ୱର, ୨।୫(ସମିସ):** ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବା ପାଇଁ ଜାତୀୟ ଶିକ୍ଷା ନୀତି ଏକ ମହତ୍ ମିଶନ। ପିଲାମାନଙ୍କୁ ପୁସ୍ତକ ଜ୍ଞାନ ମଧ୍ୟରେ ସିମିତ ନ ରଖି ଶିଳ୍ପାୟନ ପାଇଁ ପ୍ରସ୍ତୁତ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ଏହାସହ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା ପାଇଁ ଦକ୍ଷତା ବିକାଶ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର କାର୍ଯ୍ୟାନ୍ୱୟନ ପାଇଁ ଆଜି ଲୋକସେବା ଭବନରେ ଅନୁଷ୍ଠିତ ଦୁଇ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାସହ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ "ବୈପ୍ଳବିକ ପରିବର୍ତ୍ତନ' ପାଇଁ ଆହ୍ୱାନ ଦେବା ସହ ଓଡ଼ିଶାକୁ ଦେଶର "ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି।




ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଶିକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଚଳିତ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୭୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଶୈକ୍ଷିକ ପାର୍ଥକ୍ୟ ଦୂର କରିବା ପାଇଁ ପ୍ରତି ପଞ୍ଚାୟତରେ "ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ', ସାମାଜିକ ନ୍ୟାୟ ଏବଂ ସମାନତାକୁ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗର ପିଲାଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ, ଅନୁସୂଚିତ ଜନଜାତି ପିଲାଙ୍କ "ଡ୍ରପ୍-ଆଉଟ୍' ରୋକିବା ପାଇଁ "ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପରି ଅନନ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ମାତୃଭାଷାରେ ଶିକ୍ଷାଦାନ ପାଇଁ ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବାକୁ ଇଗ୍ନୋ ସହ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାକୁ ଆଗାମୀ ଦିନରେ ଦେଶର ଶ୍ରେଷ୍ଠ "ଜ୍ଞାନ ଭିତ୍ତିକ ସମାଜ' ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ସମଗ୍ର ଦେଶରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଆଦିକବି ସାରଳା ଦାସ, ବ୍ୟାସକବି ଫକୀରମୋହନ ଓ ସନ୍ଥକବି ଭୀମ ଭୋଇଙ୍କ ଭଳି ମହାପୁରୁଷଙ୍କ ଦର୍ଶନ ଓଡ଼ିଶାକୁ ଏକ ସଭ୍ୟ ସମାଜ ଭାବେ ବିଶ୍ୱ ଦରବାରରେ ପରିଚିତ କରିଛି। ସେହିପରି ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟା ୪୪ ବର୍ଷ ବୟସ ମଧ୍ୟରେ। ଅର୍ଥାତ୍ ନବସୃଜନ ପାଇଁ ରାଜ୍ୟରେ ଏକ ବିରାଟ ସୁଯୋଗ ରହିଛି। ଶିକ୍ଷା ଡିଗ୍ରୀ ମଧ୍ୟରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିର ମାଧ୍ୟମ ପାଲଟିଛି। ବର୍ତ୍ତମାନ ରାଜ୍ୟର ଜିଇଆର୍ ୨୩ ପ୍ରତିଶତ ଥିବାବେଳେ ୨୦୩୬ ସୁଦ୍ଧା ଜାତୀୟ ହାର (୨୯%) ଠାରୁ ଅଧିକ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ରୋଡମ୍ୟାପ ଉପସ୍ଥାପନ କରିଛନ୍ତି। ବିଭାଗୀୟ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ କରିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତଙ୍କ ସମେତ କୁଳପତିମାନେ ଉପସ୍ଥିତ ଥିଲେ।

# କାଳ ବୈଶାଖୀରେ ନଡ଼ିଆଗଛ ନେଲା ମହିଳାଙ୍କ ଜୀବନ

**ପଞ୍ଚୁପାଣ୍ଡବ/ଡେରାବିଶ,୨।୫(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ହେମନ୍ତ ପରିଡ଼ାଙ୍କ ସ୍ତ୍ରୀ ପ୍ରିୟତମା ପରିଡ଼ା (୪୮)ଙ୍କ କାଳ ବୈଶାଖୀରେ ନଡ଼ିଆ ଗଛ ପଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆଜି ପ୍ରାୟ ସାଢେ ୪ଟା ସମୟରେ ହଠାତ କାଳ ବୈଶାଖୀ ଆସିଥିଲା। ସେହି ସମୟରେ ପବନର ବେଗ ଅଧିକ ଥିବାରୁ ଘର ପାଖରେ ଥିବା ନଡ଼ିଆ ଗଛ ତାଙ୍କ ଉପରେ ପଡ଼ିଯାଇଥିଲା। ଗଛ ପଡ଼ିବା ସମୟରେ ଏକ ବିଦ୍ୟୁତ ତାର ଉପରେ ପଡ଼ି ପରେ ମହିଳାଙ୍କ କାମ ମୁଣ୍ଡ ଉପରେ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କାଳବୈଶାଖୀରେ ତାଳଗଛ ପଡ଼ି ଚାଷୀ ମୃତ

**ବ୍ରହ୍ମବରଦା, ୨।୫(ସମିସ):** ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ଗ୍ରାମପଞ୍ଚାୟତ ସ୍ଥିତ ବଡ଼ବାଲିକୁଦା ଗ୍ରାମରେ କାଳବୈଶାଖି ପ୍ରଭାବରେ ଏକ ତାଳଗଛ ଉପୁଡ଼ି ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହିଗ୍ରାମର ବଙ୍କିମ ଜେନାଙ୍କ ପୁଅ ଅଜିତ ଜେନା(୩୬)। ପ୍ରକାଶ ଥାଉକି ଆଜି ଅପରାହ୍ନରେ ଅଜିତ ନିଜ ପୋଟଳ ବିଲକୁ ଔଷଧ ପକାଇବାକୁ ଯାଇଥିବା ସମୟରେ ହଠାତ କାଳବୈଶାଖୀ ମାଡ଼ିଆସିବାରୁ ତାଳଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ହଠାତ ପବନ ମାଡ଼ିଆସବାରୁ ତାଳଗଛ ମଝିରୁ ଭାଙ୍ଗିଯାଇଥିଲା। ଫଳରେ ଗଛତଳେ ଚାପିହୋଇ ଅଜିତଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଅଜିତ୍‌ଙ୍କ ପତ୍ନୀ ମାନସିକ ଭାରସାମ୍ୟ ହାରାଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ଦହିବରା ଖାଇ ଜଣେ ମୃତ; ୧୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ଦଶରଥପୁର/କୟାଁଗୋଲା, ୨।୫ (ସମିସ):** ଦଶରଥପୁର ବ୍ଲକରେ ବିଷାକ୍ତ ଦହିବରା ଖାଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ମହିଳା ହେଲେ, ପାଟପୁର ଗ୍ରାମ ନିଆରୀ ସାହିର ସୁନ୍ଦରୀ ଜେନା (୭୫)। ପାଟପୁର, ଚମ୍ପେଇପାଳ, କଟିକଟା, କଳିଙ୍ଗପୁର, ଓଡ଼େଇ, ପଞ୍ଚରାସାହି ଓ ବନ୍ଧସାହି ଆଦି ଗ୍ରାମର ଲୋକେ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ମହିଳା ଓ ୫ଶିଶୁଙ୍କୁ ମିଶାଇ ୩୫ରୁ ଊର୍ଦ୍ଧ୍ୱ ଅସୁସ୍ଥଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ

- **ପ୍ରଭାବିତ ଅଞ୍ଚଳରେ ନଳକୂପ ଗୁଡ଼ିକୁ ବିଶୋଧନ**
- **ଦହିବରା ବ୍ୟବସାୟୀକୁ ଖୋଜୁଛି ପୁଲିସ**

ବାକି ଅସୁସ୍ଥ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ଜିଲ୍ଲାପାଳ ଅମ୍ବର କୁମାର କର, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ସ୍ଥିତିର ସମୀକ୍ଷା କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସବୁଠୁ ଅଧିକ ପ୍ରଭାବିତ ପାଟପୁର ଗ୍ରାମରେ ଅସ୍ଥାୟୀ କ୍ୟାମ୍ପ ଖୋଲି ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ସୂଚନା ମୁତାବକ, ଗତକାଲି ସକାଳ ପ୍ରାୟ ସାଢ଼େ ୯ଟାରେ ଦଶରଥପୁର ପଞ୍ଚାୟତ ତୁଳାଟିଆ ସାହିର ଜଣେ ଦହିବରା ବେପାରୀ ଜୟନ୍ତରା ପଞ୍ଚାୟତ ପାଟପୁର, ଜୁନିଦା ଗ୍ରାମକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ବୟସ୍କ, ଶିଶୁ ଓ ମହିଳାମାନେ ତାଙ୍କଠାରୁ ଦହିବରା ଖାଇଥିଲେ। ପରେ ବନ୍ଧସାହି, କଟିକଟା, ଚମ୍ପେଇପାଳ, କଳିଙ୍ଗପୁର ଗ୍ରାମବାସୀ ମଧ୍ୟ ତାଙ୍କଠାରୁ ଦହିବରା ଖାଇଥିଲେ। ସନ୍ଧ୍ୟାରେ ଦହିବରା ଖାଇଥିବା ଏସବୁ ଗ୍ରାମର ଅନେକ ବ୍ୟକ୍ତିଙ୍କ ପେଟଯନ୍ତ୍ରଣା ସହ ବାନ୍ତି ଓ ତରଳ ଝାଡ଼ା, ଜ୍ୱର ହୋଇଥିଲା। ରାତି ହେଉହେଉ ଅସୁସ୍ଥଙ୍କ ସଂଖ୍ୟା ୧୦୦ ପାର୍ ହୋଇଯାଇଥିଲା। ଜଣଙ୍କ ପରେ ଜଣେ ଅସୁସ୍ଥ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।



ଅସୁସ୍ଥମାନଙ୍କ ମଧ୍ୟରୁ ପାଟପୁର ଗ୍ରାମର ରବୀନ୍ଦ୍ର ଘଡ଼େଇ, ପ୍ରଫୁଲ ଘଫେଇ, ଉମାକାନ୍ତ ସାମଲ, ପରଣୀୟ ଜେନା, ସଦାନନ୍ଦ ଜେନା, ସୁବାସ ଜେନା, ଶିଶିର ଘଡ଼େଇ, ମାମୁନି ଘଡ଼େଇ, କମଳିନି ଧଳ, ନିରୁପମା ମିଶ୍ର, ମଳୟ ଜେନା, ପୁଷ୍ପଲତା ଜେନା, ମହମ୍ମା ଗିରି, ଜିନଦ ପଣ୍ଡାଙ୍କ ସମେତ ୧୫ମହିଳା ଓ ୫ ଶିଶୁଙ୍କୁ ମିଶାଇ ୩୫ରୁ ଊର୍ଦ୍ଧ୍ୱ ଗୁରୁତରଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଜିଲ୍ଲାପାଳ ଅମ୍ବରକୁମାର କର, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ମେଡିକାଲରେ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସାକୁ ନେଇ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସବୁଠୁ ଅଧିକ ପ୍ରଭାବିତ ପାଟପୁର ଗ୍ରାମରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଖୋଲି ଗ୍ରାମବାସୀଙ୍କ ଚିକିତ୍ସା ଆରମ୍ଭ କରିଛି। ମଙ୍ଗଳପୁର ସିଏଚ୍‌ସିରେ ଚିକିତ୍ସାଧୀନ ଥିବା ବ୍ଲକ ଅଧୀନ ଜୟନ୍ତରା ପଞ୍ଚାୟତ ନିଆରୀ ସାହିର ଅସୁସ୍ଥ ସୁନ୍ଦରୀ ଜେନାଙ୍କ ମୃତ୍ୟୁକୁ ନେଇ ସିଏଚ୍‌ସି ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ ମଧ୍ୟ ଡାକ୍ତର ତାଙ୍କୁ କାହିଁକି ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କଲେ ନାହିଁ ବୋଲି ପରିବାରଲୋକେ ଅଭିଯୋଗ କରିଥିଲେ।

ଅପରପକ୍ଷେ ଜିଲ୍ଲାପାଳ ଶ୍ରୀ କର କହିଛନ୍ତି ଯେ ସମସ୍ତ ଅସୁସ୍ଥଙ୍କ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଦହିବରା ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ନମୁନା ପରୀକ୍ଷା ରିପୋର୍ଟ ଆସିଲେ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସେହିପରି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସମାଜସେବୀ କର୍ଣ୍ଣାଟ କେଶରୀ ଦାସଙ୍କ ସମେତ ବ୍ଲକର ବହୁ ସରପଞ୍ଚ ଓ ସମିତି ସଭ୍ୟ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟିବା ସହ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୃତ ମହିଳାଙ୍କ ବ୍ୟବଚ୍ଛେଦ ପରେ ଶବ ଘରକୁ ଅଣାଯାଇଛି ଏବଂ ଗ୍ରାମ ଶ୍ମଶାନରେ ସତ୍କାର କରାଯିବ ବୋଲି ପରିବାରସଦସ୍ୟଙ୍କଠାରୁ ପ୍ରକାଶ। ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ତରଫରୁ ୧୦ହଜାର ଟଙ୍କା ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତହସିଲଦାର ଶୁଭ୍ରାଂଶୁ ସାହୁ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଓ ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ ମଧ୍ୟ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

JOIN THE TEAM

ADITYA BIRLA
HINDALCO

**DIPLOMA TRAINEES/DIPLOMA ENGINEERS REQUIRED**

Leading Aluminium Manufacturing Company, **Hindalco Industries Limited**, is inviting applications from eligible Diploma candidates, domiciled in Odisha in the following categories for its manufacturing plants and projects in Sambalpur Cluster, Odisha

**Category-1**-2025 Pass out Batch/2026 Passing out Batch (subject to fulfilling the desired criteria)

**Category-2**-Early career professionals (1-4 years relevant industry experience only)

**Specialization: Mech/Elec/Elect & Inst/Metallurgy/Chem**

**Criteria:** Minimum 60% aggregate marks (or equivalent CGPA, as per the issuing institution's conversion norms) in 10th standard and Diploma. (3 years full time Diploma from recognized Polytechnics/Institutes), Hindalco reserves the right to assess equivalence of CGPA/Percentage.

**Age:** Up to 25 years (relaxable for candidates with relevant experience, as per company policy and applicable law)

Candidates with relevant experience and matching criteria may send their CV to
**hindalco.hiring@adityabirla.com**

**Last date of Application 12th May 2026**

Applications submitted through any other mode will not be accepted. Only shortlisted candidates will be contacted for further rounds. Incomplete applications or those not meeting eligibility criteria will be rejected.

**Important Notes:**

- Selection would be through written test (domain knowledge and aptitude) followed by personal interview.
- Final selection will be subject to medical fitness and background verification, carried out in accordance with applicable law and with the candidate's consent. Personal data submitted by candidates will be processed solely for recruitment purposes, in accordance with applicable data protection laws.
- By applying, candidates consent to the processing of their personal data for recruitment-related purposes.
- The Company reserves the right to modify, cancel or withdraw this recruitment process, in whole or in part, without assigning any reason.
- Hindalco does not charge any fees at any stage of the recruitment process.
- Engagement, designation and terms (including trainee / probationary status, if any) will be governed by the appointment letter and as per company norms.
- Hindalco is an equal opportunity employer.

# ଇମ୍ଫା ପକ୍ଷରୁ ଦୁଇଟି ଜଳଛତ୍ର ଉଦ୍‌ଘାଟିତ



ଯଖପୁରା,୨।୫(ସମିସ): ରାଜ୍ୟର ଅଗ୍ରଣୀ ଫେରୋକ୍ରୋମ ଉତ୍ପାଦକ ସଂସ୍ଥା ଇମ୍ଫା କମ୍ପାନୀ ପକ୍ଷରୁ କଳିଙ୍ଗନଗର ଅଞ୍ଚଳର ଯଖପୁରା ଓ ମାନତୀରା ପଞ୍ଚାୟତରେ ଦୁଇଟି ଜଳଛତ୍ର ଶିବିର ଉଦ୍‌ଘାଟିତ ହୋଇଛି।ଏହି ଜଳଛତ୍ର ଶିବିରକୁ ସମାଜସେବୀ ଶ୍ରୀ ସଞ୍ଜୟ ମହାନ୍ତି, ସମିତି ସଭ୍ୟ ଶ୍ରୀ ଜୟପ୍ରକାଶ ସାହୁ ଓ ଇମ୍ଫା କଳିଙ୍ଗନଗରର ଜେନେରାଲ ମ୍ୟାନେଜର (ମାନବ ସମ୍ବଳ ଓ ପ୍ରଶାସନ) ଶ୍ରୀ ଜି.ଏସ.ପି. ରାଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିର ମାଧ୍ୟମରେ ଲୋକମାନେ ଥଣ୍ଡା ପାଣି ଓ ଦହିପାଣି ପାଇ ତୃଷ୍ଣା ନିବାରଣ କରିପାରିବେ।ଇମ୍ଫାର ଜି.ଏମ୍ ଶ୍ରୀ ଜି.ଏସ.ପି. ରାଓ ଜଣାଇଥିଲେ ଯେ, ଏହି ଜଳଛତ୍ର ଶିବିରଗୁଡ଼ିକ ଗ୍ରୀଷ୍ମ ଋତୁର ଶେଷ ପର୍ଯ୍ୟନ୍ତ ଚାଲିବ। ସେ ଆହୁରି କହିଥିଲେ ଯେ, ଇମ୍ଫା ସଂସ୍ଥା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ମାଧ୍ୟମରେ ନିରନ୍ତର ଲୋକହିତକର କାର୍ଯ୍ୟ କରୁଛି।ଏହି ଅବସରରେ ଅଞ୍ଚଳର ବୁଦ୍ଧିଜୀବୀ ଶ୍ରୀ ମଦନ ମୋହନ ଜେନା, ସମାଜସେବୀ ରାମ ଚନ୍ଦ୍ର ଧଳ, ବରିଷ୍ଠ ସାମ୍ବାଦିକ ଶ୍ରୀ ଅକ୍ଷୟକୁମାର ଧଳ ଉପସ୍ଥିତ ରହି କମ୍ପାନୀର ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ।ଏହା ସହ ଇମ୍ଫାର ଲୋକସମ୍ପର୍କ ବିଭାଗର ଡି.ଜି.ଏମ୍ ଶ୍ରୀ ବାସୁଦେବ ମୁଣ୍ଡା, ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ପ୍ରିୟବ୍ରତ କେଶି, ସିନିୟର ମ୍ୟାନେଜର ଶ୍ରୀ ସୁଧାଂଶୁ ରାଉତ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ମ୍ୟାନେଜର ଶ୍ରୀ ଆଶିଷ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ସୁଜିତ କୁମାର ରାଉତ ସୁଚାରୁ ଭାବେ ପରିଚାଳନା କରିଥିଲେ।ସହଯୋଗୀ ଭାବେ ଶ୍ରୀମତୀ ମୋନାଲିସା ମହାରଣା, ଶ୍ରୀମତୀ ଅଞ୍ଜନା ସେଠୀ, ସୁଶ୍ରୀ ବର୍ଷାରାଣୀ ବାରିକ ଓ ଶ୍ରୀ ପତିତପାବନ ନାଥ ଉଲ୍ଲେଖନୀୟ ଭୂମିକା ନେଇଥିଲେ।

# ଦାନଗଦିରେ ଶ୍ରମିକ ଦିବସ

ଦାନଗଦି,୨।୫(ସମିସ): ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ ପକ୍ଷରୁ ଦାନଗଦି ଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ସଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ। ୟୁନିଅନର ସଭାପତି ସବ୍ୟସାଚୀ ବଳସାମନ୍ତ ଯୋଗଦେଇଥିଲେ। ଏଥିରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ସୁଧାଂଶୁ ଭଞ୍ଜ, ପ୍ରତାପ ଚନ୍ଦ୍ର ଧୀର, ହଳଧର ନାୟକ, ବିଜେପିର ସୁକିନ୍ଦା ପ୍ରଭାରୀ ଦୀପ୍ତିରେଖା ମିଶ୍ର ଓ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବିଭିନ୍ନ କାରଖାନା ଶାଖାରୁ ଆସିଥିବା କାର୍ଯ୍ୟକର୍ତ୍ତା ମାନେ ଶିଳ୍ପ ଶ୍ରମିକ ମାନେ ଭୋଗୁଥିବା ସମସ୍ୟା ଓ ଶୋଷଣ ସମ୍ପର୍କରେ ମଞ୍ଚରେ ଅଭିଭାଷଣ ରଖିଥିଲେ।



# ମାଟ୍ରିକ ପରୀକ୍ଷା ଫଳ

# ଯାଜପୁରରେ ପାସ୍‌ହାର୍ ୯୪.୬୨ ପ୍ରତିଶତ

ଯାଜପୁର,୨।୫(ସମିସ):

ଆଜି ଅପରାହ୍ନରେ ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଯାଜପୁର ଜିଲ୍ଲାରେ ପରୀକ୍ଷା ଦେଇଥିବା ମୋଟ ୨୫,୫୪୪ ଜଣଙ୍କ ମଧ୍ୟରୁ ୨୪,୧୬୯ ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ

- **୬୭ ଜଣ ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ**
- **ଶୁଭମ ସାହୁ ଜିଲ୍ଲା ଟପ୍ପର**

୧୩୭୫ ଜଣ ଛାତ୍ରଛାତୀ ଅକୃତ୍ୟକାର୍ଯ୍ୟ ହୋଇଛନ୍ତି। ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨,୦୬୯ ଜଣ ଛାତ୍ରୀ ଏବଂ ୧୨,୧୦୦ ଜଣ ଛାତ୍ର ଅଛନ୍ତି। ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୭ ଜଣ ଏ-୧ ଗ୍ରେଡ୍‌ରେ ପାସ କରିଥିବା ବେଳେ ୫୮୨ ଜଣ ଏ-୨ ଗ୍ରେଡ୍‌ରେ ପାସ କରିଛନ୍ତି। ଏ-୧ ଗ୍ରେଡ୍‌ରେ ପାସ କରିଥିବା ମୋଟ ୬୭ ଜଣଙ୍କ ମଧ୍ୟରୁ ଯାଜପୁର ବ୍ଲକ କାକୁଡିକୁଦ ନୀଳକଣ୍ଠପୁର ସତ୍ୟସାଇ ହାଇସ୍କୁଲର ଛାତ୍ର ଶୁଭମ ସାହୁ ମୋଟ ୫୭୩ ମାର୍କ (୯୫.୫ ପ୍ରତିଶତ) ରଖି ଜିଲ୍ଲାର ଟପ୍ପର



ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ରସୁଲପୁର ବ୍ଲକରୁ ସର୍ବାଧିକ ୧୧ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ବଡ଼ଚଣା ବ୍ଲକରୁ ୬ ଜଣ, ବରୀ ବ୍ଲକରୁ ୪ ଜଣ, ବିଞ୍ଝାରପୁର ବ୍ଲକରୁ ୪ ଜଣ, ଦାନଗଦି ବ୍ଲକରୁ ଜଣେ, ଦଶରଥପୁର ବ୍ଲକରୁ ୭ ଜଣ, ଧର୍ମଶାଳା ବ୍ଲକରୁ ୭ଜଣ, ଯାଜପୁର ବ୍ଲକରୁ ୮ ଜଣ, ଯାଜପୁର ପୌରପାଳିକାରୁ ୨ଜଣ, କୋରେଇ ବ୍ଲକରୁ ୧୦ ଜଣ, ବ୍ୟାସନଗର ପୌରପାଳିକାରୁ ୫ ଜଣ, ରସୁଲପୁର ବ୍ଲକରୁ ୧୧ ଜଣ, ସୁକିନ୍ଦା ବ୍ଲକରୁ ୨ ଜଣ ପାସ କରିଥିବା ଜଣାପଡିଛି। ମୋଟ ୬୭ ଜଣ ଏ-୧ ଗ୍ରେଡ ମଧ୍ୟରୁ ୩୮ ଜଣ ଛାତ୍ରୀ ଥିବା ବେଳେ ୨୯ ଜଣ ଛାତ୍ର ଥିବା ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ଜିଲ୍ଲାର ମୋଟ ୪୪୩ ଟି ବିଦ୍ୟାଳୟର ମୋଟ ୨୫,୫୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୫୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ବିଞ୍ଝାରପୁରରେ ୪ ଜଣ ପାଇଲେ ଏ-୧

ବିଞ୍ଝାରପୁର: ମାଟ୍ରିକ ପରୀକ୍ଷାରେ ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୩ଜଣ ଛାତ୍ରୀ ଓ ଜଣେ ଛାତ୍ର ଏ-୧ ପାଇଥିବା ଜଣାପଡିଛି। ସେମାନେ ହେଲେ ବିଞ୍ଝାରପୁର ଶିକ୍ଷା ମଣ୍ଡଳର କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୋନାଲି ସାହୁ ମୋଟ ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଫତେପୁର ସ୍ଥିତ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିପ୍ଳବ ଗୁରୁ ୫୪୦ ନମ୍ବର ରଖି ଏ-୧ ପାଇଛନ୍ତି। ସେହିପରି ଗୁହାଳିସ୍ଥିତ ଗୁହାଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁପ୍ରିତା ଧଳ ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ସେହି ବିଦ୍ୟାଳୟର ଛାତ୍ରୀ ଦିବ୍ୟାଶା ନାୟକ ସର୍ବୋଚ୍ଚ ୫୬୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି।



## ଦାନଗଦି ବ୍ଲକ ଟପ୍ପର ବିଶ୍ୱଜିତ

ଦାନଗଦି: ଦାନଗଦି ବ୍ଲକ ଅନ୍ତର୍ଗତ ମାନପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ୍ ବେହେରା ମୋଟ ୫୪୦ (ଏ-୧) ନମ୍ବର ରଖି ଦାନଗଦି ବ୍ଲକର ଟପ୍ପର ହେଇଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ଟୋଲକ ନେଣ୍ଡୀ ବରମାଳ ଗ୍ରାମରେ। ତାଙ୍କ ବାପା ବଟକୃଷ୍ଣ ବେହେରା ମାତା ସସ୍ମିତା ବେହେରା। ଟପ୍ପର ଖବର ପାଇବା ପରେ ବିଶ୍ୱଜିତ୍‌ଙ୍କୁ ସବୁଆଡୁ ଶୁଭେଚ୍ଛାର ବାର୍ତ୍ତା ସୁଅ ଛୁଟିଛି।



# ସିଆଇଟିୟୁ ପକ୍ଷରୁ ଶୋଭାଯାତ୍ରା

ବ୍ୟାସନଗର,୨।୫(ସମିସ): ବିଶ୍ୱ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ସିଆଇଟିୟୁ ଏବଂ ସିଆଇଟିୟୁ ଅନୁବନ୍ଧିତ ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ପାଚିକା ସଂଘ ଓ ରେଲୱେ ହକର୍ସ ୟୁନିୟନର ମିଳିତ ଶ୍ରମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସହର ପରିକ୍ରମା କରି ଡୋଲିପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଶ୍ରମିକ ଶ୍ରେଣୀର ଲାଲ୍ ପତାକାକୁ ଉତ୍ତୋଳନ କରିଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପନି କିସ୍କୁ, ପ୍ରକାଶ ବେହେରା, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ସମୀର ମୁଖି, ଧିରେନ୍ଦ୍ର ବେହେରା, ରମେଶ ରାଉତ, ରବିନ୍ଦ୍ର ପାତ୍ର, ଜଗା ମୁଣ୍ଡା, ପ୍ରମିଳା ନାୟକ, ମନ୍ମଥ ରାୟ, କୁନି ପୂର୍ତ୍ତୀ, ଲକ୍ଷ୍ମୀ ହେମ୍ବ୍ରମ, କିଷାନ୍ କେରାଇ, ସିତାପି ମୁର୍ମୁ, ଗୁରୁବାରୀ ଲାଗୁରୀ, ରଶ୍ମିତା ବିନ୍ଧାଣୀ, ଗୋରୀ ନାଏକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଙ୍ଘର ସମାବେଶ



ସୁକିନ୍ଦା,୨।୫(ସମିସ): ସୁକିନ୍ଦା ବିହନ ଫାର୍ମ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଚାଷୀଙ୍କ ଠାରୁ ଶ୍ରମିକଙ୍କ ଜୀବନ ଜୀବିକା ଅନ୍ଧାରକୁ ଠେଲି ହୋଇଯାଇଛି। ଏହାକୁ ନେଇ ଶ୍ରମିକଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏପଟେ ସୁକିନ୍ଦା ବିହନ ଫାର୍ମର ପୁନଃରୁଦ୍ଧାର ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଉଦ୍ୟମ କରିବେ ବଲି ଶ୍ରମିକ ସଙ୍ଘ ପକ୍ଷରୁ ଆୟୋଜିତ ଶ୍ରମିକ ସମାବେଶରେ ଯାଜପୁର ସାଂସଦ ରବି ନାରାୟଣ ବେହେରା ପ୍ରତିଶ୍ରୁତି ଦେବା ପରେ ଶ୍ରମିକଙ୍କ ମନରେ ଆଶା ଉଜ୍ଜୀବିତ ହୋଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଦାମୋଦରପୁରଠାରେ ସୁକିନ୍ଦା ବିହନ ଫାର୍ମ ୧୯୪୮ ମସିହାରୁ ପ୍ରତିଷ୍ଠା ଲାଭ କରି ଏକଦା ଏସିଆ ମହାଦେଶରେ ବିହନ ଉତ୍ପାଦନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ତେବେ ଏହି ବିହନ ଫାର୍ମକୁ ଅବହେଳିତ କରି ରଖାଯାଇଛି।ଉକ୍ତ ଫାର୍ମ ଆଜି ଚାରଣ ଭୂଇଁ ପାଲଟିଛି। ଏହି ଫାର୍ମ ଉପରେ ନିର୍ଭର କରୁଥିବା ୨୦ ଖଣ୍ଡ ଗାଁର କୃଷିଶ୍ରମିକଙ୍କ ଜୀବନ ଜୀବିକା ସହ ଭାତହାଣ୍ଡି ସଦୃଶ ଏହି ଫାର୍ମ ଆଜି ଅବ୍ୟବସ୍ଥା ମଧ୍ୟରେ ପଡି ରୋହିଛି। ଏହାକୁ ନେଇ ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଙ୍ଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରମିକ ସଙ୍ଘର ଉପଦେଷ୍ଟା ବିଶ୍ୱନାଥ ପାତ୍ରଙ୍କ ସଭାପତିତ୍ୱରେ ବିହନ ଫାର୍ମ ପ୍ରାଙ୍ଗଣରେ ମହିଳା ଶ୍ରମିକମାନଙ୍କୁ ନେଇ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଙ୍ଘର ଇନ୍ଦ୍ରମଣି ମହାନ୍ତ, କଇନ୍ତା ମହାନ୍ତ, ଦ୍ରୌପଦୀ ନାୟକ, ମାଳତୀ ମହାନ୍ତ, ତୁମୁଣୀ ଦେହୁରୀ, ରଇବାରିହନାଗା, ମିଞ୍ଜରୀ ମୁଣ୍ଡା, ରୀନା ମୁଣ୍ଡା, ମମତା ନାୟକ, ସୁମତି ନାୟକ, ସବିତା ମୁଣ୍ଡା, ଭବାନି ପାତ୍ରଙ୍କ ସହ ସମାଜସେବୀ ରୀନା ସାମଲ, ରବୀନ୍ଦ୍ର ପାତ୍ର, ଆଇନଜୀବୀ ବିଭ୍ରାନ୍ତ ବିଶ୍ୱଜିତ, ଭରତ ମଲ୍ଲିକ, ବ୍ୟାସନଗର ସହରର ପୂର୍ବତନ କାଉନସିଲର ପ୍ରସନ୍ନ ସାମଲ (ବାବୁଲି)ଙ୍କ ସହ ଯାଜପୁର ସାଂସଦ ରବି ନାରାୟଣ ବେହେରା ଯୋଗ ଦେଇଥିଲେ। ସୁକିନ୍ଦା ବିହନ ଫାର୍ମରେ ଚାଷ କାର୍ଯ୍ୟ ଖୁବଶୀଘ୍ର କିପରି କରାଯିବ ସେ ସମ୍ପର୍କରେ ଯାଜପୁର ସାଂସଦ ସମସ୍ତ ପ୍ରକାର ସହଯୋଗ କରିବାକୁ ଉକ୍ତ ସମାବେଶରେ ପ୍ରତିଶ୍ରୁତି ଦେଇଥିଲେ।

# ସାମ୍ବାଦିକ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ

ଯାଜପୁର,୨।୫(ସମିସ): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସଂଘର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ହରିହର ସ୍ୱାଇଁ ଓ ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯାଜପୁର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ସା।ମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଯାଜପୁରର ଉତ୍କଳ ସାମ୍ବାଦିକ ସଂଘଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ସଞ୍ଜୟ କର,




ବିଦ୍ୟାଧର ବେହେରା, ଭରତ ନାୟକ, ଦିବ୍ୟକାନ୍ତ କର, ଦେବେନ୍ଦ୍ର ବେହେରା, ବଟୁ ନାୟକ, ଅଜୟ ବେହେରା, ତପନ ନାୟକ, ଅଜୟ ମିଶ୍ର, ଅଭିଜିତ ଦୀକ୍ଷିତ, ମନୀଷା ରାଉତ ପ୍ରମୁଖ କଳାବ୍ୟାଜ ପିନ୍ଧିଥିଲେ। ବ୍ୟାସନଗର ସହର ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତ ସାମ୍ବାଦିକ କଳାବ୍ୟାଜ ପରିଧାନ କରି ପ୍ରତିବାଦ ସଭା କରିଥିଲେ। ରାଜ୍ୟ ସରକାର ଦାବିଗୁଡିକ ଯଥାଶୀଘ୍ର ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ବକ୍ତବ୍ୟ ପ୍ରକାଶ ପାଇଥିଲା। ଏହି ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧାନ ବାନାର୍ଜୀ, ବରିଷ୍ଠ ସଭ୍ୟ ଅଭିମନ୍ୟୁ ମିଶ୍ର, ଜାତୀୟ କାର୍ଯ୍ୟକାରୀ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଉପସଭାପତି ପ୍ରଦୀପ ଜେନା, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଦ୍ୟୁମ୍ନ ବୋଇତାଇ, ସୁଦୀପ ମିଶ୍ର, ସୁଜିତ ମଲ୍ଲିକ, ପ୍ରଶାନ୍ତ ପାତ୍ର, ଭାଗୀରଥି ବାରିକ, ଦିନେଶ ପରିଡ଼ା, ଜିତେନ୍ଦ୍ର ରାଉତ, ଆଶୁତୋଷ ମହାନ୍ତି, ପ୍ରହ୍ଲାଦ ଦେଓ, ପ୍ରମୋଦ ପାତ୍ର, ଦୁଷ୍ମନ୍ତ ଘଡ଼ାଇ, ବିପ୍ଳବ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଦଶରଥପୁର ବ୍ଲକ ପକ୍ଷରୁ ଜୟପ୍ରକାଶ ନାୟକ, ରସୁଲପୁର ବ୍ଲକ ମନୋଜ ନାୟକ, ଚଣ୍ଡିଖୋଲ ଠାରେ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସୁକିନ୍ଦା ପ୍ରେସ୍ କ୍ଲବ ସଭାପତି ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଦାନଗଦି ବ୍ଲକ ପକ୍ଷରୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ରଗଡ଼ି ବ୍ଲକ ପକ୍ଷରୁ ସୁକର୍ଣ୍ଣ ରାଉତ, ବିଞ୍ଝାରପୁର ବ୍ଲକ ପକ୍ଷରୁ ଜିତେନ୍ଦ୍ର ବେହେରା, ଯାଜପୁର ବ୍ଲକ ପକ୍ଷରୁ ବିଦ୍ୟାଧର ବେହେରା, ଯାଜପୁର ମ୍ୟୁନିସିପାଲିଟି ପକ୍ଷରୁ ଶିବନ କର, ବରୀ ବ୍ଲକ ପକ୍ଷରୁ ସୁରେଶ କର, ଜିଲ୍ଲା ଉପ ସଭାପତି ବାଞ୍ଛାନିଧି ସାହୁ ପ୍ରମୁଖଙ୍କ ନେତୃତ୍ୱରେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରାଯାଇଛି।

# ଚଣ୍ଡିଖୋଲରେ ବୁଦ୍ଧ ଜୟନ୍ତୀ

ବଡଚଣା,୨।୫(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଛକ ଠାରେ ପ୍ରତିଷ୍ଠା କରାଯାଇଥିବା ଭଗବାନ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଦ୍ଧଦେବଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ଦେବରାଜ ବେହେରା, ଆଇନଜୀବୀ ପ୍ରକାଶ ଚନ୍ଦ୍ର ଦାଶ, ଅଧ୍ୟାପକ ସଲୀଳ ରାଜନନ୍ଦନ ମହାନ୍ତି, ଡ. ପବନେଶ୍ୱର ଜେନା, ତୁଷାର କୁମାର ନାୟକ, ସୁଶାନ୍ତ କୁମାର ବିଶ୍ୱାଳ ଓ ମନସ୍ୱିନୀ ମଲ୍ଲିକ ପ୍ରମୁଖ ଯୋଗଦେଇ ବୁଦ୍ଧଦେବଙ୍କ ଜୀବନାଦର୍ଶ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବୁଦ୍ଧ ବନ୍ଦନା ଗାନ କରିଥିଲେ।

# କଳିଙ୍ଗନଗର ମଜଦୂର ୟୁନିୟନରେ ଶ୍ରମିକ ଦିବସ




ଦାନଗଦି,୨।୫(ସମିସ): କଳିଙ୍ଗନଗର ମଜଦୁର ୟୁନିୟନ ପକ୍ଷରୁ ଦାନଗଦି ବିଜେଡି କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ୟୁନିୟନ ସମ୍ପାଦକ ଆଜାର ଅହମଦ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ୟୁନିୟନ ପ୍ରତିଷ୍ଠାତା ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଦାନଗଦି ବ୍ଲକ ଅଧ୍ୟକ୍ଷା ଅଞ୍ଜନା ଦାସ, ଦାନଗଦି ବ୍ଲକ ବିଜେଡି ସଭାପତି ଗୋପାଳ ବାରିକ, ରାଜ୍ୟ ଯୁବ ବିଜେଡି ଉପସଭାପତି ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ବିଜେଡି ଉପସଭାପତି ଲୋକନାଥ ଧୀର, ସୋୟାବ ଖାଁ, ବିଜୟ ଦଳେଇ, ନିଶାକର ବେହେରା, ଜଗନ୍ନାଥ ଧୀର, ଅମୀୟ କୁମାର ନାୟକ, ବିମଳ ପ୍ରସାଦ ଜେନା, ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇଥିଲେ। ଟାଟା, ଜିନ୍ଦଲ, ବିଆର୍‌ପିଏଲ, ଭିଷା ଷ୍ଟିଲ, ମୈଥାନ, ଇମ୍ଫା ଆଦି କାରଖାନାର ବହୁ ଶ୍ରମିକ ଓ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ

# ୨୦୫ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ

ଯାଜପୁର,୨।୫(ସମିସ):

ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ସମବାୟ, ହସ୍ତତନ୍ତ ଏବଂ ବୟନ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

ଶ୍ରମିକ ଦିବସ ପାଳନ ଅବସରରେ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୫୪୦ ଜଣ ହିତାଧିକାରୀ ଶ୍ରମିକଙ୍କୁ ମୋଟ ୨,୯୭,୬୩,୮୦୦ ଟଙ୍କା ସହାୟତା ରାଶି ସେମାନଙ୍କର ଜମା ଖାତାକୁ ପ୍ରଦାନ କରାଯାଇଛି। ଏଥିରେ ଶିକ୍ଷା ସହାୟତା, ବିବାହ, ମାତୃତ୍ୱ, ମୃତ୍ୟୁ, ଅନ୍ତେଷ୍ଟିକ୍ରିୟା ସହାୟତା ଆଦି ଅନ୍ତର୍ଭୁକ୍ତ। ଏହାସହ ୨୦୫ ଜଣ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। କିପରି ଶ୍ରମିକର ଶିଶୁ ଶିକ୍ଷାରୁ ବଞ୍ଚିତ ନ ହେବ ଓ କୌଣସି ଶ୍ରମିକର ଝିଅ ବାଲ୍ୟ ବିବାହ ନକରି ପଞ୍ଜିକୃତ ହୋଇ ବୋର୍ଡ ମାଧ୍ୟମରେ ଆର୍ଥିକ ସହାୟତା ପାଇବ, ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ସଂଗୀତା ସ୍ୱାଇଁ ଶ୍ରମିକ ଦିବସ ଉପଲକ୍ଷେ ଏକ ସ୍ୱରଚିତ କବିତା ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଜିଲ୍ଲାର ସମସ୍ତ ସହକାରୀ ଶ୍ରମ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସମାଜ ସେବୀ ଏବଂ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରୀ ରଚନା ସେଠୀ ଓ ଅଭିରାମ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।



# ହାଇଟେକ୍ କଲେଜରେ ନାରଦ ଜୟନ୍ତୀ



କୁଆଖିଆ,୨।୫(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲ୍ଲାର ପ୍ରଚାର ବିଭାଗ ଏବଂ ନାରଦ ଜୟନ୍ତୀ ସମାରୋହ ସମିତି (ବିଶ୍ୱ ସମ୍ବାଦ କେନ୍ଦ୍ର) ଯାଜପୁର ଜିଲ୍ଲା ଦ୍ୱାରା ନାରଦ ଜୟନ୍ତୀ ଉତ୍ସବ ହାଇଟେକ ଯୁକ୍ତ ୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ପ୍ରଚାର ପ୍ରମୁଖ ସନ୍ଦୀପ କୁମାର ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସହ ପ୍ରାନ୍ତ ପ୍ରଚାରକ (ଓଡ଼ିଶା ପୂର୍ବ) ଅସିତ କୁମାର ସାହୁ ଯୋଗ ଦେଇଥିଲେ। ଏହି ସଭାରେ କୁଆଖିଆ, ପାଣିକୋଇଲି ଓ ଧର୍ମଶାଳାର ବହୁ ସାମ୍ବାଦିକ, କୋରେଇ ଶ୍ରୀରାମପୁର ଖଣ୍ଡର ସ୍ୱୟଂସେବକ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଚାରକ ମନୋଜ କୁମାର ସାହୁ, ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ କୁମାର ବିଶ୍ୱାଳ, ଜିଲ୍ଲା କାର୍ଯ୍ୟବାହ ଅମୀୟ କୁମାର ସାମଲ ସହଯୋଗ କରିଥିଲେ।

# ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ

# ବାଲେଶ୍ୱର ଜିଲ୍ଲାରେ ପାସ୍‌ହାର ୯୭.୭୧%





ବାଲେଶ୍ୱର,୨।୫(ସମିସ)

ଶନିବାର ଦିନ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍, ଓଡ଼ିଶା ପକ୍ଷରୁ ପ୍ରକାଶିତ ବାର୍ଷିକ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ବାଲେଶ୍ୱର ଜିଲ୍ଲା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବାଲେଶ୍ୱର ଜିଲ୍ଲାର ପାସ୍ ହାର ୯୭.୭୧ ପ୍ରତିଶତ ରହିଛି, ଯାହା ରାଜ୍ୟ ହାର ୯୫.୩ ପ୍ରତିଶତ ଠାରୁ ଯଥେଷ୍ଟ ଅଧିକ। ଏଥିସହ ଉତ୍ତର ଓଡ଼ିଶା ଜିଲ୍ଲା ଗୁଡ଼ିକ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଶୀର୍ଷକ ରହିଛି। ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜକୁ ପଛରେ ପକାଇଛି ବାଲେଶ୍ୱର ଜିଲ୍ଲା।

ମିଳିଥିବା ତଥ୍ୟ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରୁ ମୋଟ ୩୧,୦୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ଏଥିରୁ ୬୨୭ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ମୋଟ ୨୯ ହଜାର ୭୧୬ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲ୍ଲାରେ ୧୪ ହଜାର ୭୭୬ ଜଣ ଛାତ୍ର ଏବଂ ୧୪ ହଜାର ୯୪୦ ଜଣ ଛାତ୍ରୀ ପାସ୍ କରିଛନ୍ତି। ତେବେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ ରହିଛନ୍ତି। ସେହିପରି ଗ୍ରେଡ୍ ଭିତ୍ତିରେ ଜିଲ୍ଲାରେ ୩୦୫ ଜଣ ଏ-୧, ୧୬୯୪ ଜଣ ଏ-୨, ୪ ହଜାର ୫୩ ଜଣ ବି-୧ ଏବଂ ୬ ହଜାର ୨୩ ଜଣ ବି-୨ ଗ୍ରେଡ୍ ପାଇଛନ୍ତି। ଜିଲ୍ଲାରେ ମୋଟ ୫୨୪ଟି ସ୍କୁଲ୍ ପରୀକ୍ଷାରେ ସାମିଲ ହୋଇଥିଲା। ଅନ୍ୟପଟେ ଉତ୍ତର ଓଡ଼ିଶାର ୪ ଟି ପ୍ରମୁଖ ଜିଲ୍ଲାର ପାସ୍ ହାର ଅପେକ୍ଷା ବାଲେଶ୍ୱର ଆଗରେ ରହିଛି। ବାଲେଶ୍ୱର ୯୭.୭୧ ପ୍ରତିଶତ ରଖିଥିବା ବେଳେ ମୟୂରଭଞ୍ଜ ୯୭.୫୨ ପ୍ରତିଶତ ଏବଂ ୩୧ ହଜାର ୭୩୨ ଜଣଙ୍କ ମଧ୍ୟରୁ ୩୦ ହଜାର ୨୧୩ ଉତ୍ତୀର୍ଣ୍ଣ। ସେହିପରି ଭଦ୍ରକ ୯୬.୦୧ ପ୍ରତିଶତ ରହିଥିବା ୨୧ ହଜାର ୭୨୪ ଜଣଙ୍କ ମଧ୍ୟରୁ ୨୦ ହଜାର ୪୯୯ ଉତ୍ତୀର୍ଣ୍ଣ ଏବଂ କେନ୍ଦୁଝର ଜିଲ୍ଲାରେ ୯୪.୩୫ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ୨୫ ହଜାର ୧୫୯ ଜଣଙ୍କ ମଧ୍ୟରୁ ୨୩ ହଜାର ୨୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ତଥ୍ୟ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଉତ୍ତର ଓଡ଼ିଶାରେ ସବୁଠୁ ଆଗରେ ରହିଛି। ମୟୂରଭଞ୍ଜ ଜିଲ୍ଲା ଠାରୁ ବାଲେଶ୍ୱର ୦.୧୯ ପ୍ରତିଶତ ଆଗରେ ଅଛି। ରାଜ୍ୟର ପାସ୍ ହାର ୯୫.୩ ପ୍ରତିଶତ ତୁଳନାରେ ବାଲେଶ୍ୱର ୨.୪୧ ପ୍ରତିଶତ ଅଧିକ ପାସ୍ ହାର ହାସଲ କରିଛି। ଅପରପକ୍ଷରେ ରାଜ୍ୟରେ ଗଜପତି ଜିଲ୍ଲା ୯୯.୩୧ ପ୍ରତିଶତ ସହ ଶୀର୍ଷରେ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲା ୯୭.୭୧ ପ୍ରତିଶତ ସହ ରାଜ୍ୟର ଅଗ୍ରଣୀ ଜିଲ୍ଲା ମଧ୍ୟରେ ରହିଛି। ପରୀକ୍ଷା ଫଳ ପ୍ରକାଶ ପରେ ଜିଲ୍ଲାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଶିକ୍ଷା ବିଭାଗ ପକ୍ଷରୁ ସଫଳ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଯାଇଛି।

## ରାଣୀପାଟଣା ବ୍ଲାଇଣ୍ଡ ସ୍କୁଲ୍‌ରେ ଶତପ୍ରତିଶତ ପାସ୍

ବାର୍ଷିକ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ବାଲେଶ୍ୱର ରାଣୀପଟଣା ସ୍କୁଲ୍ ଫର୍ ଦ ବ୍ଲାଇଣ୍ଡ ଶତ ପ୍ରତିଶତ ସଫଳତା ହାସଲ କରିଛି। ସ୍କୁଲରୁ ପରୀକ୍ଷା ଦେଇଥିବା ମୋଟ ୧୧ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ମିନି ମହାନ୍ତ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଦୃଷ୍ଟିହୀନ ଛାତ୍ରୀ ମିନି ମହାନ୍ତ ୬୭.୧୭ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ସେ ମୋଟ ୬୦ ମଧ୍ୟରୁ ୪୦୩ ନମ୍ବର ରଖି ବି-୨ ଗ୍ରେଡ୍ ହାସଲ କରିଛନ୍ତି। ଟପ୍ପର ମିନିଙ୍କ ସହ ଆଉ ୪ ଜଣ ଛାତ୍ରଛାତ୍ରୀ ବି-୨ ଗ୍ରେଡ୍ ପାଇଛନ୍ତି। ସେମାନେ ହେଲେ ପ୍ରଭାତୀ ମହାଳିକ ୬୦.୬୭ ପ୍ରତିଶତ, ମହନ ଟୁଡୁ ୬୫.୬୭ ପ୍ରତିଶତ, ଘସିରାମ ମୁର୍ମୁ ୬୪.୬୭ ପ୍ରତିଶତ ଏବଂ କାନହା ସିଂ ୬୩ ପ୍ରତିଶତ। ଏଥିସହିତ ପାର୍ବତୀ ମାରଣ୍ଡି ୫୮ ପ୍ରତିଶତ, ରାହୁଲ ମୁର୍ମୁ ୪୭.୫ ପ୍ରତିଶତ, ଅଶୋକ କୁମାର ସିଂ ୫୦.୫ ପ୍ରତିଶତ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ସର୍ବନିମ୍ନ ୪୫.୫ ପ୍ରତିଶତ ପାଇ ରାଧାଶ୍ୟାମ ନାଏକ ଓ ରାଜେଶ ସାମଲ ୪୯.୧୭ ପ୍ରତିଶତ ରଖି 'ଡି' ଗ୍ରେଡ୍ ରେ ପାସ୍ କରିଛନ୍ତି। ସ୍କୁଲ୍‌ର ନିର୍ଦ୍ଦେଶକ ପରୀକ୍ଷା ଫଳାଫଳରେ ସନ୍ତୋଷ ପ୍ରକାଶ କରି ସଫଳ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଏହି ସଫଳତା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଭାବକମାନେ ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି।

## ଜିଲ୍ଲା ସ୍କୁଲ୍‌ରେ ଶତପ୍ରତିଶତ ସଫଳତା

ମାଟ୍ରିକ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ପରୀକ୍ଷା ଦେଇଥିବା ମୋଟ ୨୦୫ ଜଣ ଛାତ୍ରଛାତ୍ରୀ ସମସ୍ତେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ପ୍ରକାଶିତ ଫଳ ଅନୁଯାୟୀ, ସ୍କୁଲ୍ ର ଛାତ୍ର ଚିରଞ୍ଜୀବ ବିଶ୍ୱାଳ ୫୭୫ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଦିବ୍ୟାଂଶୁ ସ୍ୱାଇଁ ୫୪୨ ନମ୍ବର ଏବଂ ତୃତୀୟ ସ୍ଥାନରେ ଆଦ୍ୟାଶା ପ୍ରଧାନ ଓ ଆଶିଷ କୁମାର ବେହେରା ୫୪୦ ନମ୍ବର ରଖିଛନ୍ତି। ଗ୍ରେଡ୍ ଭିତ୍ତିରେ ସ୍କୁଲ୍ ର ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ। ଏ-୧ ଗ୍ରେଡ୍ ରେ ୪ ଜଣ, ଏ-୨ ଗ୍ରେଡ୍ ରେ ୨୧ ଜଣ, ବି-୧ ଗ୍ରେଡ୍ ରେ ୪୨ ଜଣ, ବି-୨ ଗ୍ରେଡ୍ ରେ ୩୮ ଜଣ, 'ସି' ଗ୍ରେଡ୍ ରେ ୫୪ ଜଣ, 'ଡି' ଗ୍ରେଡ୍ ରେ ୩୨ ଜଣ ଏବଂ 'ଇ' ଗ୍ରେଡ୍ ରେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ୍ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଫଳରେ ଏହି ସଫଳତା ମିଳିଛି। ସଫଳ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଯାଇଛି। କୃତି ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଦେଇ ବିଦ୍ୟାଳୟରେ ସମ୍ବର୍ଦ୍ଧନା କରାଯାଇଛି।

## ପୁଲିସ ହାଇସ୍କୁଲ୍‌ରେ ଛାତ୍ରୀ ସୁପ୍ରଭା ଟପ୍ପର

ପୁଲିସ ହାଇସ୍କୁଲ୍ ଶତପ୍ରତିଶତ ସଫଳତା ହାସଲ କରିଛି। ସ୍କୁଲ୍‌ରୁ ପରୀକ୍ଷା ଦେଇଥିବା ମୋଟ ୪୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ୍ ର ଛାତ୍ରୀ ସୁପ୍ରଭା ଅଣ୍ଡିଆ ୪୮୯ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇନଥିବା ବେଳେ, ଗ୍ରେଡ୍ ଭିତ୍ତିରେ ଏ-୨ ଗ୍ରେଡ଼ ରେ ଜଣେ, ବି-୧ ଗ୍ରେଡ୍ ରେ ୧୦ ଜଣ, ବି-୨ ଗ୍ରେଡ୍ ରେ ୩ ଜଣ, 'ସି' ଗ୍ରେଡ୍ ରେ ୧୨ ଜଣ, 'ଡି' ଗ୍ରେଡ୍ ରେ ୧୪ ଜଣ ଏବଂ 'ଇ' ଗ୍ରେଡ ରେ ୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ ସୂଚନା ଦେଇ କହିଛନ୍ତି ଯେ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସ ଫଳରେ ଏହି ସଫଳତା ମିଳିଛି। ଫଳ ପ୍ରକାଶ ପରେ ସ୍କୁଲ୍ ଟପ୍ପର ସୁପ୍ରଭା ଏବଂ ଅନ୍ୟ କୃତି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଯାଇଛି।

## ଟାଉନ୍ ହାଇସ୍କୁଲର ଉଲ୍ଲେଖନୀୟ ପ୍ରଦର୍ଶନ: ଦେବାଶିଷ ଟପ୍ପର



ମାଟ୍ରିକ ପରୀକ୍ଷାରେ ଟାଉନ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭଲ ପ୍ରଦର୍ଶନ ହୋଇଛି। ସ୍କୁଲ୍ ରୁ ମୋଟ ୧୩୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରକାଶିତ ଫଳ ଅନୁଯାୟୀ, ସ୍କୁଲ୍ ର ଛାତ୍ର ଦେବାଶିଷ ମହାରଣା ୫୫୮ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ସେ ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ଶୁଭଜିତ୍ ଦେ ୫୨୬ ନମ୍ବର ଏବଂ ତୃତୀୟ ସ୍ଥାନରେ ସୁରେନ୍ଦ୍ର କୁମାର ବେହେରା ୫୨୨ ନମ୍ବର ରଖି ଏ-୨ ଗ୍ରେଡ୍ ପାଇଛନ୍ତି। ସ୍କୁଲ୍ ରୁ ଏ-୨ ଗ୍ରେଡ୍ ପାଇଥିବା ଅନ୍ୟ ଛାତ୍ରଛାତ୍ରୀମାନେ ହେଲେ ଦେବୀନା ବେହେରା ୫୧୮, ବିଦ୍ୟୁସ୍ମିତା ତରେଇ ୫୧୦, ମନୋରଞ୍ଜନ ଦାସ ୫୧୦ ଏବଂ ଜ୍ୟୋସ୍ନା ରାଣୀ ବେହେରା-୫୦୫ ନମ୍ବର ରଖିଛନ୍ତି। ଏ-୧ ଗ୍ରେଡ୍ ୧, ଏ-୨ ଗ୍ରେଡ୍ ୧୭ ଜଣ, ବି-୧ ଗ୍ରେଡ୍ ୨୧ ଜଣ, ବି-୨ ଗ୍ରେଡ୍ ୪୦ ଜଣ, 'ସି' ଗ୍ରେଡ୍ ୩୭ ଜଣ, 'ଡି' ଗ୍ରେଡ୍ ୧୯ ଜଣ ଏବଂ 'ଇ' ଗ୍ରେଡ୍ ରେ ଜଣେ ରହିଛନ୍ତି। ଫଳ ପ୍ରକାଶ ପରେ ସ୍କୁଲ୍ କର୍ତ୍ତୃପକ୍ଷ ସଫଳ ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ପବ୍ଲିକ ସରକାରୀ ଉଚ୍ଚବିଦ୍ୟାଳୟରେ ସୁମିତ ଟପ୍ପର



ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ୯୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୫ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରୁ ଏ-୧ ଗ୍ରେଡ଼ ରେ ସୁମିତ କୁମାର ମହାନ୍ତି ୫୪୦ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଏ-୨ ଗ୍ରେଡ଼ ରେ ୭ ଜଣ, ବି-୧ ଗ୍ରେଡ୍ ରେ ୭ , ବି-୨ ଗ୍ରେଡ୍ ରେ ୧୬ ଜଣ, 'ସି' ଗ୍ରେଡ଼ ରେ ୨୭ ଜଣ, 'ଡି' ଗ୍ରେଡ ରେ ୨୩ , 'ଇ' ରେ ୧୪ ଏବଂ ଜଣେ ଫେଲ୍ ହୋଇଛନ୍ତି। ସେହିପରି ଏସ୍ ଓ ଏସ୍ ସି(ଷ୍ଟେଟ୍ ଓପନ୍ ସ୍କୁଲିଂ ସାର୍ଟିଫିକେଟ) ରେ ୨୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ସମସ୍ତେ ପାସ୍ ହୋଇଛନ୍ତି। ବି-୨ ରେ ୧୦ ଜଣ, 'ସି' ଗ୍ରେଡ୍ ରେ ୧୫ ଏବଂ 'ଡି' ଗ୍ରେଡ୍ ରେ ୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ ସୂଚନା ଦେଇଛନ୍ତି।

## ବାଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶତପ୍ରତିଶତ ସଫଳତା

ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସ୍କୁଲ୍‌ରୁ ପରୀକ୍ଷା ଦେଇଥିବା ମୋଟ ୭୦ ଜଣ ଛାତ୍ରଛାତ୍ରୀ ସମସ୍ତେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍କୁଲ୍ ର ଛାତ୍ର ଶ୍ରେୟାଂଶ ସାହୁ ୫୮୦ ନମ୍ବର ଅର୍ଥାତ୍ ୯୬.୬% ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ତପସ୍ୟା ରାଉତ ୫୫୫ ନମ୍ବର ଏବଂ ତୃତୀୟ ସ୍ଥାନରେ ହାର୍ଦ୍ଦିକ ଅଭିନନ୍ଦନ ମୈକାପ ୫୫୪ ନମ୍ବର ରଖିଛନ୍ତି। ସ୍କୁଲ୍ ର ଏ-୧ ଗ୍ରେଡ୍ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଛାତ୍ରଛାତ୍ରୀମାନେ ହେଲେ ରୋହିତ କୁମାର ସିଂହ ୫୫୨, ପ୍ରତ୍ୟୁଷ କୁମାର ମଣ୍ଡୁଆଳ ୫୪୭, ଲକ୍ଷ୍ମୀଧର ମହାନ୍ତି ୫୪୪, ଅମିତ ଷଡଙ୍ଗୀ ୫୪୦, ଅରୋଶ୍ରୀ ପ୍ରଧାନ ୫୪୦ ଏବଂ ତନୁଶ୍ରୀତନ୍ମୟୀ ପଣ୍ଡା ୫୪୦ ନମ୍ବର ରଖିଛନ୍ତି। ଏ-୧ ଗ୍ରେଡ୍ ରେ ୯ ଜଣ, ଏ-୨ ୨ ଜଣ, ବି-୧ ରେ ୨୩ ଜଣ, ବି-୨ ରେ ୧୦ ଜଣ, 'ସି' ରେ ୫ ଜଣ ଏବଂ 'ଡି' ରେ ୧ ଗ୍ରେଡ୍ ହାସଲ କରି ସ୍କୁଲ୍ ର ସଫଳତାକୁ ଆହୁରି ବଢାଇଛନ୍ତି।

## ନୀଳାମ୍ବର ଶତପଥୀ ବାହାନଗା ବ୍ଲକ ଟପ୍ପର



ବାହାନଗା : ଆଜି ଦଶମ ବୋଡର୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସାହାସପୁରା ପଞ୍ଚାୟତ ନେତାଜୀ ହାଇସ୍କୁଲର ଛାତ୍ର ନୀଳାମ୍ବର ଶତପଥି ବାହାନଗା ବ୍ଲକରେ ସର୍ବାଧିକ ୫୭୩ ନମ୍ବର ରଖି ବାହାନଗା ବ୍ଲକ ଟପ୍ପର ହୋଇଥିବା ବେଳେ ବାହାନଗା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଚଳିତବର୍ଷ ବାହାନଗା ବ୍ଲକରେ ସମୁଦାୟ ୪୧ ଗୋଟି ହାଇସ୍କୁଲର ୧୫ ଗୋଟି ସେଣ୍ଟରରେ ୨୭୦୦ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ନୀଳାମ୍ବର ଶତପଥି ବ୍ଲକର ସର୍ବାଧିକ ୫୭୩ ନମ୍ବର ରଖିଛନ୍ତି। ଏହି ବ୍ଲକ ଅଞ୍ଜି ପଞ୍ଚାୟତ କବିରପୁର ଗ୍ରାମର ବାପା ଗୟାଧର ଶତପଥି ଏବଂ ମାଆ ଅତସୀ ମଞ୍ଜରୀଙ୍କ ପୁଅ ହେଉଛନ୍ତି ନୀଳାମ୍ବର। ସେ ଭବିଷ୍ୟତରେ ଆଇଆଇଟି ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି। ବାହାନଗା ବ୍ଲକରେ ନୀଳାମ୍ବର ସର୍ବାଧିକ ନଂ ରଖିଥିବାରୁ ବାହାନଗା ବ୍ଲକ ସମେତ ନିଜ ଗାଁ କବିରପୁର ପାଇଁ ସୁନାମ ଆଣିଥିବାରୁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ସିମୁଳିଆ ବ୍ଲକ ଟପ୍ପର ହେଲେ ଅଙ୍କିତା



ସିମୁଳିଆ: ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସିମୁଳିଆ ବ୍ଲକର ବାଟି ପଞ୍ଚାୟତର ବାଟି ଶାସନର ଜିତେନ୍ଦ୍ର ପାଣିଗ୍ରାହୀଙ୍କ କନ୍ୟା ଅଙ୍କିତା ପାଣିଗ୍ରାହୀ ୫୭୫ନଂ ରଖି ବ୍ଲକ ଟପ୍ପର ଆଖ୍ୟା ଅର୍ଜନ କରିଛନ୍ତି। ଭବିଷ୍ୟତରେ ସେ ଜଣେ ଭଲ ଡାକ୍ତର ହୋଇ ରୋଗୀସେବାକୁ ଆପଣେଇବାକୁ ମନସ୍ଥ ରଖିଥିବା ବେଳେ ଦିନକୁ ୬ଘଣ୍ଟାରୁ ୮ ଘଣ୍ଟା ପରିଶ୍ରମ କରିଥିବାର ପ୍ରକାଶ କରିଥିଲେ। ବାପା ବାଟି ପଞ୍ଚାୟତ ହାଇସ୍କୁଲର ସଂସ୍କୃତ ଶିକ୍ଷକ ହୋଇଥିବା ବେଳେ ମାଆ ସ୍ନେହଲତା ଗୃହିଣୀ। ବାଟି ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଅଙ୍କିତା ଏହି ସଫଳତା ପାଇଁ ବାପା ମାଆ, ଶିକ୍ଷକ ଶିକ୍ଷୟିତ୍ରୀ, ଟିଉସନ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସିମୁଳିଆ ବ୍ଲକରେ ଚଳିତ ପରୀକ୍ଷାରେ ଏ -୧ରେ ୧୯ଜଣ ଛାତ୍ରଛାତ୍ରୀ ଉନ୍ନୀତ ହୋଇଥିବା ଜଣାଯାଇଛି । ଖବର ପାଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବ୍ଲକ ଟପ୍ପର ଅଙ୍କିତାକୁ ଶୁଭେଚ୍ଛା ଜଣାଇଥିବା ଜଣାଯାଇଛି।

## ଅଭିଲିପ୍ସା ଓ ସ୍ୱର୍ଣ୍ଣମୟୀ ନୀଳଗିରି ବ୍ଲକ୍ ଯୁଗ୍ମ ଟପ୍ପର





ନୀଳଗିରି: ପ୍ରକାଶ ପାଇଛି ଚଳିତବର୍ଷର ଦଶମ ବୋର୍ଡପରୀକ୍ଷା ରେଜଲ୍ଟ। ତେବେ ଚଳିତବର୍ଷ ମଧ୍ୟ ଛାତ୍ରମାନଙ୍କ ତୁଳନାରେ ଛାତ୍ରୀମାନେ ଭଲ ରେଜଲ୍ଟ କରି ସଫଳତା ଅର୍ଜନ କରିଛନ୍ତି। ନୀଳଗିରି ବ୍ଲକ୍ ରେ ଏ ୧ ଗ୍ରେଡରେ ୯ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ନୀଳଗିରି ପିଏମଶ୍ରୀ କୈଳାସ ଚନ୍ଦ୍ର ସରକାରୀ ହାଇସ୍କୁଲରୁ ସର୍ବାଧିକ୪ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ତନ୍ମଧ୍ୟରୁ ୩ଜଣ ଛାତ୍ରୀ ଏବଂ ଜଣେ ଛାତ୍ର ଏ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ଶତପଥୀ ୫୫୩, ଆଲିଶା ନାୟକ ୫୪୬, ଦେବସ୍ମିତା ଦଳେଇ ୫୪୦, ମନଲିତ୍ କୁମାର ସିଂ ୫୪୦ନମ୍ବର ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି। ସେହିପରି ମିତ୍ରପୁର ଚାଚାଜି ହାଇସ୍କୁଲର ଅଭିଜିତ ସାହୁ ୫୫୦, ସଜନାଗଡ ଚଣ୍ଡି ହାଇସ୍କୁଲର ଭକ୍ତିମୟୀ ମହାନ୍ତି ୫୪୦, ପିଏମଶ୍ରୀ ଅଯୋଧ୍ୟା ହାଇସ୍କୁଲର ଦିପାଂଶୁ ନାୟକ୫୪୦, କେନ୍ଦୁଖୁଣ୍ଟା ବିଷ୍ଣୁପ୍ରିୟା ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣମୟୀ ଦେ ୫୫୩ ଏବଂ ବରହମପୁର ଦୀନବନ୍ଧୁ ହାଇସ୍କୁଲ ଛାତ୍ରୀ ଦିପ୍ତିମୟୀ ବେହେରା ୫୪୦ନମ୍ବର ରଖି ଏ ୧ଗ୍ରେଡରେ ଉତ୍ତୀର୍ଣ୍ଣହୋଇ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ପୋଡ଼ାଶୂଳ ଜଡ଼ିଦା ଶାସନର ପରମେଶ୍ୱର ଶତପଥୀଙ୍କ ଝିଅ ଅଭିଲିପ୍ସା ଶତପଥୀ ଏବଂ କେନ୍ଦୁଖୁଣ୍ଟା ଗ୍ରାମର ଜୀବନ କୁମାର ଦେଙ୍କ ସୁପୁତ୍ରି ସ୍ୱର୍ଣ୍ଣମୟୀ ଦେ ଉଭୟ ୫୫୩ନଂ ରଖି ଯୁଗ୍ମଟପ୍ପର ହୋଇଛନ୍ତି।

## ଜଳେଶ୍ୱରର ଅନିକେତ ପାତ୍ର ଜିଲ୍ଲାର ଦ୍ୱିତୀୟ ଟପ୍ପର



ଜଳେଶ୍ୱର: ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମ୍ୟାଟ୍ରିକ ପରୀକ୍ଷାର ଫଳ ପ୍ରକାଶ ପାଇଛି। ବ୍ଲକରେ ମୋଟ ୫୮ଟି ବିଦ୍ୟାଳୟରୁ ୩୦୦୧ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୭ଜଣ ପରୀକ୍ଷାର୍ଥୀ ଏ୧ରେ ପାସ୍ କରିଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ ୬ଜଣ ଝିଅ ହୋଇଥିବା ବେଳେ ୧୧ଜଣ ପୁଅ ଏହି ସଫଳତା ପାଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ଏ-ୱାନରେ ୩୦୫ଜଣ ଉତୀର୍ଣ୍ଣ ହୋଇଥିବା ବେଳେ ମୋଟ ପାଶ ହାର ୯୭.୭୧ ବୋଲି ଜଣାଯାଇଛି। ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅନିକେତ ପାତ୍ର ୫୮୬ ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ଟପ୍ପର ହୋଇ ଗୌରବ ଅର୍ଜନ କରିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା କହିଛନ୍ତି। ସେ ଜଳେଶ୍ୱର ନିବାସୀ ବାପା ଡା. କୁମାର ପାତ୍ର ଓ ମା ଶିକ୍ଷୟିତ୍ରୀ ପଦ୍ମାବତୀ ଗିରିଙ୍କ ପୁତ୍ର ଅଟନ୍ତି।

## ଡାଙ୍ଗରପଦା ସରକାରୀ ହାଇସ୍କୁଲ ଛାତ୍ରୀ ବ୍ଲକ ସ୍ତରରେ ଟପ୍ପର



କାଳିପଦା: ଚଳିତ ବର୍ଷ ହାଇ ସ୍କୁଲ ପରୀକ୍ଷାରେ ଡାଙ୍ଗରପଦା ସରକାରୀ ହାଇ ସ୍କୁଲର ଛାତ୍ରୀ ସାଇପ୍ରଭା ନନ୍ଦୀ ବ୍ଲକ ସ୍ତରରେ ଟପର ହୋଇ ଛନ୍ତି। ଏ ୧ ରାଙ୍କ ରେ ସର୍ବ ମୋଟ ୬ ଶହ ମାର୍କରୁ ସେ ୫୭୪ ନମ୍ବର ରଖିଛନ୍ତି। ସେହି ସ୍କୁଲର ସୁନୀଲ ନନ୍ଦୀ ୫୪୫ ମାର୍କ ରଖିଛନ୍ତି ।ସେହିପରି ନିମାପଦା ନାୟକ ରାମ ଚନ୍ଦ୍ର ଏକାଡେମୀ ଗିରିଜା ଶଙ୍କର ନାୟକ ୫୬୦, ଗାୟତ୍ରୀ ନାୟକ ୫୪୯ ନମ୍ବର ରଖିଛନ୍ତି ।ସେହିପରି ପ୍ରତାପପୁର ନିଶାମଣୀ ଗାର୍ଲସ ହାଇ ସ୍କୁଲର ବିବେକାନନ୍ଦ ଦତ୍ତ ୫୪୦,ପ୍ରତାପପୁର ସାହୁ ସନାତନ ହାଇ ସ୍କୁଲର ସ୍ୱୟାନଶ୍ରୀ ଦାସ ୫୪୬, ସୁବର୍ଣ୍ଣାସେତୁ ଗୋଛାୟତ ୫୪୦ ନମ୍ବର ରଖିଛନ୍ତି ।ବାଲିଆପାଳ ସୁବର୍ଣ୍ଣ ରେଖା ସରକାରୀ ହାଇସ୍କୁଲର କୃଷ୍ଣା ସୁଧାଲକ୍ଷ୍ମୀ ଆଚାର୍ଯ୍ୟ ୫୭୩ , ପ୍ରସିଦ୍ଧ ଗିରି ୫୬୬ , ଅର୍ଚ୍ଚିତା ସାହୁ ୫୫୧, ଜୟଶ୍ରୀ ଗିରି ୫୪୭ , ପିୟୁଷ ମହାପାତ୍ର ୫୪୦, ରଶ୍ମି ରେଖା ଜେନା ୫୪୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେହିପରି ଚୌମୁଖ ରାମ ପ୍ରସାଦ ସରକାରୀ ହାଇ ସ୍କୁଲର ସ୍ମୃତି ରେଖା ଖଣ୍ଡା ୫୫୫, ଜୟନ୍ତ ଜେନା ୫୫୪, ଶୁଭ ସ୍ମିତା ହାଜିରା ୫୪୦ ରଖି ସଫଳତା ହାସଲ କରିଛନ୍ତି।

## ବସ୍ତା ବ୍ଲକ ଟପ୍ପର ହେଲେ ଅର୍ଦ୍ଧେନ୍ଦୁ ଶେଖର

ବସ୍ତା ବ୍ଲକ: ଚଳିତ ବର୍ଷ ର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଶନିବାର ଅପରାହ୍ନ ରେ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଚଳିତ ବର୍ଷ ୫୬୬ ନମ୍ବର ରଖି ବସ୍ତା ବ୍ଲକ ବି ସି ହାଇ ସ୍କୁଲ ର ଛାତ୍ର ଅର୍ଦ୍ଧେନ୍ଦୁ ଶେଖର ପ୍ରଧାନ ବସ୍ତା ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ୩ଜଣ ଛାତ୍ର ଛାତ୍ରୀ ସମାନ ନମ୍ବର ରଖି ଦ୍ୱିତୀୟ ସ୍ଥାନ ରେ ରହିଛନ୍ତି। ଆର୍ କେ ହାଇସ୍କୁଲ ବାହାର୍ଦ୍ଦା ର ହାଇସ୍କୁଲର ଛାତ୍ରୀ ଜୟନ୍ତୀ ଜେନା, ବି ସି ହାଇ ସ୍କୁଲ କଇନଗିରି ର ଛାତ୍ରୀ ମୋନାଲିସା ସାହୁ ଓ ଗୋଲକ ନାରାୟଣ ବନଦୁର୍ଗା ହାଇ ସ୍କୁଲ ଇଡିଦା ର ଛାତ୍ର ଅମୀୟ କୁମାର ପ୍ରଧାନ ସମାନ ୫୫୬ ନମ୍ବର ରଖି ବ୍ଲକର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଶମ୍ଭୁନାଥ ସରକାରୀ ହାଇସ୍କୁଲ ବସ୍ତା ର ଛାତ୍ର ଶୁଭମ୍ ବେହେରା ୫୫୨ ନମ୍ବର ରଖି ବସ୍ତା ବ୍ଲକ ର ତୃତୀୟ ସ୍ଥାନ ରେ ରହି ସଫଳତା ହାସଲ କରିଛନ୍ତି। ଅର୍ଦ୍ଧେନ୍ଦୁ ଶେଖର ପ୍ରଧାନ (୫୬୬) ମାଟ୍ରିକ ଫଳ ପ୍ରକାଶିତ ପରେ ବି ସି ହାଇ ସ୍କୁଲ ର ଛାତ୍ର ଅର୍ଦ୍ଧେନ୍ଦୁ ଶେଖର ପ୍ରଧାନ ବସ୍ତା ବ୍ଲକ ଟପ୍ପର ହୋଇ ଛନ୍ତି। ତାଙ୍କର ଏହି ସଫଳତା ବସ୍ତା ବ୍ଲକ ପାଇଁ ଗୌରବ ଆଣି ଦେଇଛି। ଯାହା ଫଳରେ ତାଙ୍କୁ ସବୁ ମହଲ ରୁ ଶୁଭେଚ୍ଛା ଜ୍ଞାପନ କରା ଯାଇଛି। ସେ ଡାକ୍ତର ହେବା ନେଇ ଆଶା କରିଥିବା ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି। ନିଜର ପରିଶ୍ରମ ସହିତ ବାପା ମା ପରିବାର ବର୍ଗ ଓ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ପାଇଁ ଏହି ସଫଳତା ପାଇଥିବା କହିଛନ୍ତି।

## ରଶ୍ମିରଂଜନ ଔପଦା ବ୍ଲକ ଟପ୍ପର



ଔପଦା ବ୍ଲକର ମେଧାବୀ ଛାତ୍ର ରଶ୍ମି ରଞ୍ଜନ ବାରିକ ବ୍ଲକ ଟପ୍ପର ହୋଇ ନୀଳଗିରି ଉପଖଣ୍ଡ ପାଇଁ ଆଣିଲେ ଗୌରବ। ଫତେପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏହି କୃତୀ ଛାତ୍ର, ପରୀକ୍ଷାରେ ୫୮୦ ନମ୍ବର ରଖି ବ୍ଲକରେ ସର୍ବାଧିକ ନମ୍ବର ହାସଲ କରିଛନ୍ତି। ରଶ୍ମି ରଞ୍ଜନଙ୍କ ଏହି ଅସାଧାରଣ ସଫଳତା ଅଞ୍ଚଳ ପାଇଁ ଗର୍ବର ବିଷୟ ଏବଂ ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ପ୍ରେରଣା।

# ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ୧୦୨ ୟୁନିଟ୍ ସଂଗୃହୀତ

ବାଲେଶ୍ୱର,୨।୫(ସମିସ): ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଜୁ ଜନତା ଦଳର ନିର୍ଦ୍ଦେଶ କ୍ରମେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ଫକୀରମୋହନ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ର ନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରୁ ସମୁଦାୟ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ ଓ ଜୀବନ ପ୍ରଦୀପ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ବରିଷ୍ଠ ନେତା ମହାଦେବ ଦାସ, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର କାର୍ତ୍ତିକ ସାହୁ, ଆୟୁବ ଖାଁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ମୀରାଜ ବାନୁ, ସନ୍ଧ୍ୟାରାଣୀ ଜେନା, କବିତା ମୁର୍ମୁ, ଶଶୀରେଖା ମହାନ୍ତି, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, ସକିର ଖାଁ, ସୁବୋଧ ମହାନ୍ତି, ରୀତିକ ଜୀ, ସେକ ଅନସର ଅଲ୍ଲୀ, ଦେବାଶିଷ ଦାସ, ନଳିନୀ ରଞ୍ଜନ ଦାସ, ଅତୁଲ ଶତପଥି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଅଶୋକ ଦାସ, ଅଶୋକ ଆର୍ଦ୍ୟ, ବାଦଲ ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଅତିଥିଙ୍କ ଉପସ୍ଥିତିରେ ଆୟୋଜକ ଶ୍ରୀ ପ୍ରଧାନ ଏବଂ ସମସ୍ତ ସହଯୋଗୀ କର୍ମକର୍ତ୍ତାଙ୍କୁ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲଡ଼ ବ୍ୟାଙ୍କର କର୍ମକର୍ତ୍ତାଙ୍କ ମଧ୍ୟରେ ଦେବାଶିଷ ଦତ୍ତ, ସୁଚିସ୍ମିତା ଦାସ, ଅକ୍ଷୟ ଜେନା ପ୍ରମୁଖ ସହଯୋଗ କରିଥିଲେ।




# ଶ୍ରମିକ ଦିବସରେ ଶିଶୁଙ୍କ ହାତରେ ହାତୁଡ଼ି, ମୁଣ୍ଡରେ ପଥର ଝୁଡ଼ି

ବାଲେଶ୍ୱର, ୨।୫ (ରୁଚିକ ରଞ୍ଜନ ମହାପାତ୍ର): ମେ ୧ ଅନ୍ତର୍ଜାତୀୟ ଶ୍ରମିକ ଦିବସଯେଉଁ ଦିନ ଶ୍ରମିକଙ୍କ ଅଧିକାର, ସମ୍ମାନ ଓ ସୁରକ୍ଷା ନେଇ ଦେଶ ସାରା ଆଲୋଚନା ହୁଏ, ସେହି ଦିନ ବାଲେଶ୍ୱର ଜିଲ୍ଲାରୁ ଆସିଥିବା ଏକ ଭୟାବହ ଓ ଲଜ୍ଜାଜନକ ଘଟଣା ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଛିଡ଼ାକରିଛି। ରେମୁଣା-ମିତ୍ରପୁର ରାସ୍ତା ପାଶ୍ୱର୍ରେ ଥିବା ଏକ ପଥର ଖାଦାନରେ ୮ରୁ ୧୩ ବର୍ଷ ବୟସର ୧୦ରୁ ଅଧିକ ଶିଶୁଙ୍କୁ ଖୋଲା ଆକାଶ ତଳେ ଶ୍ରମିକ ଭାବେ ନିଯୁକ୍ତ କରାଯାଇଥିବା ସାମ୍ନାକୁ ଆସିଛି। ଯେଉଁ ବୟସରେ ଶିଶୁମାନେ ସ୍କୁଲରେ ବସି ଅକ୍ଷର ଶିଖିବା, ଖେଳିବା, ହସିବା ଓ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିବା କଥା, ସେହି ବୟସରେ ସେମାନଙ୍କ ହାତରେ ହାତୁଡ଼ି ଏବଂ ମୁଣ୍ଡରେ ପଥର ଭର୍ତ୍ତି ଝୁଡ଼ି ଦେଖିବାକୁ ମିଳୁଛି। ତୀବ୍ର ଖରା, ଧୂଳି ଓ ବିପଦସଂକୁଳ ପରିବେଶ ମଧ୍ୟରେ ଏହି ନିର୍ଦ୍ଦୋଷ ଶିଶୁମାନେ ପଥର ଫଟାଇବା, ମେଟାଲ ପ୍ରସ୍ତୁତ କରିବା ଓ ଝୁଡ଼ିରେ ବୋହି ନିର୍ଦ୍ଦିଷ୍ଟ ସ୍ଥାନକୁ ନେବା ଭଳି କଠିନ କାମ କରୁଛନ୍ତି। ସବୁଠାରୁ ଦୁଃଖଦ ଓ ଆଶ୍ଚର୍ଯ୍ୟର କଥା ହେଉଛିଏତେ କଠିନ ଓ ବିପଦଜନକ କାମ ପାଇଁ ସେମାନେ ପାଉଛନ୍ତି କେବଳ ଝୁଡ଼ିପିଛା ୮ ଟଙ୍କା। ଏହି ଚିତ୍ର ପ୍ରମାଣ କରୁଛି ଯେ, ଶିଶୁମାନଙ୍କୁ ସ୍ୱଳ୍ପ ଟଙ୍କାରେ ଖଟାଇ ଠିକାଦାର ମାଲେମାଲ ହେଉଥିବା ହେଉଥିବା ବେଳେ ଶିଶୁଙ୍କୁ ବିପଦମୁହଁକୁ ଠେଲି ଦେଉଛନ୍ତି। ସରକାର ଶିଶୁ ସୁରକ୍ଷା, ମୂଲ୍ୟବାନ ଶିକ୍ଷା ଓ ଶିଶୁ ଅଧିକାର ନେଇ ବିଭିନ୍ନ ଯୋଜନା ଓ ଅଭିଯାନ ଚାଲିଥିବା ନେଇ ଡ଼ିଣ୍ଡିମ ପିଟୁଥିବା ବେଳେ ବାଲେଶ୍ୱରର ଏହି ଘଟଣା ଯୋଜନାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି।

କେବଳ ପଥର ଖାଦାନ ନୁହେଁ, ଜିଲ୍ଲାର ଅନେକ ସ୍ଥାନରେ ଚାଲୁଥିବା ବେଆଇନ ଇଟା ଭାଟିଗୁଡ଼ିକ ମଧ୍ୟ ଶହ ଶହ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ଶିଶୁ ଶ୍ରମିକ ରୋକିବାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ବୋଲି ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଏହି ଘଟଣା





## ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ତନାଘନା

ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ନଜରକୁ ଆସିବା ପରେ ସେ ତୁରନ୍ତ ତଦନ୍ତ କରିବାକୁ ଓ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ତାଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଘଟଣାର ତନାଘନା ଆରମ୍ଭ ହୋଇଛି।

ସୃଜନିକା
ସକାଳ THE SAKALA
www.sakalaepaper.com



# ଖରାର ସାହାନାଇ



ବିରଜା ରାଉତରାୟ

ହଷ୍ଟେଲ ରୁମ୍‌ର ଝରକା ଆରପଟେ ଦ୍ୱିପହର ଖରାଟା ଗୋଟାଏ ଆତଙ୍କବାଦୀର ମୁହଁ ପରି ଦିଶୁଥିଲା ତନୟାକୁ । ଦାଉ ଦାଉ ହୋଇ ଜଳୁଥିବା ଓ ଜଳାଉଥିବା ଏହି ଖରାଟାକୁ ଆଉ କ'ଣ ବା ନାମ ଦେଇ ପାରନ୍ତା !

ନିଜକୁ ପ୍ରଶ୍ନ କରୁଥିଲା, "ଖରାଟାକୁ ଚ'ଖଡ଼ିର ରଙ୍ଗ ଅବା ଫୁଟାଖଇ ରଙ୍ଗ ପରି ଧଳା ବୋଲି ନ ଭାବି ସେ କାହିଁକି ଅବା ଆତଙ୍କବାଦୀର ମୁହଁ ସହ କଳନା କରି ବସିଲା ?" ପୁଣି ସାମାନ୍ୟ ରହି ଆଶ୍ଚର୍ଯ୍ୟଚକିତ ଆଖିରେ ଭାବୁଥାଏ ଆରେ ସତେ ତ ଆହୁରି କେତେ କ'ଣ ଉପମା ରହିଛି ତୁଳନା କରିବାକୁ,ଯାହାକୁ ସେ ଛାଡ଼ି ଯାଇଛି । ଯେପରି ତୁଳାରଙ୍ଗର ଖରା । ଯେପରି ଧଳା ରୁମାଲ ପରି ସଫେଦ ଖରା । କିମ୍ବା ଷ୍ଟ୍ରବେରୀ ଆଇସକ୍ରିମ୍‌ର ତୋଫା ଦେହ ପରି ଖରା,ଏମିତି ବି କହି ହେଇଥାନ୍ତା! ହେଲେ, ହଠାତ୍ କାହିଁକି ତା' ମନ ଖରାକୁ ଆତଙ୍କବାଦୀ ସହ ତୁଳନା କରିବାକୁ ଚାହିଁଲା !

ମନୋବିଜ୍ଞାନ ବିଭାଗର ଛାତ୍ରୀ ନ ହେଲେ ନାହିଁ, ସେ ତ ସାହିତ୍ୟର ଛାତ୍ରୀ । ପଢ଼ିଛି ଚେତନାପ୍ରବାହର ଧାରାକୁ । ମନୋବିଶ୍ଳେଷଣର ପ୍ରୟୋଗକୁ ପଢ଼ିଛି କେତେ ନା କେତେ ଚରିତ୍ର ସବୁରେ । ଏହି କାହିଁକି ପ୍ରଶ୍ନଟିର ସନ୍ତୋଷଜନକ ଉତ୍ତର ନିକଟରେ ପହଞ୍ଚିବାକୁ ଚାହୁଁଥିଲା ତନୟା ।

ଓଃ ! ଆଖି ଝଲସାଇବା ପରି ଏ ଦ୍ୱିପହରିଆ ଖରା ଧାସଟା ! ତା' ସହିତ ଅସହ୍ୟ କଳା ପରି ଗୁଳୁଗୁଳି । ରୁମ୍‌ର ସିଲିଂ ଫ୍ୟାନଟା ବି ଅଧା ମୂର୍ଚ୍ଛା ହେବା ପରି ତା'ର ତିନିପତିଆ ଡେଣା ଗୁଡ଼ାକୁ ଧୀର ଗତିରେ ଘୂରାଇ ଚାଲିଥାଏ ।

ଆଃ...ବିଚରା ସବାଉପର ମହଲା ଛାତ ତଳେ ଲଟକିଛି ଯେତେବେଳେ ଗରମ ପବନତକ ହିଁ ଛାଡ଼ିବ ! ନିଜର ତୀବ୍ର ଅଶ୍ୱସ୍ତିପଣକୁ ସୂଚାଇ ଝରକା ଆଡୁ ମୁହଁ ଫେରାଇ ଆଣିଲା ।

ସାମ୍ନା ଖଟରେ ନିରୁଦ୍‌ବିଗ୍ନ ହୋଇ ଶୋଇ ରହିଥାଏ ଶାଳିନୀ ।

ଅଦ୍ଭୁତ ଝିଅଟା ! କିଏ ଖରା ହେଲେ ଛାଇ ଖୋଜେ । ଇଏ କିନ୍ତୁ ଯେତେ ଛାଇ ତଳେ ରହିଲେ ବି ଖରା ଖୋଜେ ! ୟା'ର ଚାରିପଟେ ସବୁବେଳେ ଆଲୁଅ ଜଳୁଥିବା ଦରକାର । ଅନ୍ଧାର ହେଲେ କୁଆଡ଼େ ଭୂତର ଛାଇ ଆସି ତାକୁ ମାଡ଼ି ବସୁଛି ! ତା' ଯୋଗୁଁ ପୁଣି ମଣିଷ ରାତିତମାମ୍ ଲାଇଟ ଜାଳି ଶୋଇବ! ଦ୍ୱିପହର ନିଦାଘ ଖରାବେଳଟାରେ ଝରକା ସୁଦ୍ଧା ବନ୍ଦ କରି ପାରିବ ନାହିଁ । ଛ୍ୟା...ଇଏ ପୁଣି ମନୋବିଜ୍ଞାନର ଛାତ୍ରୀ ! ଚୋପାଟା... !" ଆଉ ମୁହୂର୍ତ୍ତେ ସୁଦ୍ଧା ଏଇ ତତଲା ତାୱାର ରୁମ୍‌ଟା ଭିତରେ ରହି ଗୋଟାପଣ ସିଝିବାକୁ ଚାହୁଁ ନ ଥିଲା ତନୟା । ସହଜେ ଝରକା ସେପଟେ ଦ୍ୱିପହର ଖରାର ତ୍ରାସ । ଆରପଟ ଖଟରେ ଶୋଇଥିବା ଶାଳିନୀର ବିଚିତ୍ର ମିଜାଜ୍ । ତା'ର ଇଚ୍ଛା ହେଉଥିଲା ସିଧା ଧଡ୍ କରି କବାଟ ଖୋଲି ଚାଲି ଆସନ୍ତା ହଷ୍ଟେଲ ଆଗ ବଗିଚାର ପୁରୁଣା ଚମ୍ପା ଗଛର ଛାଇ ତଳକୁ ।

ସେଇ ସ୍ଥାନଟି ତା'ର ଅତି ପ୍ରିୟ । ମ୍ଳାନ ଅପରାହ୍ଣ ବେଳାର ସୁଗନ୍ଧଦାତ୍ରୀ ମଇତ୍ର । ତାହାରି ତଳେ ବସି କେତେ ନା କେତେ ମନର ଉଚ୍ଛ୍ୱାସକୁ ପାଣି ଫୋଟକା ଛାଡ଼ିବା ପରି ଉପରକୁ ପଠାଇଦିଏ । ହଁ, ଯେତେବେଳେ ଗମ୍ଭୀର ଥାଏ ଆଉ ଏକୁଟିଆ ଥାଏ । ଚାହିଁ ବସିଥାଏ ତା'ର ସକ୍ରିୟ ସାନ୍ନିଧ୍ୟ । ଯେପରି ଆପଣାର କେହି ବାନ୍ଧବୀଟିଏ ପାଖରେ ବସି ରହିଛି । ସକଳ ଅନୁରାଗ ସହ ଶୁଣି ଚାଲିଛି ତା'ର ବ୍ୟଥା ଓ ବେଦନା । ବିଷାଦ ଓ ବ୍ୟାକୁଳତାର ମର୍ମକୁ ବୁଝୁଚି । ପଣତଟିଏ ଧରି ମୁହଁରେ ଘୂରାଇ ଆଣିବା ପରି ପୋଛି ପକାଉଛି ତାକୁ ଉଦ୍‌ବିଗ୍ନ ରଖିଥିବା ଅଭିଯୋଗର ଅଦୃଶ୍ୟ ପ୍ରତିଲିପିକୁ ।

ଯେତେବେଳେ ଏହିପରି ଭାବନା ଆସି ତା' ମନକୁ ଆନ୍ଦୋଳିତ କରେ, ସିଏ ସତକୁ ସତ ମୁଣ୍ଡ ଟେକି ଚାହିଁଦିଏ ତଳକୁ ନଇଁ ଆସିଥିବା ଡାଳଟି ଆଡ଼କୁ । ତାକୁ ଲାଗେ ଯେପରି, ସିଏ ତାକୁ ନିରାଶ କରିବାକୁ ଚାହୁଁ ନାହିଁ । ହାଲ୍‌କା ପବନର ଛୁଆଁରେ ଗଛଡାଳର ପତ୍ରସବୁ ମୁଣ୍ଡ ହଲାଇ ତା'ର ଉତ୍କ୍ଷିପ୍ତ ଭାବରାଜିକୁ ପ୍ରଶମିତ କରି ଚାଲିଛନ୍ତି ! କେମିତି ଗୋଟେ ମୁରୁକୁନ୍ଦୁ ସବୁଜ ହସର ସଂକ୍ରମଣ ସେ ନିଜ ଭିତରେ ଆବିଷ୍କାର କରେ! ଧୀରେ ଧୀରେ ଫେରିଆସେ ପୁଣି ସ୍ୱାଭାବିକ ଜୀବନ ପ୍ରବାହ ଭିତରକୁ ।

ସେଦିନ କିନ୍ତୁ କ'ଣ ଭାବି ନିରାଶ ହୋଇ ପଡ଼ିଲା ତନୟା । ଦୁଇ ସପ୍ତାହ ଖଣ୍ଡେ ହୋଇଯିବଣି ସେ ବିଲ୍‌କୁଲ୍ ଯାଇ ନ ଥିଲା ହଷ୍ଟେଲ କ୍ୟାମ୍ପସ୍‌ର ସେଇ ପୁରୁଣା ଚମ୍ପାଗଛ ମୂଳକୁ । ବୈଶାଖୀର ଝାଞ୍ଜି ଓ କ୍ରୂର ନିଦାଘର ଖରା ବାଜି ଗଛଟି ପ୍ରାୟ ଅଧାଲଣ୍ଡା ଦେହର ଦଶା ଭୋଗୁଛି । ଏଇନେ ସେଠାକୁ ଯାଇ ଲାଭ ଅବା ଯେ କ'ଣ ?

ଦୀର୍ଘ ନିଃଶ୍ୱାସଟେ ଛାଡ଼ି ପୁଣି ବସି ପଡ଼ିଲା ନିଜ ବେଡ୍ ଉପରେ । ଆଉ ଥରେ ମୁହଁ ଘୂରାଇ ଝରକା ଆରପଟକୁ ଚାହିଁବାକୁ ଚେଷ୍ଟାକଲା । ଖରାର ତେଜଟା ସେତେବେଳକୁ ଆଉ ପରସ୍ତେ ଉଚ୍ଚାକୁ ଛୁଇଁ ଯାଇଥିବା ପରି ଚାଇଁଚାଇଁ ଦିଶୁଥାଏ ଆଖିକୁ । ଝଲସାଇ ଦେବା ପରି ଥିଲା ତା'ର ଉଗ୍ର ଆମନ୍ତ୍ରଣ ।

କ୍ଷଣକ ମାତ୍ର ବିଳମ୍ବ ନ କରି ଫେରାଇ ଆଣିଲା ନିଜର ଦୁଇ ଆଖି ରୁମ୍ ଭିତରକୁ । ଧେତ୍... ପୁଣି ଚମକି ପଡ଼ିବା ପରି ମନେ ମନେ କହି ଉଠିଲା, "ଏଇଟାକୁ କେମିତି ନିଦ ଆସୁଛି କେଜାଣି !"

ଶୁଣିଥିଲା ହରିବଂଶରେ, କଂସର ହାତରୁ ଛିଟିକି ଉଡ଼ି ଯାଇଥିବା ବିଜୁଳିକନ୍ୟା ବିଷୟରେ । ତାକୁ ଲାଗୁଥିଲା, ଏଇ ଶାଳିନୀଟା କଳିଯୁଗର ଖରାକନ୍ୟା ! ସେତେବେଳେ କଡ଼ ଲେଉଟାଇ ଶୋଇଥିବା ଶାଳିନୀ ତା'ର ଶୟନମୁଦ୍ରା ପରିବର୍ତ୍ତନ କରି ସିଧା ଚିତ୍ ହୋଇ ଶୋଇ ପଡ଼ିଲା । ଧୀରେ ଧୀରେ ତା'ର ଅର୍ଦ୍ଧମୁକୁଳା ପାଟିବାଟେ ଘୁଙ୍ଗୁଡ଼ିର ଲହର ରୁମ୍‌ଟି ସାରା ସଂକ୍ରମିତ ହେବାକୁ ଆରମ୍ଭ କଲା ।

ଇସ୍...ଏଇ ଶବ୍ଦକୁ ତା'ର ଭାରି ରାଗ । ରାତି ହୋଇଥିଲେ ଦୁଇ ଛୋଟ ତକିଆକୁ କାନପାଖରେ ନଦି କୌଣସି ମତେ ଶୋଇ ପଡ଼ିଥାନ୍ତା । ସେମିତି ସେ କରିଥାଏ । ହେଲେ, ଏବେକା ପାଇଁ କିଛି ସେପରି ଜୁଟୁ ନ ଥାଏ ମୁଣ୍ଡରେ ।

କ'ଣ ଭାବିଲା, ଥିଲା ଥିଲା ଛିଡ଼ା ହୋଇ ପଡ଼ିଲା ନିଜ ସ୍ଥାନରୁ । ପୂର୍ବରୁ ଯେପରି ଭାବିଥିଲା, ଖୁବ୍ ଉତ୍କ୍ଷିପ୍ତ ଗତିରେ ରୁମ୍‌ର କବାଟଟାକୁ ଖୋଲି ଧଡାସ୍ କରି ବାଡ଼େଇ ବାହାରି ଆସିଲା ପଦାକୁ । କେଇଟା ନିଃଶ୍ୱାସରେ ପାହାଚରେ ଖସି ଚାଲି ଆସିଥିଲା ସବାତଳକୁ ।

ସେହିପରି ଉତ୍କ୍ଷିପ୍ତ ମନଧରି ବାରଣ୍ଡାରେ ଏପଟ ସେପଟ ହୋଇ ଟହଲମାରି ଚାଲୁଥାଏ ତନୟା ।

ହଠାତ୍ ସେଇ ଚିହ୍ନା ଚମ୍ପାଗଛ ଉପରେ ଆଖି ପଡ଼ିଯିବାରୁ କେମିତି ଏକ ଅବ୍ୟକ୍ତ ଖୁସି ସହସା ଚହଟି ଉଠିଲା ତା' ମୁହଁରେ! ଦେଖିଲା, ଅସଂଖ୍ୟ ନୂଆ କଅଁଳ ସବୁଜପତ୍ରର ସମ୍ଭାରରେ ଭରି ଉଠିଥିଲା ଗଛଟି । ଅନୁମାନ କରିନେଲା,ଏହା ନିଶ୍ଚୟ ପିଛିଲା ସପ୍ତାହ ଦୁଇ ଅସରା କଳାବୈଶାଖୀ ବର୍ଷାର ଚମତ୍କାରୀ !

ଅବିଳମ୍ବେ ସେ ତା'ର ପୁରୁଣା ଆସ୍ଥାନ ଘାସର ଗାଲିଚା ଉପରେ ଆସି ବସିପଡ଼ିଲା । ବିରକ୍ତିପଣ ବଦଳରେ କେମିତି ଏକ ସନ୍ତୋଷଭାବ ଉଇଁ ଆସୁଥିଲା ଭିତରେ । ଆଉଥରେ ଆଖି ଉଠାଇ ଉପରକୁ ଚାହିଁଲା । ଧୂ ଧୂ ଆକାଶକୁ ପିଠି କରି ଚମ୍ପାଗଛର କଅଁଳ ସବୁଜ ପତ୍ରସବୁ ଆସ୍ତେ ଆସ୍ତେ କାନକୁ ହଲାଉଥାନ୍ତି । ସେମାନଙ୍କ ପିଠିରେ ଦ୍ୱିପହରର ତୀର୍ଯ୍ୟକ ଖରା ଶାନ୍ତଶିଶୁ ସାଜି ଦୋଳି ଖେଳୁଥିବା ପରି ଦିଶୁଥାନ୍ତି ତା'ର ଆଖିକୁ । ■

ମାଧପୁର,କେନ୍ଦ୍ରାପଡ଼ା
ମୋ: ୯୭୫୮୮୧୦୨୪୪

## ପୁସ୍ତକ ପରିଚୟ

### ଜ୍ୟୋତିର୍ମୟୀ ରେବତୀ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ବିଦ୍ୟା ପବ୍ଲିଶିଙ୍ଗ ଇଙ୍କ୍
ଟରୋଣ୍ଟୋ, କାନାଡ଼ା
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୭୫ ଟଙ୍କା

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୁପ୍ରସିଦ୍ଧ ଗଳ୍ପ 'ରେବତୀ'ର ଆବେଦନ ଚିରନ୍ତନ । ବିଭିନ୍ନ ଭାରତୀୟ ଓ ବୈଦେଶିକ ଭାଷାରେ ଏହି ଗଳ୍ପଟି ଅନୂଦିତ ହୋଇ ଓ ବହୁ ପାଠକାଦୃତ ଲାଭ କରିଛି । 'ରେବତୀ'ର ବିଭିନ୍ନ ଦିଗକୁ ନେଇ ରଚିତ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ଜ୍ୟୋତିର୍ମୟୀ ରେବତୀ' ପୁସ୍ତକ ପ୍ରକାଶ ପାଇଛି । 'ବିଶ୍ୱ ସାହିତ୍ୟର ପ୍ରଥମ ଆଧୁନିକ କ୍ଷୁଦ୍ରଗଳ୍ପ 'ରେବତୀ', 'ରେବତୀର ଶବ୍ଦ-ସ୍ପନ୍ଦନ', 'ରେବତୀ ଗଳ୍ପରେ ଫକୀରମୋହନଙ୍କ ବ୍ୟକ୍ତିତ୍ୱ','ରେବତୀ ଗଳ୍ପରେ ଆଧୁନିକତା', 'ନବଜାଗରଣର ପ୍ରତିଭୂ ଶ୍ୟାମବନ୍ଧୁ', 'ରେବତୀ ଅଭୀପ୍ସାର ଏକ ଦିବ୍ୟଶିଖା', 'ନାରୀବାଦର ଊର୍ଦ୍ଧ୍ୱରେ ରେବତୀ', 'ବାସୁଦେବ: ନବଚେତନାର ନିଃସ୍ୱାର୍ଥ ଶ୍ରଦ୍ଧା', ଆଦି ପ୍ରବନ୍ଧଗୁଡ଼ିକରେ ରେବତୀ ଗଳ୍ପର ବୈଶିଷ୍ଟ୍ୟ, ଚରିତ୍ରମାନଙ୍କର ବିଶେଷତ୍ୱ, ମାନବୀୟ ବେଦନା ଓ ସମ୍ବେଦନଶୀଳତା ଉପରେ ଆଲୋଚନା କରାଯାଇଛି । ସେହିପରି 'ଫକୀର ମୋହନଙ୍କ 'ରେବତୀ' ଓ ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଏକ ତୁଳନାତ୍ମକ ବିଶ୍ଳେଷଣ', 'ଫକୀରମୋହନଙ୍କ 'ବାସୁଦେବ' ଓ ରବୀନ୍ଦ୍ରନାଥଙ୍କ 'ପୋଷ୍ଟ ମାଷ୍ଟର': ଏକ ଅନ୍ତଃନିରୀକ୍ଷା', 'ରେବତୀ ଓ ମଲାଲା : ଏକ ତୁଳନାତ୍ମକ ତତ୍ତ୍ୱ' ଆଦି ଆଲୋଚନାରେ 'ରେବତୀ' ସହିତ ଅନ୍ୟ ମହତ୍ ଚରିତ୍ର ଓ ନାରୀମାନଙ୍କ ସହିତ ତୁଳନା କରାଯାଇଛି । ଫକୀରମୋହନଙ୍କ 'ରେବତୀ' ଗଳ୍ପ ସଂପର୍କିତ ତଥ୍ୟ ଓ ଗବେଷଣା ଭିତ୍ତିକ 'ଜ୍ୟୋତିର୍ମୟୀ ରେବତୀ' ପୁସ୍ତକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଦେଶ ମୋ ଭାରତବର୍ଷ

ହଂସନାଥ ମୁଦୁଲି




ପେଜମେକର୍ ପବ୍ଲିକେଶନ୍ସ
ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ହଂସନାଥ ମୁଦୁଲିଙ୍କ ଦେଶାତ୍ମବୋଧକ ଗୀତି କବିତା ସଂକଳନ 'ଦେଶ ମୋ ଭାରତବର୍ଷ' ପ୍ରକାଶ ପାଇଛି । ଭାରତ ହେଉଛି ପୁଣ୍ୟ ଭୂଇଁ । ଏହି ମାଟିରେ ଜନ୍ମ ନେଇଛନ୍ତି ଅନେକ ଗୌତମ ବୁଦ୍ଧ, ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷମାନେ । ପୁଣି ଏହି ମାଟି ହେଉଛି ବୀର ପୁରୁଷଙ୍କ ମାଟି । ଏହି ପୁସ୍ତକର କବିତାଗୁଡ଼ିକରେ ଦେଶଭକ୍ତି, ଜାତୀୟତାବୋଧ, ମାଟି ମା'କୁ ଭଲ ପାଇବାର ବାସ୍ନା ବାରି ହୋଇପଡୁଛି । ଏହି ପୁସ୍ତକରେ ସଂକଳିତ 'ଦେଶ ମୋ ଭାରତ ବର୍ଷ', 'ଜନମଭୂଇଁ ଓଡ଼ିଶା ମାଟି', 'ଓଡ଼ିଶା ମୋର ମାଆ', 'ଭାରତ ଆମ ମାଆ', 'ମା'କୁ ସଲାମ କରୁଛି', 'ତ୍ରିରଙ୍ଗାର ତାଳଲୟେ' , 'ସତ୍ୟନିଷ୍ଠାର ଜୟ', 'ଅଗଷ୍ଟ ପନ୍ଦର ଆସିବ ବୋଲି', 'ଓଡ଼ିଆ ପୁଅ ମୁଁ ଓଡ଼ିଆ ପୁଅ', 'ମାଟି ନୁହେଁ ସେ ଯେ ମାଆ', 'ସିଏ ଗଙ୍ଗାଯମୁନାର ଦେଶ', 'ଲୁହଭରା ଆଜି ଆଖି', 'ଆଜି ତ ଆମ ଗଣତନ୍ତ୍ର ଦିବସ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି କବିତାରେ ମାତୃଭୂମି ଓ ଦେଶର ଜୟଗାନ କରାଯାଇଛି । କବିତାଗୁଡ଼ିକ ପାଠ କଲେ ନିଶ୍ଚୟ ପାଠକଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୋଇଉଠିବ । ଦେଶପ୍ରୀତିର ଭାବ, ସରଳ ଭାଷା, ପଦର ଲାଳିତ୍ୟ କବିତାଗୁଡ଼ିକକୁ ଅଧିକ ହୃଦୟସ୍ପର୍ଶୀ କରିଛି । 'ଦେଶ ମୋ ଭାରତବର୍ଷ' ପୁସ୍ତକର ଗୀତି କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବୋଉର ଶେଷଦିନସବୁ



ସେନାପତି ପ୍ରଦ୍ୟୁମ୍ନ କେଶରୀ

ବୋଉର ଶେଷଦିନସବୁ ବହୁତ ଅଝଟ କଲେ
ସାରା ଜୀବନ ସଂସାରକୁ ମୁଣ୍ଡେଇ ଯିଏ ସୁଖ ପାଉଥିଲା
ସବୁ ତେଜ୍ୟା କରି ବାହୁଡ଼ି ଯିବାକୁ ସିଏ କେମିତି
ପୁଣି ଏତେ ବ୍ୟସ୍ତ ହେଲା ?

ଯେତେବେଳେ ମୋ କଥା ଶୁଣିବାକୁ
ବୋଉର ଆଉ ସାମର୍ଥ୍ୟ ନଥିଲା
ଆଖିର ଲୁହସବୁ କେବଳ ଟପ୍ ଟପ୍ ଝରୁଥିଲେ
କେବଳ ତା' ବାଟରେ ନୀରବରେ ବହି ଚାଲିଥିଲେ
କେମିତି ବଢ଼ିଗଲା ଏତେ ଦୂରତା ବୋଉ ଆଉ ମୋ ଭିତରେ ?

ଯେତେବେଳେ ମୋ କଥା ବୋଉ ଆଉ ବୁଝି ପାରୁନଥିଲା
ବଲବଲ ମୋତେ ଚାହୁଁଥିଲା ଖାଲି ଉଦାସ ଆଖିରେ !

ଭାବିଲି, କେତେ ବଡ଼ ପାପୀଟେ ମୁଁ ସତେ !
କିଛି ଜଘନ୍ୟ ପାପ ହିଁ ଝୁଣି ଝୁଣି ମୋତେ ଖାଉଥିଲା
ନୂଆ ଲୁଗାକୁ ରୁଖିଆ କାଟି କାଟି ଖାଇଗଲା ପରି
ଜୀବନର ସବୁ ସୁଖ ଆସ୍ତେ ଆସ୍ତେ
ମୋ ପାଖରୁ ଦୂରେଇ ଯାଉଥିଲା !

ଦେବୀଙ୍କ ପାଖରେ ବଳି ଉଦ୍ଦେଶ୍ୟରେ
ବନ୍ଧା ହେଇଥିବା ନିରୀହ ଛେଳିଟି
ଯେମିତି ଭୋକରେ ଡାଳ ପତ୍ର ଖାଇ ଚାଲିଥାଏ
ହେଲେ ତାକୁ ଜଣା ନଥାଏ,
ତା'ର ମୁଣ୍ଡ ଗଣ୍ଡି ଅଲଗା ହେବା ଆଉ ବୋଧେ
ବେଶି ଡେରି ନୁହେଁ !

ମୁଁ ଦେଖିଛି, ବୋଉର ଶେଷଦିନମାନଙ୍କର
ରାତିସବୁ କେତେ ନିଷ୍ଠୁର ଥିଲା

ପବନ ଆଦୌ ଶୀତଳ ନଥିଲା
ଆକାଶର ତାରାମାନେ ବୋଧେ
ଭୁଲି ଯାଇଥିଲେ ଆଖି ମିଟିକା
ରହି ରହି ଛାତି ଦମ୍ ଦମ୍ ହେଉଥିଲା !

ଥରକୁ ଥର ବିଛଣାରୁ ଉଠି
ପଦାକୁ ପଳାଇବାକୁ ଚାହୁଁଥିଲା ବୋଉ
କାହା ପାଖକୁ ଯିବା ଲାଗି ଏତେ ବ୍ୟସ୍ତ ହେଉଥିଲା ?
ମୁଁ ତା'ର ପୁଅ ବୋଲି ଯେତେ ବୁଝାଇ କହିଲେ
ସେ ମୋତେ ଆଦୌ ଚିହ୍ନୁ ନଥିଲା ।

ସତରେ ବୋଉର ଶେଷଦିନସବୁ
ଚୋରାଇ ନେଇଥିଲା ମୋର ରାତିର ନିଦ
ଋତୁ ବି ନିହାତି ଅଚିହ୍ନା ଲାଗୁଥିଲା
କେଜାଣି କିଏ ଆସି କେତେବେଳେ
ମୋ ବୋଉ କାନରେ କ'ଣ କହିଲା
ଆଖି ଖୋଲିଲା ବେଳକୁ
ବୋଉ ମୋତେ ସିନା ଅନେଇଥିଲା
ହେଲେ ମୋର ହୃଦୟର ବ୍ୟାକୁଳତା ବୁଝିବାକୁ
ତା' ଛାତି ଭିତରେ ବୋଧେ ଆଉ ପବନ ନଥିଲା ! ■

ଜଗନ୍ନାଥ କଲୋନୀ, ବାଲିକୁଦା
ଗୋପାଳପୁର, କଟକ : ୭୫୩୦୧୧
ମୋ : ୬୩୭୧୫୨୩୫୯୮

## ଯୁଦ୍ଧ ବିରତି ବେଳେ ବର୍ଷା



ଚିରଶ୍ରୀ ଇନ୍ଦ୍ରସିଂ

କ୍ଷେପଣାସ୍ତ୍ରର ଆଉଁଷାରେ ପୋଡ଼ିଯାଇଥିବା ଆକାଶକୁ
ଘୋଡ଼ାଇ ରଖିଚି କଳାଘୁମର ମେଘ
ବର୍ଷା ହେଉଛି ରହି ରହି ।

ବର୍ଷା ହେଉଛି
ବହୁକାଳ ଧରି ଗଣଧର୍ଷିତା ଜହ୍ନ
ଡରି ଡରି ମୁହଁ ଦେଖାଉଛି ।

ଟୋପା ଟୋପା ବର୍ଷା, ଚିହିଁକି ଉଠୁଛି ବାଲି
ଅଧା ଅଧି ଜଳି ଯାଇଥିବା ଗଛ
ମଞ୍ଜରୁ ଛାଡୁଛି ଦୀର୍ଘଶ୍ୱାସ
ତମ୍ବୁ ବାହାରେ ଠିଆ ତରୁଣ ସୈନିକ ଜଣେ
ହସି ଦେଉଛି ଥିରି କରି
ଦିଶି ଯାଉଛି ତ ବହୁ ଦିନର ପରିଚିତ ମଣିଷଟେ ପରି!

ଖୋଲା ଦୁଆର ଖୋଲା ଛାତ
ଉଜୁଡ଼ା ସହର ଉଜୁଡ଼ା କ୍ଷେତ
ଛୋଟ ପିଲାମାନଙ୍କର ଫୁସ୍‌ଫୁସ୍ କଥା
ଶୁଣା ଯାଉଛି ରହି ରହି
ଜଣା ନାହିଁ ନଈ ପାଣିରେ ଯାହା ଭଉଁରି ଖାଉଛି
ତା' ଗୋଟେ ସ୍ୱଦେଶୀ ନିଷ୍କ୍ରିୟ ବୋମା
ନା' ଗୋଟେ ପରଦେଶୀ ଡ୍ରୋନ୍‌ର ଛାଇ!

ଆଜି ଯୁଦ୍ଧ ବିରତି
ଯୋତା ହେଇଛି ଯୁଦ୍ଧର ଯୁଆଳିରେ
ଫାଳ ଫାଳ ପୃଥ୍ୱୀ
ନିଜ ନିଜର ଈଶ୍ୱରଙ୍କୁ ଲୋକମାନେ ଗାଳି ଦେଉଛନ୍ତି
ଅସୁର ଓ ସଇତାନମାନେ ମନାଇବା ବେଳେ ମହୋତ୍ସବ
ଦାୟିତ୍ୱହୀନ ଈଶ୍ୱରମାନେ ଶୋଇ ପଡ଼ନ୍ତି
କାହିଁକି ଏବଂ କେମିତି?

ଦିନେ ମହାପ୍ଳାବନର ଅନ୍ତରେ ଜନ୍ମିଥିବ ଶୈବାଳ
ପାଣିରୁ ଉଠି ଆସି, ଉଡ଼ିବାକୁ ଶିଖିଥିବ ମାଛ
ଯୁଦ୍ଧ ବିରତି ବେଳେ ଏଇ ଗୁଣୁ ଗୁଣୁ ବର୍ଷା
ସତରେ କ'ଣ ଆଉ ଦୁବ କଅଁଳିବ ନାହିଁ
ଖପରା ମାଟିର ପିଠିରେ, ପୁଣି ଥରେ!!

ଚାଲ ଆଶା କରିବା
ଯୁଦ୍ଧ ରହୁ, ଯଦି ରହୁଛି ନିହାତି
ଅଳ୍ପକାଳ ପାଇଁ
ସ୍ଥାବର, ଜଙ୍ଗମ, କୀଟ ପତଙ୍ଗାଦି
ସମସ୍ତଙ୍କ ପାଇଁ ରହୁ ହୀନବଳ ହୋଇ;

ଚାଲ, ବର୍ଷା ରେ ତିନ୍ତିବା
ବିଶ୍ୱାସ ରଖିବା ଯେ,
ଯୁଦ୍ଧ ବିରତି ହେବ ଦୀର୍ଘସ୍ଥାୟୀ
ବର୍ଷା ଆସିବ ବାରମ୍ବାର, ଏ ଭୂଇଁକୁ
ଭଲ ପାଇବାର ଭରସା ଦେଇ
ଭରସା ନେଇ । ■

ଅଧ୍ୟକ୍ଷା, ଡିଜିବିକେ କଲେଜ
କସର୍ଦ୍ଦା, କଟକ
ମୋ: ୮୦୧୮୪୨୦୫୧୭

# "ସାହିତ୍ୟକୁ ନୂତନ ଦୃଷ୍ଟିକୋଣରୁ ନଦେଖି ଲେଖିବା ବ୍ୟର୍ଥ"



ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ




'ମୁଁ କାହିଁକି ଲେଖେ?' ଏହା ମୋ ପାଇଁ ଏକ ବଡ଼ ଜଟିଳ ପ୍ରଶ୍ନ । କାହିଁକି ଲେଖେ ଏହାର ଉତ୍ତର ପ୍ରକୃତରେ ମୁଁ କିଛି ଜାଣିନି । ପିଲାଦିନରୁ ଲେଖୁଛି । ଛାତ୍ରାବସ୍ଥାରୁ ମୁଁ ବହୁତ ବହି ପଢ଼ିଛି । ସେଥିପାଇଁ ସେତେବେଳେ ମୁଁ ଏଣୁତେଣୁ ଲେଖୁଥିଲି । ବୋଧହୁଏ ସେତେବେଳେ କେଉଁଠି ନା କେଉଁଠି ଗୋଟେ ଇଚ୍ଛା ଥିଲା ମୁଁ ଲେଖକ ଭାବେ ପରିଚିତ ହେବି । କବି ଖ୍ୟାତି ପାଇଁ ବହୁତ ଲୋକ ଲାଳାୟିତ ହୁଅନ୍ତି । ବୋଧହୁଏ ସେହିଭଳି ଗୋଟେ ଇଚ୍ଛା ମୋ ଭିତରେ ଥିଲା । ପରବର୍ତ୍ତୀ ସମୟରେ ଏହି ଲେଖିବା ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା ହୋଇଗଲା । ଲେଖାରେ ଏକପ୍ରକାର ପ୍ରବଣତା ଆସିଗଲା ।

ମୁଁ ଷଷ୍ଠ ଶ୍ରେଣୀରୁ ଶିଶୁ କବିତା ଲେଖିବା ଆରମ୍ଭ କରିଥିଲି । ଶିଶୁ କବିତା ଲେଖିଛି ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ । ଏହାପରେ ରବିବାର 'ପ୍ରଜାତନ୍ତ୍ର', 'ଆସନ୍ତାକାଲି' ଆଦି ବିଭିନ୍ନ ପତ୍ରପତ୍ରିକା ପାଇଁ ଲେଖିଛି । ଅନର୍ସ ପରୀକ୍ଷା ସରିବା ପରେ ମୋର ପ୍ରଥମେ କବିତା 'ଝଙ୍କାର' ପୃଷ୍ଠାରେ ପ୍ରକାଶିତ ହୋଇଥିଲା । ଯାହା ମୋତେ ବହୁତ ଆନନ୍ଦିତ ଓ ଉତ୍ସାହିତ କରିଥିଲା । ପ୍ରଥମ କବିତା ଏବଂ ପ୍ରବନ୍ଧ ବହି ୧୯୭୧ -୧୯୭୨ ମସିହାରେ ପ୍ରକାଶ ପାଇଥିଲା । ଓଡ଼ିଶାରେ ସାଢ଼େ ଚାରି ବର୍ଷ ସରକାରୀ କଲେଜରେ ଅଧ୍ୟାପନା କରିଥିବା ସମୟରେ ମୁଁ ଅନେକ କବିତା, ପ୍ରବନ୍ଧ ଲେଖିଛି । ସେ ସବୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ତେବେ ମୋ' ଲେଖାର କୌଣସି ନିର୍ଦ୍ଦିଷ୍ଟ ଦିଗ ନ ଥିଲା । କ'ଣ ଲେଖିବି? କାହିଁକି ଲେଖିବି ? ଏ ସବୁ ବିଷୟରେ ବିଶେଷ ଚିନ୍ତା କରି ନଥିଲି । ଲେଖୁଛି ତ ଲେଖୁଛି, ଯାହା ଇଚ୍ଛା ହେଉଥିଲା ତାହା ଲେଖୁଥିଲି । ଏଭଳି ଲେଖାଲେଖି ଚାଲିଥିଲା । ଯେତେବେଳେ ୧୯୭୪ ମସିହାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ ଯାଇ ସେଠାରେ ୩୬ ବର୍ଷ ଅଧ୍ୟାପନା କଲି । ସେହି ସମୟରେ ବହୁ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀ, ଭାରତୀୟ ଇତିହାସ ପୁସ୍ତକ ସମେତ ବିଭିନ୍ନ ଭାଷାର ପତ୍ରପତ୍ରିକା ପଢ଼ିବାର ସୁଯୋଗ ପାଇଲି । ଏପରିକି ଆମେରିକାନ୍ ଟିଏଲ୍‌ଏସ୍ ପଢ଼ିବାର ସୁଯୋଗ ଲାଭ କରିଥିଲି । ଏହି ପଢ଼ିବାର ପ୍ରବଣତା ଭିତରେ ମୋର ଏକ ଧାରଣ ପରିବର୍ତ୍ତିତ ହୋଇଯାଇଥିଲା । ଫଳରେ ମୋର ଲେଖାର ରୀତି, ମୋର କବିତାର ଗତି ଏବଂ ସମାଲୋଚନାର ଗତି ପରିବର୍ତ୍ତନ ହୋଇଯାଇଥିଲା । ପରେ ମୁଁ ନାଟକ ଲେଖିଲି ।

ସେତେବେଳେ ବିଦେଶୀ ଭାଷାରେ ସୁବୋଧ ଢଙ୍ଗରେ କେଡ଼େ ସୁନ୍ଦର କବିତା ଲେଖାଯାଉଥିଲା । ମୁଁ ସେମିତି କାହିଁକି ଲେଖି ପାରିବିନି ବୋଲି ଭାବିଲି । ଏହାପରେ ଆମେରିକାନ୍ ଟାଇମ୍‌ସର ଲିଟେରାରୀ ସପ୍ଲିମେଣ୍ଟ ପଢ଼ିବା ପରେ ମୋର କବିତା ପ୍ରତି ସ୍ୱତନ୍ତ୍ର ଧାରଣା ଆସିଲା । ତେଣୁ ମୋର କବିତା ରଚନାର ରୀତି ପୂରାପୂରି ବଦଳି ଗଲା । ଏହାପରେ ବହୁ ବଙ୍ଗଳା, ଇଂରାଜୀ ଭାଷାର ସମାଲୋଚନା ପୁସ୍ତକ ପଢ଼ିଲି । ଏହା ପରେ ମୋର ସମାଲୋଚନାର ଦୃଷ୍ଟିଭଙ୍ଗୀ ମଧ୍ୟ ଭିନ୍ନ ହୋଇଗଲା । ସମାଲୋଚନା ପାଇଁ କଳ୍ପନା ଶକ୍ତିର ଆବଶ୍ୟକ ରହିଛି ବୋଲି ମୁଁ ଅନୁଭବ କଲି । ମୋ ସମାଲୋଚନାରେ ସେହି ଅନ୍ତର୍ଦୃଷ୍ଟି ରହିଛି । ନାଟକ ଯେତେବେଳେ ଲେଖିଲି ସେତେବେଳେ ମୁଁ ଗବେଷଣା କରୁଥାଏ । ଉଦ୍ଭଟ ଓ ବାସ୍ତବ ନାଟକ ଉପରେ ସମାଲୋଚନା ଲେଖିଲି । ବହୁ ଇଂରାଜୀ, ହିନ୍ଦୀ, ବଙ୍ଗଳା ନାଟକ ପଢ଼ିବା ପରେ ମୋର ଗୋଟିଏ ପରିବର୍ତ୍ତିତ ଦୃଷ୍ଟିକୋଣ ହୋଇଯାଇଥିଲା । ମୁଁ ନିଜେ ସ୍ୱତଃସ୍ଫୂର୍ତ୍ତ ଭାବରେ ନାଟକ ଲେଖିଲି । ସେ ନାଟକର ରୀତି ହେଉଛି ସ୍ୱତନ୍ତ୍ର । ଯେଉଁ ନାଟକ ଓଡ଼ିଆ ନାଟକ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଏହି ଲେଖିବା ଭିତରେ ମୁଁ ତିନୋଟି ଜିନିଷ ବିଷୟରେ ଲେଖେ । ମୁଁ ଭାବେ ସମାଜ ପାଇଁ ନ ଲେଖିଲେ ମୋ ଲେଖିବାର ମୂଲ୍ୟ କ'ଣ ? ତେଣୁ ମୁଁ ମୋ କବିତା ନାଟକରେ ଗାଁ, ସହର, ରାଜ୍ୟ, ଦେଶ, ବିଶ୍ୱର ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ନାଟକ ଓ କବିତାମାନ ଲେଖିଛି । ପ୍ରଥମେ ପ୍ରଥମେ ବିଭିନ୍ନ ପ୍ରେମ କବିତା ଲେଖୁଥିଲି । ପରବର୍ତ୍ତୀ ସମୟରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସମସ୍ୟାକୁ ନେଇ କବିତା ଲେଖିଲି । ସେହି ଅନୁସାରେ ମୋର ସ୍ତମ୍ଭ ରଚନାରେ ମଧ୍ୟ ଗୋଟେ ସ୍ୱତନ୍ତ୍ର ଶୈଳୀ ସୃଷ୍ଟି ହୋଇଯାଇଥିଲା ।

ମୋର ସମସ୍ତ କବିତା ସୁବୋଧ ଭାଷା ଓ ଶୈଳୀରେ ଲେଖିବାକୁ ପ୍ରୟାସ କରିଛି । ଯେଉଁ ଭାବ କବିତାରେ ରହିଲେ ଭଲ ଲାଗେ, ଜଣେ ତାକୁ ଖୁସିରେ ପଢ଼ି ଭାବ ନିକଟରେ ପହଞ୍ଚିପାରିବ । ସେଇ ଭାବକୁ ନେଇ ମୁଁ କବିତା ଲେଖିଲି । ଏହିଭଳି ଭାବରେ ବିଭିନ୍ନ କବିତା, ପୌରାଣିକ, ସାମାଜିକ ଓ ଐତିହାସିକ ନାଟକ ଲେଖିଛି । ଛୋଟବଡ଼ ମିଶି ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ନାଟକ ଲେଖିଛି । ମୂଳରୁ ମୁଁ କବିତା ଲେଖୁଥିଲି । ଏବେ ମଧ୍ୟ ଲେଖୁଛି । ଏ ପର୍ଯ୍ୟନ୍ତ ପ୍ରାୟ ୧୧ ଖଣ୍ଡ କବିତା ସଂକଳିତ ଓ ୨୦ ଖଣ୍ଡ ସମାଲୋଚନା ପୁସ୍ତକ ପ୍ରକାଶିତ ହୋଇଛି । ଏଇ ଲେଖିବା ଭିତରେ ତିନି ଦିଗରେ ମୁଁ ନିଜକୁ ବାଣ୍ଟି ଦେଇଛି । ସମାଲୋଚନା କଥା କହିଲେ, ମୁଁ ଯେତେବେଳେ ଓଡ଼ିଆ ସମାଲୋଚନ ପଢ଼ିଲି ଜାଣିପାରିଲି ଗତାନୁଗତିକ ଧାରାରେ ଗତାନୁଗତି କଥା ହିଁ ଲେଖାଯାଇଛି । ଯାହା କୁହାଯାଇଥିଲା ତାକୁ ଯେମିତି ପୁନର୍ବାର ଚର୍ବିତଚର୍ବଣ କରାଯାଇଛି । ମୁଁ ଭାବିଲି ଯଦି କୌଣସି ବିଷୟକୁ, କୌଣସି ସାହିତ୍ୟକୁ ନୂତନ ଦୃଷ୍ଟିକୋଣରୁ ଦେଖି ନ ଲେଖିଲେ ଏହି ସମାଲୋଚନା ଲେଖିବା ବ୍ୟର୍ଥ । ସେତେବେଳେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ସମାଲୋଚନା ଲେଖା ହେଉଥିଲା । ମୁଁ ତ ପ୍ରଥମେ ନାଟକ ସମାଲୋଚନା ଓ ଉଦ୍ଭଟ ନାଟକର ଥିଓରୀ ଉପରେ ସମାଲୋଚନା ଲେଖିଛି । .'ଆଧୁନିକ ଓଡ଼ିଆ ନାଟକରେ ଉଦ୍ଭଟ ଓ ବାସ୍ତବ ଚେତନା' ମୋର ଡିଲିଟ୍ ଥେସିସ୍ ଥିଲା । ନାଟକ ଉପରେ ଅନେକ ଗବେଷଣା କରିଛି । ଆଧୁନିକ ନାଟକ, ଲୋକନାଟକ ଉପରେ ଗବେଷଣା କରିଛି । ୟୁଜିସିରୁ ଫେଲୋସିପ୍ ପାଇ ଓଡ଼ିଆ ଲୋକନାଟକ ଉପରେ ଗବେଷଣା କରିଛି । ଲୋକନାଟକ କିଭଳି ଭିନ୍ନ ତା'ର ରଚିତ୍ରକୁ ମୁଁ ସେଥିରେ ପ୍ରତିପାଦନ କରିଛି ।

ବିଭିନ୍ନ ସମୟରେ ମୁଁ ସମାଲୋଚନା, ନାଟକ ଓ କବିତା ଲେଖିଛି । ଯଦି ସେସବୁ ଭିନ୍ନ ସମୟରେ ମୁଁ ନଲେଖି ଥାଆନ୍ତି । ସେଇ ମାନସିକତା ଆଣି ପାରି ନଥାନ୍ତି । ନାଟକ ଲେଖିଲା ବେଳେ ନାଟକର ମାନସିକତା ଆଣିବାକୁ ପଡ଼ିଥାଏ । କବିତା ଲେଖିବା ବେଳେ କବିତାର ମାନସିକତାରେ ଲେଖିବାକୁ ପଡ଼ିଥାଏ । ସମାଲୋଚନା. ପ୍ରବନ୍ଧ ଲେଖିବା ବେଳେ ସେଇ ମାନସିକତା ଆଣିବାକୁ ହୋଇଥାଏ । ଏଭଳି ମାନସିକତାକୁ ନେଇ ମୁଁ ଲେଖିଛି । ସେହିପରି ବିଭିନ୍ନ ଖବର ପାଇଁ ସମସାମୟିକ ସମସ୍ୟାକୁ ନେଇ ଅନେକ ସ୍ତମ୍ଭ ଲେଖିଛି । ସେ ସବୁ ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ବର୍ତ୍ତମାନ ମୋର ଲେଖାଲେଖି ପ୍ରାୟତଃ ବନ୍ଦ ହୋଇଯାଇଛି । ■

ଭୁବନେଶ୍ୱର
ମୋ: ୭୩୭୭୩୩୯୯୩୭

## ବୈଷ୍ଣୋଦେବୀ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ



ନୟାଗଡ଼/ଓଡ଼ଗାଁ,୨।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ତଥା ଶରଣକୁଳ ଥାନା ଶରଧାପୁର ପଞ୍ଚାୟତ ଜାମୁକୋଣସ୍ଥିତ ପ୍ରସିଦ୍ଧ ମା' ବୈଷ୍ଣୋଦେବୀ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ଚୋରମାନେ ମନ୍ଦିରରୁ ସୁନାହାର, ମୁକୁଟ ଓ ଚାନ୍ଦିର ଚାନ୍ଦୁଆ

### ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ୍‌ର ଛାନଭିନ୍

### ବନ୍ଦ ଥିଲା ସିସିଟିଭି, ଶୋଇଥିଲେ ଜଗୁଆଳ

ସମେତ ପ୍ରାୟ ୪୦ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଆଇଆଇସି ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍-ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି।

ଚୋରମାନେ ମନ୍ଦିର ଗମ୍ଭୁଜ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ତିନିଟି ସୁନା ମୁକୁଟ, ତିନିଟି ସୁନାହାର ଓ ତିନିଟି ଚାନ୍ଦିର ଚାନ୍ଦୁଆ ଚୋରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୁରୁବାର ରାତିରେ କାଳବୈଶାଖୀ ଝଡ଼ବର୍ଷା ଯୋଗୁଁ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ରାତି ପ୍ରାୟ ୧୦ଟା ପରେ ଇନଭର୍ଟର୍ ପାୱାର ସରିଯାଇଥିଲା। ମନ୍ଦିରରେ ଜେନେରେଟର୍ ଥିଲେ ମଧ୍ୟ ତାହା ବ୍ୟବହାର କରାଯାଇ ନ ଥିଲା। ଅନ୍ଧାରର ସୁଯୋଗ ନେଇ ଚୋରମାନେ ରାତି ପ୍ରାୟ ସାଢ଼େ ୧ଟା ବେଳେ ଚୋରି କରିଥିବା ଅନୁମାନ କରାଯାଉଛି।

ଅନ୍ୟପଟେ, ପୂର୍ବବର୍ଷାରେ ସିସିଟିଭି କ୍ଷତିଗ୍ରସ୍ତ ହୋଇଥିବାରୁ ସୁରକ୍ଷା ପାଇଁ ଏହାର ସୁଇଚ୍ ବନ୍ଦ କରାଯାଇଥିଲା। ପରେ ତାହାକୁ ଚାଲୁ କରାଯାଇନଥିବାରୁ ଚୋରି ସମ୍ପର୍କିତ କୌଣସି ଭିଡିଓ ଫୁଟେଜ୍ ମିଳିନାହିଁ। ଝଡ଼ ସମୟରେ ଜଗୁଆଳିଙ୍କ ଅସାବଧାନତା ମଧ୍ୟ ଘଟଣାକୁ ସହଜ କରିଥିବା ଚର୍ଚ୍ଚା ହେଉଛି। ଜଗୁଆଳି ଶୋଇପଡ଼ିବା ଘଟଣା ଅଧିକ ସନ୍ଦେହ ସୃଷ୍ଟି କରୁଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ମନ୍ଦିରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା, ସିସିଟିଭି ଓ ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥାର ଅଭାବ ଏହି ଘଟଣାକୁ ଆମନ୍ତ୍ରଣ କରିଛି। ଘନ ଜଙ୍ଗଲ ଓ ପାହାଡ଼ଘେରା ଏହି ଅଞ୍ଚଳ ପୂର୍ବରୁ 'ଚୋରଖୋଲ' ଭାବେ ପରିଚିତ ଥିବାରୁ ଅଧିକ ସତର୍କତା ଆବଶ୍ୟକ ଥିଲା ବୋଲି କୁହାଯାଉଛି। ଜମ୍ମୁ-କଶ୍ମୀରର କାଟ୍‌ରାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ଢାଞ୍ଚାରେ ନିର୍ମିତ ଏହି ମନ୍ଦିର ଏକ ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ କେନ୍ଦ୍ର ଭାବେ ପରିଚିତ। ପ୍ରତିଦିନ ଏଠାରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ବେଳେ ଏଭଳି ଘଟଣା ଭକ୍ତଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରିଛି। ପୁଲିସ ମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ ପଚରାଉଚରା କରୁଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ପୂର୍ବରୁ ଜାଣିଥିବା କୌଣସି ଦୁର୍ବୃତ୍ତ ଏହି ଘଟଣା ଘଟାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# କୁଆଁରିଆ ଡ୍ୟାମ୍‌ରେ ଡଙ୍ଗା ବୁଡ଼ି ୨ ମୃତ

ନୟାଗଡ଼/ଗଣିଆ, ୨।୫(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା କୁଆଁରିଆ ଡ୍ୟାମ୍‌ରେ ଡଙ୍ଗା ବୁଡ଼ି ଦୁଇଜଣଙ୍କ ମୃତ୍ୟୁ ହୋଇଛି। କାଳବୈଶାଖୀ ଜନିତ ବର୍ଷା-ପବନ ଯୋଗୁଁ ଡଙ୍ଗା ଓଲଟି ପଡ଼ିବାରୁ ଦୁଇଜଣ ନିଖୋଜ ହୋଇଥିଲେ। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ, ଦଶପଲ୍ଲା ଥାନା ସରିଗଣ୍ଡା ପଞ୍ଚାୟତ ଓଡ଼ଶର ଗ୍ରାମର ପ୍ରଦୀପ ପ୍ରଧାନ(୪୦) ଓ ତାଙ୍କ ସାଙ୍ଗ ଅଭୟ ଖମାରୀ (୩୬)। ଉଭୟ ମାଛ ଧରିବାକୁ ଜଳଭଣ୍ଡାର ଭିତରକୁ ଯାଇଥିବା ବେଳେ କାଳବୈଶାଖୀ ହୋଇଥିଲା। ଅଚାନକ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଜୋର୍‌ରେ ପବନ ବୋହିଥିଲା। ଏହି ସମୟରେ ଜଳଭଣ୍ଡାର ଭିତରେ ଥିବା ୧୫ରୁ ଉର୍ଦ୍ଧ୍ୱ ମାଛଧରାଳି ସଂଘର୍ଷ କରି କୂଳକୁ ଆସିଥିବା ବେଳେ ପ୍ରଦୀପ ଓ ଅଭୟ ବିଫଳ ହୋଇଥିଲେ। ପବନରେ ଡଙ୍ଗା ଗଣ୍ଡ ଭିତରକୁ ଚାଲିଯାଇ ଓଲଟି ପଡ଼ିବାରୁ ଉଭୟ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଓଡ୍ରାଫ୍, ଦମକଳବାହିନୀ ଖୋଜାଖୋଜି କରି ସକାଳେ ପ୍ରଦୀପଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ଅପରାହ୍ଣରେ ଅଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଶପଲ୍ଲା ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଉଭୟଙ୍କ ମୃତଦେହ ଦଶପଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

■ ମାଓ ଡମ୍ପରେ ଚଢ଼ଉ ବେଳେ ଆଇଇଡି ବିସ୍ଫୋରଣ

# ୪ ଯବାନ ସହିଦ

ମାଲକାନଗିରି,୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର୍ ଜିଲ୍ଲାରେ ମାଓ ଡମ୍ପରେ ଚଢ଼ଉ ବେଳେ ଆଇଇଡି ବିସ୍ଫୋରଣରେ ୪ ଯବାନ ସହିଦ ହୋଇଛନ୍ତି। ଇନ୍ସପେକ୍ଟର୍ ସୁଖରାମ ଭାଟି, କନଷ୍ଟେବଲ କୃଷ୍ଣ କୋମରା ଓ କନଷ୍ଟେବଲ ସଞ୍ଜୟ ଗଡ଼ପାଲେ ଘଟଣାସ୍ଥଳରେ ସହିଦ ହୋଇଥିବା



ବେଳେ କନଷ୍ଟେବଲ ପରମାନନ୍ଦ କୋମରା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସହିଦ ହୋଇଛନ୍ତି। ବସ୍ତର୍ ରେଞ୍ଜ ପୁଲିସ୍ ମହାନିରୀକ୍ଷକ ସୁନ୍ଦରରାଜ ପଟ୍ଟିଲିଙ୍ଗମଙ୍କ ସୂଚନାନୁଯାୟୀ, କିଛି ମାସ ମଧ୍ୟରେ ବସ୍ତର୍ ରେଞ୍ଜରେ ପୁଲିସ୍ ଏବଂ ସୁରକ୍ଷା ବାହିନୀ ଦ୍ୱାରା ପୂର୍ବରୁ ଲୁଚାଇ ରଖାଯାଇଥିବା ଶହଶହ ଆଇଡି ବୋମା ଉଦ୍ଧାର ଏବଂ ନିଷ୍କ୍ରିୟ କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓ କ୍ୟାଡର୍‌ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଏବଂ ପ୍ରାପ୍ତ ଅନ୍ୟାନ୍ୟ ଗୁଇନ୍ଦା ସୂଚନା ଆଧାରରେ ଆଜି ମଧ୍ୟ କୋରୋସିକୋଡାରେ ତଲାସି ଅଭିଯାନ କରାଯାଇଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରେ ଠାବ ଏକ ମାଓ ଡମ୍ପରେ ଚଢ଼ଉ ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ୪ଯବାନ ସହିଦ ହୋଇଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀରେ ବିଜୁ ଜନତା ଦଳର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨।୫(ସମିସ):ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଅବସରରେ ବିଏମସି ୱାର୍ଡ ନମ୍ବର ୧୪ ଅଧୀନସ୍ଥ ନୀଳାଦ୍ରି ବିହାର (ସୀତାନାଥ ନଗର)ରେ ଥିବା ତାଙ୍କର ପ୍ରତିମୂର୍ତ୍ତି ସମ୍ମୁଖରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତାମାନେ ଓ କାର୍ଯ୍ୟକର୍ତ୍ତାମାନେ ଏହି ଅବସରରେ ଏକତ୍ରିତ ହୋଇ ମହାନ ମାଟିର ସନ୍ତାନ ଏବଂ ସାମ୍ପ୍ରଦାୟିକ ଜାଗରଣର ପ୍ରବକ୍ତା ଗୁରୁ ଗୋମ୍‌କେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝି, ଭାରତୀ ସିଂହ, ବାସନ୍ତୀ ସିଂହ, ମନୋଜ ସାହୁ, ମିହିର ରାଉତ, ପିଙ୍କି ସ୍ୱାଇଁ, ଇତିଶ୍ରୀ ଦାସ, ଇଲା ସ୍ୱାଇଁ, ଅଚ୍ୟୁତ ସ୍ୱାଇଁ, ସୁସ୍ମିତା ଦାସ, ସବ୍ୟସାଚୀ ସାହୁ, ଭୋଳାନାଥ ମହାରଣା, ହିମାଂଶୁ ଶେଖର ଦାସ, ମାନସ ଦାସ, ତୁଷାର ଦାସ, ଚଗଲା ଜେନା ଏବଂ ମିଟୁ ପରିଡା ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ଶଙ୍ଖ ଭବନରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅମୂଲ୍ୟ ଅବଦାନ ଉପରେ ଆଲୋଚନା ସଭା ଆୟୋଜିତ ହୋଇଥିଲା। ସଭାକୁ ସମ୍ବୋଧନ କରି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ୧୯୨୫ ମସିହାରେ ଅଲଚିକି ଲିପିର ଆବିଷ୍କାର ମାଧ୍ୟମରେ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ସମୁଦାୟକୁ ଏକ ବିଶିଷ୍ଟ ପରିଚୟ ଦେଇଥିଲେ। ଏହି ଅପୂର୍ବ ଅବଦାନ ତାଙ୍କର ଭାଷା, ସଂସ୍କୃତି ଓ ଐତିହ୍ୟକୁ ପିଢି ପରେ ପିଢି ଧରି ସୁରକ୍ଷିତ ରଖିବାରେ ସାହାଯ୍ୟ କରିଛି। ତାଙ୍କର ସାହିତ୍ୟ କୃତି ଏବଂ ସାମାଜିକ ସଂଶୋଧନ ଉଦ୍ୟମ ମାଧ୍ୟମରେ ସେ ଶିକ୍ଷା, ଆତ୍ମସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରିଥିଲେ, ଯାହା ଏକ ସ୍ଥାୟୀ ସାଂସ୍କୃତିକ ଗୌରବ ଓ ବୌଦ୍ଧିକ ସଶକ୍ତିକରଣର ଐତିହ୍ୟ ରୂପେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିଛବିରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସଭାରେ ବିଧାୟକ ଗୌତମବୁଦ୍ଧ ଦାସ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝି, ଦେବାନନ୍ଦ ମହାପାତ୍ର ପ୍ରମୁଖ ନିଜର ମତାମତ ରଖିଥିଲେ। ଶେଷରେ ମିହିର ରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

**FOR SALE**

Ultrasound Machine – Voluson S8 BT22 (2022), well-maintained with 4 probes. Ideal for diagnostic centers & hospitals. Location: Khordha. Contact: 9136067570 / 9237158357 / 7873044100.

**LOST**

This is to inform the general public
1- The original registered sale deed bearing no. 11081119710 on Dated 6/08/2011 Executed by Satyaban Das, S/o Bhabagrahi Das in favour of Sri Hara Mohan Pradhan, S/o Padmananda Pradhan
2 Original Mutation ROR bearing khata No. 154/51, of Mouza: Aringal, Tahasil - Balianta, Dist - khurda Issued in the name of Sri Hara Mohan Pradhan S/o - Padmananda Pradhan was in the custody of Dhiranjan Pradhan, S/o Late Kumar Pradhan which has been lost somewhere else on 28/4/2026.

**AFFIDAVIT**

By virtue of an affidavit No-3953 Dated 28.4.2026 before Executive Magistrate, Narasinghpur I Laxmi Kant Sahoo S/o Madhu Sudan Sahoo Vill/Po-Balisahi, Ps-Jodumu, Dist-Cuttack do hereby declare that in my Army Service Document bearing Service No-3700886X my name is noted as Laxmikanta Sahoo instead of Laxmi Kant Sahoo. I declare that both the name **Laxmi Kant Sahoo and Laxmikanta Sahoo** are same and one person i.e me, hence this affidavit.

**AFFIDAVIT**

By virtue of an affidavit (CF No. 446, dtd- 29.04.2026) sworn before The Executive Magistrate, Jharsuguda. I, **Gunvantkumar Ishwarbhai Patel,** S/o Ishwarbhai Patel, permanent resident of At: Gujratipada, Ward No.18, PS/Dist: Jharsuguda, PIN: 768201, State: Odisha declare that I have changed my minor daughter's name from **Hiya G Patel** to **Hiyaben Gunvantkumar Patel.** Henceforth, she shall be known as **Hiyaben Gunvantkumar Patel** (new name) for all purposes.

## ମାଲବାହୀରେ ଯାତ୍ରୀ ପରିବହନ ବିରୋଧରେ ରାଜ୍ୟବ୍ୟାପୀ ଚଢ଼ଉ

# ୩ ଦିନରେ ୨୨୬ ଗାଡ଼ି ଅଟକ ଓ ୯୩ ଜବତ

କଟକ, ୨।୫ (ସମିସ): ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ମାଲବାହୀ ଯାନରେ ବେଆଇନ ଯାତ୍ରୀ ପରିବହନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଗତ ଏପ୍ରିଲ ୨୯ ତାରିଖରୁ ଜାରି ରହିଥିବା ଏହି ରାଜ୍ୟବ୍ୟାପୀ ଏନଫୋର୍ସମେଣ୍ଟର ପ୍ରଥମ ତିନି ଦିନରେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ସମୟ ମଧ୍ୟରେ ସାରା ରାଜ୍ୟରେ ମୋଟ ୩,୦୩୪ଟି ଯାନ ଯାଞ୍ଚ କରାଯାଇ ୩୨୬ଟି ମାମଲାରେ ଚାଲାଣ କଟାଯାଇଥିବା ବେଳେ ୨୨୬ଟି ଯାନକୁ ଅଟକ ରଖାଯାଇଛି ଏବଂ ୯୩ଟି ଯାନକୁ ଜବତ କରାଯାଇଛି। ଏଥିସହ ପରିବହନ ନିୟମ ଭଙ୍ଗ କରିଥିବା ୨୭୧ଟି ଯାନର ପଞ୍ଜୀକରଣ ରଦ୍ଦ ପାଇଁ ନୋଟିସ୍ ଜାରି ହେବା ସହ ୧୮୯ଟି ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁସାରେ, ଗାଡ଼ି ଜବତ କ୍ଷେତ୍ରରେ ଭୁବନେଶ୍ୱର-୧ ସର୍ବାଧିକ ୧୯ଟି ଗାଡ଼ି ଜବତ କରିଥିବା ବେଳେ କୋରାପୁଟ ୧୭ଟି ଓ ଭୁବନେଶ୍ୱର-୨ ୧୧ଟି ଗାଡ଼ି ଜବତ କରିଛନ୍ତି। ସେହିପରି ବଲାଙ୍ଗିର ଆରଟିଓ ପକ୍ଷରୁ ସର୍ବାଧିକ ୨୫ଟି ଗାଡ଼ି ଅଟକ ରଖାଯାଇଛି। ବିଶେଷକରି, ବଲାଙ୍ଗିର, କଟକ, ଭୁବନେଶ୍ୱର ଓ କୋରାପୁଟ ଅଞ୍ଚଳରେ ଅଧିକ ନିୟମ ଉଲ୍ଲଂଘନ ହେଉଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାସ୍ ହାର...

୫ ଲକ୍ଷ ୧୯ ହଜାର ୨୫୧ ଜଣ କୃତକାର୍ଯ୍ୟ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ପରୀକ୍ଷା ଦେଇଥିବା ୨ଲକ୍ଷ ୭୩ ହଜାର ୯୧୭ ଜଣ ଛାତ୍ରୀଙ୍କ ମଧ୍ୟରୁ ୨ଲକ୍ଷ ୬୩ ହଜାର ୩୬୧ ଜଣ ପାସ୍ କରିଛନ୍ତି। ସେହିଭଳି ୨ ଲକ୍ଷ ୭୨ ହଜାର ୯୫୯ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଲକ୍ଷ ୫୬ ହଜାର ୪୦୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାୱାରୀ ଫଳାଫଳକୁ ଅନୁଧ୍ୟାନ କଲେ, ଗଜପତି ଜିଲ୍ଲା ୯୯.୩୧ ପ୍ରତିଶତ ପାସ୍ ହାର ସହ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ପଛକୁ ଗଞ୍ଜାମ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସବୁଠାରୁ କମ୍ ୯୪.୩୫ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ରାଜ୍ୟର ୩ହଜାର ୩୧୦ଟି ସ୍କୁଲରେ ଶତପ୍ରତିଶତ ଫଳାଫଳ ହୋଇଛି। ଦୁର୍ଭାଗ୍ୟବଶତଃ କେନ୍ଦ୍ରାପଡ଼ା, ପୁରୀ ଓ ଢେଙ୍କାନାଳ ଜିଲ୍ଲାର ୩ଟି ବିଦ୍ୟାଳୟରେ କୌଣସି ପରୀକ୍ଷାର୍ଥୀ ପାସ୍ କରିନାହାନ୍ତି।

ଚଳିତବର୍ଷ ଗ୍ରେଡ୍ ଅନୁଯାୟୀ ଫଳାଫଳ ଅତି ଉତ୍ସାହଜନକ ରହିଛି। ମୋଟ ୨ହଜାର ୪୫୬ ଜଣ ପରୀକ୍ଷାର୍ଥୀ 'ଏ-୧' ଗ୍ରେଡ୍ ହାସଲ କରିଥିବା ବେଳେ 'ଏ-୨' ଗ୍ରେଡ୍‌ରେ ୧୫ ହଜାର ୬୮୧ ଜଣ, 'ବି-୧' ରେ ୪୩ ହଜାର ୫୬୫ ଜଣ, 'ବି-୨' ରେ ୮୬ ହଜାର୧୦୩ ଜଣ, 'ସି' ରେ ୧ ଲକ୍ଷ ୨୯ ହଜାର ୮୧୩ ଜଣ, 'ଡି'ରେ ୧ ଲକ୍ଷ ୪୬ ହଜାର ୧୫୨ଜଣ ଏବଂ 'ଇ' ଗ୍ରେଡ୍‌ରେ ୯୫ ହଜାର ୪୮୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥର ବୋର୍ଡ ପକ୍ଷରୁ ଏକ ନୂତନ ପଦକ୍ଷେପସ୍ୱରୂପ, ପିଲାମାନଙ୍କୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲିଖିତ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ପରୀକ୍ଷାର୍ଥୀମାନେ ସନ୍ଧ୍ୟା ୬ଟାରୁ ବୋର୍ଡର ଅଫିସିଆଲ୍ ୱେବସାଇଟ୍ (www.bseodisha.ac.in)ରେ ନିଜର ପରୀକ୍ଷାଫଳ ଦେଖିପାରିବେ।

ଆସନ୍ତା ସୋମବାରଠାରୁ ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ସ୍କୁଲରୁ ନିଜର ସାର୍ଟିଫିକେଟ୍ ସଂଗ୍ରହ କରିପାରିବେ। ଯେଉଁମାନେ ପୁନଃ ଯାଞ୍ଚ ବା ରି-ଚେକିଂ ପାଇଁ ଆବେଦନ କରିବାକୁ ଚାହାନ୍ତି, ସେମାନଙ୍କ ପାଇଁ ସୋମବାରଠାରୁ ପ୍ରକ୍ରିୟା ଆରମ୍ଭ ହେବ। ଅସଫଳ ହୋଇଥିବା କିମ୍ବା ନମ୍ବର ବଢ଼ାଇବାକୁ ଚାହୁଁଥିବା ପରୀକ୍ଷାର୍ଥୀମାନେ ମେ'୮ରୁ ୧୮ ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଅନଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ପରୀକ୍ଷା ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ରିଚେକିଂ ପାଇଁ ବୋର୍ଡର ସ୍ୱତନ୍ତ୍ର ବ୍ୟବସ୍ଥା

### ସମସ୍ୟା ପାଇଁ ଜାରି ହେଲା ଟୋଲ୍-ଫ୍ରି ନମ୍ବର

ପରୀକ୍ଷାଫଳକୁ ନେଇ ସନ୍ତୁଷ୍ଟ ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପକ୍ଷରୁ ରି-ଚେକିଂ ତଥା ପୁନଃମୂଲ୍ୟାଙ୍କନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କୌଣସି ପରୀକ୍ଷାର୍ଥୀଙ୍କର ଯଦି କିଛି ସମସ୍ୟା କିମ୍ବା ଅଭିଯୋଗ ଥାଏ, ସେମାନେ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯିବାକୁ ଥିବା ଦୁଇଟି ଟୋଲ୍-ଫ୍ରି' ନମ୍ବରରେ ଯୋଗାଯୋଗ କରିପାରିବେ। ଏହି ନମ୍ବର ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସମସ୍ୟା ସମ୍ପର୍କରେ ସୂଚନା ପାଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀମାନେ ସକାଳ ୧୦ଟାରୁ ଅପରାହ୍ଣ ୫ଟା ମଧ୍ୟରେ ଉକ୍ତ ନମ୍ବରରେ କଲ୍ କରି ନିଜର ସଂଶୟ ଦୂର କରିପାରିବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସମସ୍ତ ପ୍ରକାର ପରିସ୍ଥିତି ପାଇଁ ବୋର୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଶ୍ରୀ ତରାଇ ପ୍ରକାଶ କରିଛନ୍ତି।

ଗ୍ରେଡ୍ ଅନୁସାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା

| ଗ୍ରେଡ | ପ୍ରତିଶତ (ପ୍ରାପ୍ତ ନମ୍ବର) | ପରୀକ୍ଷାର୍ଥୀଙ୍କ ସଂଖ୍ୟା |
|---|---|---|
| ଏ-୧ | ୯୦-୧୦୦% | ୨,୪୫୬ |
| ଏ-୨ | ୮୦-୮୯% | ୧୫,୬୮୧ |
| ବି-୧ | ୭୦-୭୯% | ୪୩,୫୬୫ |
| ବି-୨ | ୬୦-୬୯% | ୮୬,୧୦୩ |
| ସି | ୫୦-୫୯% | ୧,୨୯,୮୧୩ |
| ଡି | ୪୦-୪୯% | ୧,୪୬,୧୫୨ |
| ଇ | ୩୩-୩୯% | ୯୫,୪୮୧ |

### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା...

ସମସ୍ତ ଛାତ୍ରଛାତ୍ରୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା। ପରୀକ୍ଷାଫଳ ନିର୍ବିଶେଷରେ, ବିଚଳିତ ନ ହୋଇ ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା ପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି। ଆମ ବିଦ୍ୟାର୍ଥୀମାନଙ୍କର ସଂକଳ୍ପ ଓ ନିଷ୍ଠା ହିଁ ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ। ସମସ୍ତଙ୍କର ମଙ୍ଗଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।"

### ଆଦିବାସୀ ଅଞ୍ଚଳରେ...

ସେବା ଦେବାରୁ ପଛଘୁଞ୍ଚା ଦେଉଛନ୍ତି, ଯେଉଁମାନଙ୍କ ପାଇଁ ସେମାନେ ନିଯୁକ୍ତି ପାଇଛନ୍ତି।

ଗଣତନ୍ତ୍ରରେ ନିୟମଗୁଡ଼ିକ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ; ସେମାନଙ୍କୁ ଅପମାନିତ କରିବା ପାଇଁ ନୁହେଁ ବୋଲି ସୂଚାଇ ଦେଇ ନବୀନ କ୍ଷୋଭର ସହ କହିଛନ୍ତି ଯେ ଏହି ଅମାନବୀୟ ଘଟଣା ସମଗ୍ର ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିବା ସହ ନ୍ୟୁୟର୍କ ପୋଷ୍ଟ ଏବଂ ବିବିସି ଭଳି ଅନ୍ତର୍ଜାତୀୟ ଗଣମାଧ୍ୟମର ମଧ୍ୟ ଦୃଷ୍ଟିଆକର୍ଷଣ କରିଛି। ନବୀନ କହିଛନ୍ତି ଯେ ଏପରି ଘଟଣା ଆମକୁ ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଏକ ମାନବିକ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ଗଢ଼ିବା ପାଇଁ ପ୍ରେରିତ କରୁଛି। ତେଣୁ ପ୍ରଥମ ପଦକ୍ଷେପ ସ୍ୱରୂପ ଏପରି ସ୍ତବ୍ଧ କରିଦେବା ଭଳି ତ୍ରୁଟି ପାଇଁ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନବୀନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରୁଛନ୍ତି। ଯାହା ସମସ୍ତ ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ସହାନୁଭୂତିର ସହ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ କରିବାକୁ ଏକ ସ୍ପଷ୍ଟ ସଂକେତ ଦେବ। ଏଥିସହ କେନ୍ଦ୍ରମନ୍ତ୍ରୀଙ୍କ ଏହି ପଦକ୍ଷେପ ନାଗରିକମାନଙ୍କ ପ୍ରତି ଏଭଳି ଅମାନୁଷିକ ବ୍ୟବହାର ଦେଶର ଅନ୍ୟ କୌଣସି ସ୍ଥାନରେ ପୁନରାବୃତ୍ତି ହେବ ନାହିଁ ବୋଲି ଚିଠିରେ ନବୀନ ଆଶାପ୍ରକାଶ କରିଛନ୍ତି।

### ପୁଣି ଘୁଞ୍ଚିଲା...

୧୪ ଓ ୧୭ ବିନ୍ଦୁରେ ଥିବା ଅସହମତିକୁ ନେଇ ଉଭୟ ରାଜ୍ୟ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ମଧ୍ୟ ଗତ ଏପ୍ରିଲ ୮ ତାରିଖ ଓ ୧୫ ତାରିଖ ତଥା ୨୦ ତାରିଖରେ ହୋଇଥିବା ଯୁଗ୍ମ ବୈଷୟିକ କମିଟି ବୈଠକର ବିବରଣୀକୁ ସ୍ଥାନିତ କରାଯାଇଥିଲା। ମହାନଦୀର ବାର୍ଷିକ ଜଳ ପ୍ରବାହ ତଥା ହୀରାକୁଦ ଉପରମୁଣ୍ଡରେ ଉପଲବ୍ଧ ଜଳରାଶିର ପରିମାଣ ସମ୍ବନ୍ଧୀୟ ଆଲୋଚନାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୧୯୮୦-୮୧ରୁ ୨୦୧୮-୧୯ ପର୍ଯ୍ୟନ୍ତ ଅବଧିକୁ ଜଳ ପ୍ରବାହ ତଥ୍ୟର ମୂଳ ଆଧାର ଭାବେ ଗ୍ରହଣ କରାଯାଇ ଆଲୋଚନା ହୋଇଥିଲା। ମହାନଦୀ ଅବବାହିକାରେ ବିଭିନ୍ନ ସ୍ଥାନର ରାଜ୍ୟୱାରୀ ଜଳ ପ୍ରବାହ ସମ୍ବନ୍ଧୀୟ ତଥ୍ୟକୁ ମଧ୍ୟ ଆଲୋଚନାରେ ବିଚାରକୁ ନିଆଯାଇଥିଲା। ବୈଷୟିକ କମିଟିରେ ଉପନୀତ ତଥ୍ୟକୁ ଟ୍ରିବ୍ୟୁନାଲଙ୍କ ପାଖରେ ଦାଖଲ କରାଯାଇଛି। ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗ ଦାଖଲ କରିଥିବା ତଥ୍ୟ ଅନୁଯାୟୀ ବିବାଦୀୟ ବିନ୍ଦୁ ୧୩ରେ ମହାନଦୀର ଉପନଦୀ ଜୋଙ୍କ ଓ ପାଇରୀ ଉପ-ଅବବାହିକାରେ ପ୍ରବାହିତ ଜଳରାଶିକୁ ନେଇ ଉପୁଜିଥିବା ବିବାଦରେ ସହମତି ପ୍ରକାଶ ପାଇଛି। ସେହିପରି ବିବାଦୀୟ ବିନ୍ଦୁ ୧୪ରେ ଅନୁଯାୟୀ ମୌସୁମୀ ଓ ଅଣମୌସୁମୀ ଋତୁରେ ମହାନଦୀରେ କେତେ ଜଳରାଶି ଉପଲବ୍ଧ ହେଉଛି, ସେ ନେଇ ମଧ୍ୟ ବୈଠକରେ ସହମତି ପ୍ରକାଶ ପାଇଛି। ଅପରପକ୍ଷେ ବିନ୍ଦୁ ୧୩ ସହ ଜଡ଼ିତ ବିବାଦୀୟ ବିନ୍ଦୁ ୧୭ରେ ଦୁଇ ରାଜ୍ୟର ବିଭିନ୍ନ ଅବବାହିକାରୁ ମହାନଦୀକୁ ପ୍ରବାହିତ ହେଉଥିବା ଜଳ ପ୍ରତିଶତକୁ ନେଇ ଉଭୟ ପକ୍ଷ ରାଜି ହୋଇଥିଲେ। ଏହି ତିନି ବିବାଦୀୟ ବିନ୍ଦୁରେ ହୋଇଥିବା ସହମତି ନେଇ ଉଭୟ ରାଜ୍ୟ ପକ୍ଷରୁ ଟ୍ରିବ୍ୟୁନାଲରେ ସତ୍ୟପାଠ ଦାଖଲ କରାଯାଇଛି। ଏହି ତଥ୍ୟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଛତିଶଗଡ଼ ଏବଂ ଓଡ଼ିଶା ଭିତରେ ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ବାଟ ଫିଟୁଛି। ଆଗାମୀ ଦିନରେ ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ ନେଇ ନିଷ୍ପତ୍ତି ନେବା କ୍ଷେତ୍ରରେ ଏହା ଟ୍ରିବ୍ୟୁନାଲଙ୍କ ପାଇଁ ବେଶ୍ ସହାୟକ ହେବ ଏବଂ ସମାଧାନର ସୂତ୍ର ବାହାରିବ। ଦୁଇ ରାଜ୍ୟର ବୈଷୟିକ ଟିମ ରାୟପୁର ଏବଂ ଭୁବନେଶ୍ୱରରେ ବୈଠକ କରି ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ବାରମ୍ବାର ତାଗିଦ ସତ୍ତ୍ୱେ ବାର୍ଷିକ ଜଳ ସଂଗ୍ରହ ତଥ୍ୟ ଦାଖଲ ନକରିବାରୁ ଗତ ମାସ ୨୦ ତାରିଖରେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ ଟ୍ରିବ୍ୟୁନାଲ। ଏପରିକି ମେ ୨ ତାରିଖ ଶୁଣାଣିକୁ ଶେଷ ସୁଯୋଗ ଭାବେ ପ୍ରଦାନ କରିଥିଲେ ଟ୍ରିବ୍ୟୁନାଲ। ଯଦି ଉକ୍ତ ଦିନ ଉଭୟ ରାଜ୍ୟ ପକ୍ଷରୁ ତଥ୍ୟ ଦାଖଲ ନହୁଏ, ତାହେଲେ ଟ୍ରିବ୍ୟୁନାଲ ନିଜେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇଥିଲେ।

### ଦ୍ୱିତୀୟ ସପ୍ତାହରେ...

ହେବାକୁ ଅଧିକ ସମୟ ନେଉଛନ୍ତି ବୋଲି ଡ. ପଶୁପାଳକ କହିଛନ୍ତି। ଅପରପକ୍ଷେ ବଙ୍ଗୋପସାଗରରେ ବାତ୍ୟା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ।

ଡ. ପଲୁପାଳକଙ୍କ ଅନୁଯାୟୀ ଜିଏଫଏସ ମଡେଲ ଅନୁଯାୟୀ ଏହା ଏବେ ମଧ୍ୟ ଏକ ଶକ୍ତିଶାଳୀ ବାତ୍ୟାର ଚିତ୍ର ଦେଖାଉଛି। ଏଜିଏଫଏସ ଅନୁସାରେ ବାୟୁମଣ୍ଡଳର ନିମ୍ନ ଭାଗରେ ଘୂର୍ଣ୍ଣନ ଶକ୍ତି ବୃଦ୍ଧି ପାଇବା, ଉଦ୍ଧ୍ୱଭାଗରେ ପବନର ଗତିର ପାର୍ଥକ୍ୟ କମିବା ଏବଂ ମଧ୍ୟ ଭାଗରେ ଆପେକ୍ଷିକ ଆଦ୍ରତା ୮୦ ପ୍ରତିଶତରୁ ଅଧିକ ରହିବା ଯୋଗୁଁ ବାତ୍ୟା ଘନୀଭୂତ ହେବାର ସମ୍ଭାବନା ଅଛି। ଏଥିସହ ସମୁଦ୍ରର ଉପରିଭାଗର ତାପମାତ୍ରା ୩୦-୩୧ ଡିଗ୍ରୀ ସେଲସିୟସ ରହିବା ଏକ ବଡ଼ ପରିବର୍ତ୍ତନ ଅଟେ। ଯଦି ପବନର ଗତି ଅନୁକୂଳ ରୁହେ, ତେବେ ଏହି ତାପମାତ୍ରା ଲଘୁଚାପକୁ ଅତି ଶୀଘ୍ର ବାତ୍ୟାରେ ପରିଣତ କରିବାର କ୍ଷମତା ରଖେ ବୋଲି ଡ. ପଶୁପାଳକ କହିଛନ୍ତି। ତେବେ ଇସିଏମଡବ୍ଲ୍ୟୁଏଫ୍ ମଡେଲର ଆକଳନ ଅନୁଯାୟୀ ଭାରତୀୟ ସ୍ଥଳଭାଗରୁ ଆସୁଥିବା ଶୁଷ୍କ ପବନ ବାତ୍ୟାର ଗତିରୋଧ କରିବ। ଫଳରେ ଏହା କେବଳ ଏକ ବର୍ଷା ପ୍ରଦାନକାରୀ ଲଘୁଚାପରେ ସୀମିତ ରହିପାରେ। ତେବେ ଡ. ପଶୁପାଳକ କହିଛନ୍ତି ଯେ ସମୁଦ୍ରରେ ଏବେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତ ଅଛି, କିନ୍ତୁ ବାୟୁମଣ୍ଡଳୀୟ ପରିସ୍ଥିତି ଏହାକୁ ସମର୍ଥନ କରିବ କି ନାହିଁ, ତାହା ଆସନ୍ତା ମେ ୬ ତାରିଖ ସୁଦ୍ଧା ସ୍ପଷ୍ଟ ହେବ। ମେ ୬ ତାରିଖ ସୁଦ୍ଧା ବାୟୁମଣ୍ଡଳର ଉପରି ଭାଗରେ ଥିବା ପବନର ପ୍ରତିକୂଳ ଅବସ୍ଥା କମୁଛି କି ନାହିଁ ଏବଂ ଏମଜେଓର ସକ୍ରିୟତା କେତେ ରହୁଛି, ତାହା ଉପରେ ନଜର ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ତେବେ ବାତ୍ୟା ହେଉ ଅଥବା ନହେଉ ମେ ୮ ତାରିଖରୁ ୧୫ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ହ୍ରାସ ପାଇବ। ପୂର୍ବରୁ କେବଳ ଉପକୂଳ ଓଡ଼ିଶାରେ ପ୍ରଭାବ କଥା କୁହାଯାଉଥିଲା, କିନ୍ତୁ ନୂତନ ଆକଳନ ଅନୁସାରେ ଅନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ବଢିଛି। ସେହିପରି ବଙ୍ଗୋପସାଗରରୁ ଆସୁଥିବା ଆଦ୍ର ପବନ ପ୍ରଭାବରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀର ମାତ୍ରା ବୃଦ୍ଧି ପାଇବା ସହ ବ୍ୟାପକ ବର୍ଷା ହୋଇପାରେ ବୋଲି ଡ. ପଶୁପାଳକ କହିଛନ୍ତି।

**OFFICE OF THE SUPERINTENDING ENGINEER**
**BOUDH (R&B) DIVISION, BOUDH**
**INVITION FOR BIDS (IFB)**
E-mail- eeboudhrb@gmail.com
Letter No. 2108 , Dated. 02.05.2026
34001/150/2627

**Cancellation of tender call Notice no. SE BDH-01/2026-27 dated 23.04.2026**

The tender invited vide Bid Identification No. SE BDH-01/2026-27 dated 23.04.2026 for Sl. No. 01 & 03 i.e., "Shifting of 11 KV HT & LT lines and sub-station for Construction of HL Bridge over Kukuteswar Nallah at Ch. 8/130 Km on Purunakatak-Dholpur road in the District of Boudh" & "Improvement of EI to ARCS office building at Boudh" is hereby canceled due to administrative reason.

Superintending Engineer,
Boudh (R&B) Division, Boudh
OIPR-34001/34134/1/26-27/0005

GOVT. OF ODISHA
**Government of Odisha "e" procurement Notice** 34001/147/2627
**Bid Identification No. PWDK- 02/2026-27**
No. G2/ 3936 Dt. 27.04.2026
e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work :- | 01 No. Road Work, 3 Nos. Building Works and 19 Nos. Electrical Works. |
| 2 | Estimated cost :- | From Rs. 5.94 Lakh to Rs. 68.21 Lakh |
| 3 | Period of completion :- | From 01 (One) to 12 (Twelve) Calendar Month. |
| 4 | Date and Time of availability of Bid document in the portal:- | From 10.00 Hr 04.05.2026 to 17.00 HR of 18.05.2026 |
| 5 | Last date / Time for receipt of bids in the portal :- | 17.00 Hr of 18.05.2026. |
| 6 | Date of opening of Bid from Portal :- | 10.30 Hr of 19.05.2026. |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Sd/-S.Mohanty
Superintending Engineer
Keonjhar (R&B) Division
OIPR-34001/34004/1/26-27/0001

13001/344/2627
WATCO
**OFFICE OF THE GENERAL MANAGER,**
**WATCO DIVISION, CUTTACK.**
**Telephone/e-mail/FAX: 0671-2547115/gmwatcoctc@gmail.com**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCO (W)-02/2026-27 Dtd.28.04.2026**

Name of the work:- Improvement of water supply to Mahanadi, Kathajodi & Birupa Residential Building and Clinical Blocks in connection with redevelopment of SCBMCH, Cuttack.

| | | |
|---|---|---|
| 1. | Estimated cost | Rs.43.31 Lakh (Approx.). |
| 2. | Period of completion | :- 3 (Three) months. |
| 3. | Date & time of availability of bid document in the portal | :- From 11 A.M of dt.02.05.2026 to 5.00 P.M. of dt.12.05.2026. |
| 4. | Last date / time of receipt of bids in the portal | :- 12.05.2026 up to 05.00 P.M. |
| 5. | Date & time of opening of bids | :- 13.05.2026 at 12.30 P.M. |
| 6. | Name and address of the Officer Inviting Bid | :- The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com |

7. The bidders have to participate in ONLINE bidding only.
Further details can be seen from the web site www.tendersodisha.gov.in

General Manager,
WATCO Division, Cuttack.
OIPR-13001/13170/1/26-27/0003

# କାଳବୈଶାଖୀ ପ୍ରଭାବରେ ଚାଷୀଙ୍କ ସ୍ଥିତି ଦୟନୀୟ

ଚନ୍ଦନେଶ୍ୱର, ୨।୫ (ସମିସ)




ଲଗାତାର କାଳ ବୈଶାଖୀର ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଓ ଜୋର ପବନ ଭୋଗରାଇ ବ୍ଲକର ଉପକୂଳ ଅଞ୍ଚଳରେ ଚାଷୀମାନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଅମଳ ପୂର୍ବରୁ ଫସଲ ନଷ୍ଟ ହୋଇଯାଇଥିବାରୁ ଅନେକ ଚାଷୀଙ୍କ ସାରା ବର୍ଷର ପରିଶ୍ରମ ପାଣିରେ ମିଶିଯାଇଛି, ଯାହା ତାଙ୍କୁ ଗଭୀର ଆର୍ଥିକ ସଙ୍କଟରେ ପକାଇଛି। ଭୋଗରାଇ ବ୍ଲକର କାନ୍ଥଓଉଁରୀ ପଞ୍ଚାୟତର ରଣସିଂହପୁର, ବଡ଼ପାହି, ବିଚିତ୍ରପୁର ଓ ଶ୍ରଦ୍ଧାପୁର ପଞ୍ଚାୟତର ଖଡ଼ିବିଲ, କନ୍ୟାନଗରୀ ଭଳି ଗ୍ରାମଗୁଡ଼ିକ ଏହି କାଳ ବୈଶାଖୀ ପାଇଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ସେହିପରି ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରାବାଲି ଓ ଗୋଛିଦାତେଘରୀ ପଞ୍ଚାୟତର କୃଷ୍ଣନଗର ସହିତ ଅନ୍ୟାନ୍ୟ ଗ୍ରାମର ଶହ ଶହ ଏକର ଚାଷ ଜମି ପ୍ରବଳ ବର୍ଷାରେ ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି। ଉପକୂଳ ଅଞ୍ଚଳରେ ଜଳଜମା ଓ ପବନର ଜୋର ଫସଲକୁ ଅଧିକ କ୍ଷତିଗ୍ରସ୍ତ କରିଛି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁସାରେ, ଚିନା ବାଦାମ ଫସଲ ଅମଳ ପୂର୍ବରୁ ଖେତରେ ପଚିଯାଇ ନଷ୍ଟ ହୋଇଯାଇଛି। ବହୁ ସ୍ଥାନରେ ମାଟି ତଳେ ଫସଲ ରହିଥିବାରୁ ପାଣି ଜମି ଏହାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଚାଷୀମାନେ ବ୍ୟାଙ୍କ ଋଣ ଓ ଧାର କରି ଚାଷ କରିଥିବାରୁ ଏହି କ୍ଷତି ସେମାନଙ୍କ ପାଇଁ ଭୟାବହ ଆର୍ଥିକ ଚାପ ସୃଷ୍ଟି କରିଛି। ଆନୁମାନିକ ଭାବେ ପ୍ରତି ଏକରରେ ପ୍ରାୟ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅନେକ ଚାଷୀ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଏହି ବିପର୍ଯ୍ୟୟ ଫଳରେ ଚାଷୀମାନଙ୍କ ମଧ୍ୟରେ ଭବିଷ୍ୟତ ପ୍ରତି ଅନିଶ୍ଚିତତା ଓ ଭୟ ବଢ଼ିଯାଇଛି। ପରିବାର ଚଳାଇବା ନେଇ ସେମାନେ ଗଭୀର ଚିନ୍ତାରେ ରହିଛନ୍ତି। ଏବେ ସହାୟତା ନମିଳିଲେ ଆମ ପରିବାର ଚଳାଇବା କଷ୍ଟକର ହେବ ବୋଲି ଅନେକ ପ୍ରଭାବିତ ଚାଷୀ ଦୁଃଖ ପ୍ରକାଶ କରିଛନ୍ତି। ଏପରି ପରିସ୍ଥିତିରେ ତୁରନ୍ତ ସରକାରୀ ହସ୍ତକ୍ଷେପ ଅତ୍ୟାବଶ୍ୟକ ବୋଲି ଦାବୀ ଜୋରଦାର ହୋଇଛି। ପ୍ରଭାବିତ ଅଞ୍ଚଳରେ ଶୀଘ୍ର କ୍ଷତିର ଆକଳନ କରି ଚାଷୀମାନଙ୍କୁ ଯଥାଶୀଘ୍ର ଆର୍ଥିକ ସହାୟତା, ଫସଲ ବୀମା ଲାଭ ଓ ଅନ୍ୟାନ୍ୟ ସହଯୋଗ ଯୋଗାଇଦେବା ପାଇଁ ଖଗେନ୍ଦ୍ର ଜେନା, ଜଳନ୍ଧର ପାତ୍ର, ତପନ କୁମାର ମଣ୍ଡଳ, ବିଜୟ କୁମାର ମହାନ୍ତି, ରବୀନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ସାହୁ, ବଳରାମ ପାତ୍ର, ଘନଶ୍ୟାମ ନାୟକ, ହରେକୃଷ୍ଣ ମଣ୍ଡଳ, ହରିପଦ ନାୟକ ଓ ସୁଧାଂଶୁ ତୋଳା ପ୍ରମୁଖ ଅଞ୍ଚଳବାସୀ ଦାବୀ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ସର୍ବେକ୍ଷଣ କାମ ଆରମ୍ଭ କରି ସଠିକ ରିପୋର୍ଟ ସରକାରଙ୍କୁ ପଠାଇବା ସହ ଶୀଘ୍ର ସହାୟତା ପ୍ରଦାନ କରାଯିବ ବୋଲି ଲୋକମାନେ ଆଶା ବ୍ୟକ୍ତ କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନକରାଯାଏ, ତେବେ ଏହା ଚାଷୀମାନଙ୍କ ଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିବ ବୋଲି ସଚେତନ ମହଲରେ ଚିନ୍ତା ପ୍ରକାଶ ପାଇଛି।

● କାଳବୈଶାଖୀର କରାଳ ରୂପ

## ଘର ହରାଇ ଖୋଲା ଆକାଶ ତଳେ ଅସହାୟ ପରିବାର

ଔପଦା,୨।୫ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧୀନ ଅଘିରାପଦା ପଂଚାୟତର ଅଘିରାପଦା ରାଜସ୍ୱ ଗ୍ରାମର ଆଗୁଆଣ ସାହିରେ କାଳବୈଶାଖୀ ତାଣ୍ଡବ ରଚିଛି। ଗତ ୩୦ ତାରିଖ ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଉପେନ୍ଦ୍ର ବିଶ୍ୱାଳଙ୍କ ବାସଗୃହ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯିବା ଫଳରେ ଉପେନ୍ଦ୍ରଙ୍କ ଚାଳ ଛପର ଘରଟି ଭାଙ୍ଗି ଚୂରମାର ହୋଇଯାଇଛି। ଦୁର୍ଭାଗ୍ୟର ବିଷୟ ଯେ, ଘଟଣାକୁ ୩ ଦିନ ବିତି ଯାଇଥିଲେ ହେଁ ଏହି ଅଭାବୀ ୫ ପ୍ରାଣୀ କୁଟୁମ୍ବ ବର୍ତ୍ତମାନ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ଆଶ୍ରୟ ସହ ଖାଦ୍ୟ ପାନୀୟର ବ୍ୟବସ୍ଥା ନଥିବାରୁ ଏହି ପରିବାରଟି ଭୋକ ଉପାସରେ କାଳାତିପାତ କରୁଛନ୍ତି। ସ୍ଥାନୀୟ ପ୍ରଶାସନର ଏଥି ପ୍ରତି ନଜର ନାହିଁ। ଏ ସମ୍ପର୍କରେ ଉପେନ୍ଦ୍ର କହିଛନ୍ତି ବିଧାୟକ ସନ୍ତୋଷ ଖଟୁଆଙ୍କ ପକ୍ଷରୁ ଏକ ଅସ୍ଥାୟୀ ଗୃହ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରିଛନ୍ତି ଓ ତୁରନ୍ତ ସରକାର ଙ୍କ ପକ୍ଷରୁ ବାସ ଗୃହ ଯୋଗାଇ ଦିଆଯିବ। ଏଭଳି ସଙ୍କଟ ସମୟରେ ପରିବାରଟିକୁ ସହାୟତାର




ହାତ ବଢ଼ାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ନିବେଦନ କରିଛନ୍ତି। ପ୍ରଶାସନ ତୁରନ୍ତ ଘଟଣାର ସ୍ଥିତି ଅନୁଧ୍ୟାନ କରି ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ବାଲି ଓ ପଥର ବୋଝେଇ ଗାଡ଼ି ଜବତ

ସୋର, ୨।୫ (ସମିସ): ସୋର ତହସିଲ ଓ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବାଲି ଓ ପଥର ବୋଝେଇ ଡମ୍ଫର ଜବତ କରାଯାଇଛି। ଆଜି ସକାଳେ ବେଆଇନ ବାଲି ଚାଲାଣ ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଚଢ଼ାଉ କରି ୧୦ଟି ବାଲି ଗାଡି ଅଟକ ରଖି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଖଣି ଅଧିକାରୀ କାଗଜପତ୍ର ଯାଞ୍ଚ କରି ୩ଟି ଗାଡି ଜବତ କରି ସୋର ଥାନାକୁ ଜିମା ଦେଇଥିବା ଜଣାପଡିଛି। ସେହିପରି ବାଗୁଡି ପଥର ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ଖଣି ଅଧିକାରୀ ସମ୍ବିତ କୁମାର ମଣି ଓ ଜଗନ୍ନାଥ ଦାସ ଚଢ଼ାଉ କରିଥିଲେ। ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ବାଲେଶ୍ୱର ଅଭିମୁଖେ ଯାଉଥିବା ୪ଟି ଡମ୍ଫରକୁ ଜବତ କରି ଥାନାରେ ଜିମା ଦିଆଯାଇଛି।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ବୀମା ସହାୟତା

ଖଇରା,୨।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପୂର୍ବପଡା ଗ୍ରାମର ସୁରେନ୍ଦ୍ର ଦାସ ଗତ ଡିସେମ୍ବର ମାସରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବେଳେ ପଳସା ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ତାଙ୍କୁ ବୀମା ସହୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ପଳସା ସମିତି କାର୍ଯ୍ୟାଳୟ ପରିସରରେ ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଯଦୁନାଥ ସ ଓ ସୁପରଭାଇଜର ପ୍ରଦୀପ ମହପାତ୍ର ପ୍ରମୁଖ ଯୋଗ ଦେଇ ସମସ୍ତ ଋଣୀ ଓ ଚାଷୀ ନିଜକୁ ବିମାଭୁକ୍ତ କରାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅଧିକାରୀ ମାନେ ସୁରେନ୍ଦ୍ରଙ୍କ ସ୍ତ୍ରୀ ମାଳତୀ ଦାସଙ୍କୁ ବୀମା ସହାୟତା ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ସମସ୍ତ ବୋର୍ଡସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ରାସ୍ତାକଡ଼ରୁ ଅସହାୟ ଯୁବତୀ ଉଦ୍ଧାର

ବାଲେଶ୍ୱର,୨।୫ (ସମିସ): ସହରର ଉତ୍କଳ ବାଳାଶ୍ରମ ନିକଟରେ ଆଜି ଜଣେ ଯୁବତୀ ଅସହାୟ ଅବସ୍ଥାରେ ପଡ଼ି ରହିଥିଲେ। ଏହାକୁ ଦେଖି ଲିଟୁ ନାମକ ଜଣେ ଯୁବକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିବା ଜଣାପଡ଼ିଛି। ଯୁବକ ଜଣକ ଆମ୍ବୁଲାନ୍ସ ମାଧ୍ୟମରେ ତାଙ୍କୁ ହସ୍ପିଟାଲ ପହଞ୍ଚାଇଛନ୍ତି। ଏହାପରେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚାଇଲ୍ଡ ହେଲପ ଲାଇନ୍‌ର ସଦସ୍ୟ ଚିକିତ୍ସାଳୟରେ ପହଞ୍ଚି ଉତ୍ତମ ଚିକିତ୍ସା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଯୁବତୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାବେଳେ ସେ ଏବେ ମେଡିକାଲରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

## ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ବାଲେଶ୍ୱର,୨।୫ (ସମିସ): ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତ ଫକୀରମୋହନ ନଗର ନିବାସୀ ଗଦାଧର ମହାରଣା (ବାବୁଲା) ପରଲୋକ ହୋଇଯାଇଛି। ସେ ୨୦୦୭ରୁ ୨୦୧୨ ୱାର୍ଡ ମେମ୍ବର ଥିବାବେଳେ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ବିଜେଡିର ପଞ୍ଚାୟତ ସଭାପତି ଥିଲେ। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ତାଙ୍କ ମରଶରୀର ନିକଟରେ ପରିବାର ବନ୍ଧୁ, ବାନ୍ଧବ, ପଡ଼ୋଶୀ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମାୟାଧର ମହାଲିକ, ଯୁବନେତା ବିକାଶ ପାଢ଼ୀ, ସମ୍ବିତ ବେହେରା, ନିକୁଞ୍ଜ ଆଚାର୍ଯ୍ୟ, ଶିବାନନ୍ଦ ପଣ୍ଡା, ଦିଲ୍ଲୀପ ପଣ୍ଡା, ଭଗବାନ ବେହେରା, ଭଞ୍ଜକିଶୋର ପ୍ରଧାନଙ୍କ ସମେତ କରଞ୍ଜିଆ ତଥା ଆଇଟିଆଇ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ସୋର, ୨।୫ (ସମିସ): ସୋର ବ୍ଲକ ତଳନଗର ସ୍ଥିତ ବିଶ୍ୱମ୍ବରନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପୃଷ୍ଟିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ନିରାକାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓଷ୍ଟାର ପ୍ରାକ୍ତନ ସଭାପତି ଦାମୋଦର ଦାଶ ମହାପାତ୍ର, ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ସୋର ଏବିଇଓ ସୋମନାଥ ଦାସ,ଓଷ୍ଟା ଉପଦେଷ୍ଟା ବିଜୟ କୁମାର କର, ରାଜ୍ୟ ଓଷ୍ଟାର ମୁଖପତ୍ର ଶିକ୍ଷା ପ୍ରଦୀପ ର ପ୍ରାକ୍ତନ ସହ ସମ୍ପାଦକ ସୁରେନ୍ଦ୍ର ବେହେରା, ସୋର ଓଷ୍ଟା ସମ୍ପାଦକ ବଳରାମ ସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିୟ କୁମାର ପଟ୍ଟନାୟକ, ଆଲୁମିନି କମିଟି ର ସଭାପତି ସତ୍ୟାନନ୍ଦ ନାୟକ, ତଳନଗର ନୋଡାଲ ୟୁ ପି ସ୍କୁଲ ର ପ୍ରଧାନ ଶିକ୍ଷକ ରଘୁନାଥ ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଗଣେଶ ପ୍ରସାଦ ପାଢ଼ୀ ଓ ଦୟାନିଧି ପାତ୍ର। ପ୍ରାରମ୍ଭିକ ଶ୍ଳୋକ ଓ ସୂଚନା ଦେଇଥଲେ ଅଭିମନ୍ୟୁ ଦୀକ୍ଷିତ। ମିନତି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମିରୁ ବାଡ଼ ଉଠାଇବାକୁ ବିରୋଧ କରିବାରୁ ବୃଦ୍ଧଙ୍କୁ ଆକ୍ରମଣ

ବାସୁଦେବପୁର,୨।୫(ସମିସ): ବାସୁଦେବପୁର ବ୍ଲକ୍ କିସ୍ମତ କୃଷ୍ଣପୁର ମହାଦେବ ସାହିର ଦୟାନିଧି ବାରିକଙ୍କ ପରିବାରର ୬ ଭାଇ ଜମିବାଡ଼ିକୁ ନେଇ ଆଖପାଖର ପଡ଼ୋଶୀଙ୍କୁ ବାହୁବଳ ଦେଖାଇ ଭୟଭୀତ କରି ରଖିଛନ୍ତି। ଜୋର୍ ଜବରଦସ୍ତ ବାଡ଼ ଉପାଡ଼ି ଫିଙ୍ଗି ଦେଉଛନ୍ତି। ପ୍ରତିବାଦ କଲେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଫଳରେ ଆଖପାଖରେ କେତୋଟି ପରିବାର ଭୟରେ ନିଜ ଜମି ଛାଡ଼ି ଦେଉଛନ୍ତି। ବିଭିନ୍ନ ସମୟରେ ଥାନାର ଲିଖିତ ଅଭିଯୋଗ ହେଉଥିଲେ ମଧ୍ୟ ଆଇନ କାନୁନକୁ ଖାତିର ନ କରି ଦବଙ୍ଗରାଜ୍ ଚଳାଇଛନ୍ତି। ଶନିବାର ଏହି ଗାଁର ମଧୁସୂଦନ ପାଢ଼ୀ (୬୫)ଙ୍କ ଜମିରୁ ବାଡ଼କୁ ଦୟାନିଧି ବାରିକ ଓ ଅନ୍ୟ ଭାଇମାନେ ମିଳିତ ଭାବେ ଉପାଡ଼ି ଫୋପାଡ଼ି ଦେଇଥିଲେ। ଏହାକୁ ମଧୁସୂଦନ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଦୟାନିଧି ଓ ଅନ୍ୟମାନେ ମଧୁସୂଦନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଆହତ ମଧୁସୂଦନଙ୍କ ପରିବାର ପକ୍ଷରୁ ନାୟକାଣୀଡିହି ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ପାଣି ପାଇଁ ଗରା ବାଲ୍‌ଟି ରଖି ଗ୍ରାମବାସୀଙ୍କ ରାସ୍ତାରୋକ



ନୀଳଗିରି, ୨।୫ (ସମିସ): ନୀଳଗିରି ମିତ୍ରପୁର ରାସ୍ତା ଧୋବଶିଳା ଛକରେ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତାରୋକ କରିଥିଲେ। ଗାଁ କୁ ପାଣି ସଠିକ୍ ସମୟରେ ଆସୁନଥିବା ଓ ନଳକୂପ ଅଚଳ ଥିବା କାରଣରୁ ଏହି ରାସ୍ତାରୋକ କରିଥିଲେ ଧୋବଶିଳା ପଞ୍ଚାୟତର ଅନ୍ଧାରୀ ସାହିର ଲୋକେ। ଦୀର୍ଘ ଦିନରୁ ଗାଁ ରେ ପାଣି ସମସ୍ୟା ଥିବାରୁ ଲୋକେ ରାନ୍ଧିବା ଓ ପିଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ସ୍ଥାନୀୟ ବାସିନ୍ଦା। ଉକ୍ତ ପଞ୍ଚାୟତ ଅନ୍ଧାରୀ ସାହିରେ ମେଗା ପ୍ରକଳ୍ପ ବ୍ୟବସ୍ଥାରେ ଜଳ ଯୋଗାଣ କରାଯାଉଛି। ହେଲେ ପମ୍ପ ଚାଳକଙ୍କ ମନମାନି ପାଇଁ ଲୋକମାନେ ଜଳ ସମସ୍ୟା ଭୋଗୁ ଥିବାର ଅଭିଯୋଗ କରିଥିଲେ। ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ସିଂଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଦ୍ଧ କିଛି ସୁଫଳ ମିଳିନଥିଲା। ପ୍ରତିବାଦ ସ୍ୱରୂପ ଶନିବାର ସକାଳ ୧୦ଟାରେ ରେ ନୀଳଗିରି-ମିତ୍ରପୁର ରାସ୍ତା ଧୋବଶିଳା ଛକ ଠାରେ ଅନ୍ଧାରୀ ସାହିର ସ୍ତ୍ରୀ ଲୋକ ମାନେ ଗରା, ବାଲ୍ଟି ରାସ୍ତା ଉପରେ ରଖି ପ୍ରତିବାଦ କରିଥିଲେ। ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ି ମଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣା ସ୍ଥଳରେ ନୀଳଗିରି ପୁଲିସ, ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରିତିପ୍ରଭା ବାରିକ ଘଟଣା ସ୍ଥଳରେ ପହଞ୍ଚି ଉଦ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଏଥି ସହିତ ସ୍ଥାନୀୟ ମେଗା ପାଣି ପମ୍ପ ଡ୍ରାଇଭରଙ୍କୁ ଲଗାଇ ପାଣି ବ୍ୟବସ୍ଥା ହେଲା ପରେ ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇଥିଲା। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ବାଲେଶ୍ୱର,୨।୫ (ସମିସ): ଓଡିଶା ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅବସରରେ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ଆଶିଷ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ଆୟୋଜିତ ଏହି ଶିବିର ସ୍ଥାନୀୟ ଅଞ୍ଚଳରେ ଜନସେବା ଉଦାହରଣ ସୃଷ୍ଟି କରିଛି। ଏହି ଶିବିରରେ ମୋଟ ୧୧୦ ଜଣ ସ୍ଥାନୀୟ ବାସିନ୍ଦା ଓ ଗ୍ରାହକ ସକ୍ରିୟ ଭାବେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଚିକିତ୍ସକ ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ ସ୍ୱୟଂ ଉପସ୍ଥିତ ରହି ପ୍ରତ୍ୟେକ ହିତାଧିକାରୀଙ୍କ ରକ୍ତଚାପ, ଶର୍କରା ସ୍ତର ଓ ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଆବଶ୍ୟକୀୟ ଚିକିତ୍ସା ସମ୍ପର୍କୀୟ ପରାମର୍ଶ, ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଔଷଧ ସେବନ ସମ୍ବନ୍ଧୀୟ ସଠିକ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କରିଥିଲେ।

## ୩୫ଟି ଚୋରି ମୋବାଇଲ ଉଦ୍ଧାର

ବାଲେଶ୍ୱର,୨।୫(ସମିସ): ଜିଲ୍ଲା ପୁଲିସର ସାଇବର ସେଲ୍ ବିଭିନ୍ନ ସମୟରେ ହଜିଯାଇଥିବା କିମ୍ବା ଚୋରି ହୋଇଥିବା ୩୫ଟି ମୋବାଇଲ୍ ଫୋନ୍ ଉଦ୍ଧାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଛି। ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗର ସିଇଆଇଆର ପୋର୍ଟାଲ ମାଧ୍ୟମରେ ଏହି ମୋବାଇଲ୍ ଗୁଡିକୁ ଟ୍ରାକ୍ କରାଯାଇଥିଲା। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ ସୂଚନା ଦେଇ କହିଛନ୍ତି ଯେ, ଆହୁରି ଅନେକ ମୋବାଇଲ୍ ବର୍ତ୍ତମାନ ଟ୍ରାକିଂ ପ୍ରକ୍ରିୟାରେ ଅଛି। ଆଗାମୀ ଦିନରେ ସେଗୁଡ଼ିକୁ ମଧ୍ୟ ଉଦ୍ଧାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବନ୍ତ/ଆଗରପଡ଼ା,୨।୫(ସମିସ): ଗଣିଜାଙ୍ଗ ପଞ୍ଚାୟତ ଗଣିଜାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ଅରଞ୍ଜି ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଗଗନବିହାରୀ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରାଙ୍କ ସଭାପତିତ୍ୱ ଓ ଶିକ୍ଷକ ଅଭୟ ପ୍ରଧାନଙ୍କ ମଞ୍ଚ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରମାକାନ୍ତ ଜେନା, ବିଶିଷ୍ଟ ଅତିଥି ଜୟନ୍ତୀ ଦାଶ, ସମ୍ମାନିତ ଅତିଥି ଶିକ୍ଷାବିତ୍ ରତିକାନ୍ତ ମଲ୍ଲିକ, ଭାସ୍କର ଚନ୍ଦ୍ର ପାଢ଼ୀ, ଉର୍ମିଳା ପଣ୍ଡା, ବିଜୟ ପ୍ରଧାନ, ପରିଚାଳନା କମିଟି ସଭାପତି ଜଗବନ୍ଧୁ ମହାପାତ୍ର, ସନାତନ ଦାସ, ନରେନ୍ଦ୍ର ସାହୁ, ଅନିରୁଦ୍ଧ ମଙ୍ଗଳ, ଗୌରାଙ୍ଗ ଚନ୍ଦ୍ର ନାଥ, ନାରାୟଣ ମହାପାତ୍ର ପ୍ରମୁଖ ଅତିଥି ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ଅଭୟ ପ୍ରଧାନ ଅତିଥି ପରିଚୟ, ଶିକ୍ଷକ ନୀଳମାଧବ ଦାସ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିବାବେଳେ ପ୍ରାକ୍ତନ ସିଆର୍‌ସିସି କଳ୍ପନା ରାଉଳ ମାନପତ୍ର ପଠନ କରିଥିଲେ। ଶିକ୍ଷକ/ଶିକ୍ଷୟିତ୍ରୀ ସମରେନ୍ଦ୍ର ନାୟକ, ସତ୍ୟବ୍ରତ ଦେହୁରୀ, ଟୁଟୁ କୁମାର ପାଳ, ରମାକାନ୍ତ ବେହେରା, ରାଜଶ୍ରୀ ନାୟକ, କଳ୍ପନା ଦାଶ, ପ୍ରତାପ ଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।

## ୬୦ କ୍ୱିଣ୍ଟାଲରୁ ଅଧିକ ବିଦ୍ୟୁତ୍ ତାର ଜବତ



ଧାମନଗର,୨।୫(ସମିସ): ଧାମନଗର ଏନ୍‌ଏସି ଅଧୀନ ହବିବ୍‌ନଗର ଓ କଲୋନୀ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ପୁଲିସ ପକ୍ଷରୁ ଅଚାନକ କବାଡ଼ିଆ ଦୋକାନରେ ଚଢ଼ଉ କରାଯାଇ ୬୦ କ୍ୱିଣ୍ଟାଲରୁ ଅଧିକ ବିଦ୍ୟୁତ୍ ତାର ଜବତ କରାଯାଇଛି। ବିଶେଷ ସୂତ୍ରରୁ ସୂଚନା ପାଇ ପୁଲିସ ବିଭିନ୍ନ ସ୍ଥାନରେ ଥିବା କବାଡ଼ିଆ ଦୋକାନ ଉପରେ ଚଢ଼ଉ କରିଥିବା ଜଣାପଡ଼ିଛି। ଚଢ଼ଉ ସମୟରେ ସେଠାରୁ ବିପୁଳ ପରିମାଣର ବିଦ୍ୟୁତ୍ ତାର ଜବତ କରିବା ସହିତ ଜଣେ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ସହ ପ୍ରଶ୍ନବାଚୀ ଓ ସନ୍ଦେହ ସୃଷ୍ଟି କରିଛି। ଥାନାରେ ଅଟକ ରହିଥିବା ବ୍ୟକ୍ତି ଜଣକ ହେଉଛନ୍ତି ମୁଲଣାସାହି ଗ୍ରାମର ମିର୍ ପପୁ ବୋଲି ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ଧାମନଗର ଥାନାଧିକାରୀ ସୁଭ୍ରଜିତ୍ ଦାଶ କହିଛନ୍ତି ଯେ, ଯେଉଁ ଘରୁ ବିଦ୍ୟୁତ୍ ତାର ଜବତ ହୋଇଛି ସେଠାର ଘର ମାଲିକଙ୍କୁ ଥାନାକୁ ଅଣାଯାଇଥିଲା। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରଖିଛି ବୋଲି ଆଇଆଇସି ଶ୍ରୀ ଦାଶ ସୂଚନା ଦେଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ପୁଲିସ ପକ୍ଷରୁ କୌଣସି ମାମଲା ହୋଇନାହିଁ ବୋଲି ଜଣାଯାଇଛି।

## ବିଦ୍ୟାନିକେତନର ବାର୍ଷିକ ଉତ୍ସବ

ବାରିକପୁର,୨।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦାସ୍ଥିତ ବିଦ୍ୟାନିକେତନ ଇଂଲିଶ ମିଡିୟମ୍ ସ୍କୁଲର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସତ୍ୟଭାମା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ଶରତ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ, ସମ୍ମାନିତ ଅତିଥି ବିଦ୍ୟାଳୟ ସଭାପତି ଅକ୍ଷୟ ଶତପଥୀ, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଜେନା, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ, ସଂଗୀତ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଏଲିନା ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଗାୟତ୍ରୀ ମିଶ୍ର ସ୍ୱାଗତଭାଷଣ, ଶର୍ମିଷ୍ଠା ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ସତ୍ୟ ସନ୍ଧ୍ୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶୁଭଶ୍ରୀ ପଣ୍ଡା, ଜ୍ୟୋସ୍ନାରାଣୀ ବାରିକ, ନିର୍ଜନ ବେହେରା, ନୟନୀ ମଲ୍ଲିକ, ରଙ୍ଗଲତା ମଲ୍ଲିକ, ମଧୁସ୍ମିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ବିଦା ହେବେ ଗୁଆମାଳରୁ ମାଙ୍କଡ଼



୩ଟି ବନ ବିଭାଗର ମିଳିତ ପ୍ରୟାସ

ଦୋଳସାହି,୨।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ମାଙ୍କଡ଼ମାନଙ୍କ ଉପଦ୍ରବ ବୃଦ୍ଧି ପାଇବା ସହ ପନିପରିବା ଚାଷୀଙ୍କ ଫସଲ ଉଜାଡ଼ି ଦେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଆସୁଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ବଢ଼େଇବାଡ଼ି ଗାଁର ଅମୂଲ୍ୟ ପାଢ଼ୀ ଗତ ସୋମବାର ତିହିଡ଼ି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶରେ ଭଦ୍ରକ, ଚାନ୍ଦବାଲି ଓ ତିହିଡ଼ି ବନ ବିଭାଗର ଫରେଷ୍ଟର ବୁଲ୍‌ବୁଲ୍ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆଣ୍ଟି କ୍ୟାଟିଂ ସ୍କାନ୍‌ମାନଙ୍କ ଦ୍ୱାରା ଶନିବାର ଗାଁ ଗାଁ ବୁଲି ମାଙ୍କଡ଼ମାନଙ୍କୁ ଘଉଡ଼ାଉଥିବା ଦେଖିବାକୁ ମିଳିଛି। ସେହିପରି ଏହି ପଞ୍ଚାୟତରେ ମାଙ୍କଡ଼ମାନେ ପନିପରିବା ଚାଷୀଙ୍କ ଫସଲ ଉଜାଡ଼ି ଦେଉଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନେକ ସମୟରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଉପରେ ହଠାତ୍ ଆକ୍ରମଣ କରି ଗୁରୁତର ଆହତ କରୁଥିବା ସହ ଘର ଭିତରେ ପଶି ପନିପରିବା ଖାଇବା ସହ ଆକ୍ରମଣ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ସୀମା ଟପିଲେ ବାଲି ମାଫିଆ; ବୈତରଣୀ ପଠାରେ ବନ୍ଧୁକ ଦେଖାଇ ଦାଦାଗିରି

# ସେତୁ ନିକଟରୁ ବେଆଇନ ବାଲି ଉତ୍ତୋଳନକୁ ଗ୍ରାମବାସୀଙ୍କ ବିରୋଧ

ଦୋବଲ,୨।୫(ସମିସ)



ଭଦ୍ରକ ଓ ଯାଜପୁର ଜିଲ୍ଲା ସୀମା ଦେଇ ପ୍ରବାହିତ ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ର କରି ରଣକ୍ଷେତ୍ର ପାଲଟିଛି ହୀରାପୁର ବାଲିଘାଟ। ଯାଜପୁର ଜିଲ୍ଲା ଦଶରଥପୁର ତହସିଲ୍ ଅନ୍ତର୍ଗତ ତଳିହା ରାଜସ୍ୱ ମଣ୍ଡଳର ବାଲି ମାଫିଆମାନେ ନିଜ ସୀମା ଲଂଘି ଧାମନଗର ଅଞ୍ଚଳରୁ ବାଲି ଉଠାଇବା ସହ ଗ୍ରାମବାସୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଯାଜପୁର ଜିଲ୍ଲାର ହୀରାପୁର ବାଲିଘାଟକୁ ମାଫିଆମାନେ ୫ ବର୍ଷ ପାଇଁ ଲିଜ୍ ନେଇଥିବା ଦାବି କରୁଛନ୍ତି। ମାତ୍ର ବାସ୍ତବରେ ନଦୀ ଗର୍ଭରେ ବାଲି ଗଚ୍ଛିତ ନ ଥିବାରୁ ଭୂତତ୍ତ୍ୱବିତ୍‌ଙ୍କ ରିପୋର୍ଟ ଆଧାରରେ ଏହି ଖାଦାନ ବନ୍ଦ ରହିଥିଲା। ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'କନ୍‌ସେଣ୍ଟ ଟୁ ଅପରେଟ୍' ମଧ୍ୟ ମିଳିନାହିଁ। ତଥାପି ଶୁକ୍ରବାର ୪ଟି ଜେସିବି ସାହାଯ୍ୟରେ ମାଫିଆମାନେ ହୀରାପୁର ଖାତା ନଂ ୬୪୯, ପ୍ଲଟ୍ ନଂ ୨୨୫୬ରୁ ବାଲି ଉଠାଇବା ବାହାନାରେ ଧାମନଗର ତହସିଲ୍‌ର ଆନନ୍ଦପୁର ରାଜସ୍ୱ ଗ୍ରାମର ପ୍ଲଟ୍ ନମ୍ବର ୧୧୪୪ ମଧ୍ୟକୁ ମାଡ଼ି ଆସିଥିଲେ। ଧାମନଗର ବ୍ଲକ୍ ଦିହୁଡ଼ି ଆନନ୍ଦପୁର ଗ୍ରାମବାସୀ ନଦୀ ଗର୍ଭରେ ପହଞ୍ଚି ଏହି ବେଆଇନ ଉତ୍ତୋଳନକୁ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଜଣେ ବାଲି ମାଫିଆ ବନ୍ଧୁକ ଦେଖାଇ ଗୁଳି କରିଦେବାକୁ ଗ୍ରାମବାସୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ପ୍ରାଣ ବିକଳରେ ଗ୍ରାମବାସୀ ସେଠାରୁ ଫେରିଆସି ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜଣାଇବା ପରେ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ବାଲି ମାଫିଆମାନେ କେବଳ ସୀମା ଲଂଘି ନାହାନ୍ତି, ବରଂ ନଦୀ ପଠାରେ ଥିବା ରାମବାଗ ରାଜସ୍ୱ ମଣ୍ଡଳର ସିଦ୍ଧେଶ୍ୱର ଗ୍ରାମର ପ୍ଲଟ୍ ନଂ ୩୩୪କୁ ମଧ୍ୟ ମାଡ଼ି ଯାଇଛନ୍ତି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଧାମନଗର ଓ ଯାଜପୁରକୁ ସଂଯୋଗ କରୁଥିବା ବୈତରଣୀ ସେତୁ ନିକଟରୁ ବାଲି ଉତ୍ତୋଳନ କରାଯାଉଛି। ଏହାଦ୍ୱାରା ସେତୁର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ଆନନ୍ଦପୁର ଅଞ୍ଚଳର ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଭଦ୍ରକ ସହାୟକ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ, ସେ ଏହାକୁ ଜିଲ୍ଲାପାଳ ଓ ଖଣି ଉପନିର୍ଦ୍ଦେଶକଙ୍କ କ୍ଷମତା ପରିସରଭୁକ୍ତ ବୋଲି କହିବା ସହ ସୀମା ବିବାଦର ସମାଧାନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ ଯାଜପୁର ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ମହାନ୍ତି ଏହି ବିବାଦୀୟ ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ନଦୀ ପଠାରେ ଏବେ ବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ପ୍ରଶାସନିକ ହସ୍ତକ୍ଷେପକୁ ସ୍ଥାନୀୟ ଲୋକେ ଚାହିଁ ରହିଛନ୍ତି।

**ଧାମନଗର ଓ ଦଶରଥପୁର ସୀମାରେ ଉତ୍ତେଜନା**

## ତାଣ୍ଡବ ରଚିଲା କାଳବୈଶାଖୀ

# ଭାଙ୍ଗିଲା ଗଛ, ଉପୁଡ଼ିପଡ଼ିଲା ବିଦ୍ୟୁତ୍ ଖୁଣ୍ଟ










**କବାଟବନ୍ଧ, ୨।୫(ସମିସ)**

ଶନିବାର ଅପରାହ୍ନରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଛି। ବହୁ ସ୍ଥାନରେ ଗଛ ଭାଙ୍ଗିପଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଶନିବାର ଅପରାହ୍ନରେ ହଠାତ ପ୍ରବଳ ପବନ ଏବଂ ବର୍ଷା ତାଣ୍ଡବ କରିଥିଲା। ଜେନାପୁର ଥାନା ଅଞ୍ଚଳର କବାଟବନ୍ଧ, ଅଞ୍ଜିରା, ରାଇଛନ୍ଦା, ପୁରୁଣା ବଉଳମାଳ, ତାଳଜଙ୍ଗ ଆଦି ପଞ୍ଚାୟତର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ତାଳଜଙ୍ଗ ପଞ୍ଚାୟତର ଐତିହାସିକ ପୀଠ ବଳରାମପୁର ଉପରଗଡ଼ ଠାରେ ଥିବା ହଜାରେ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଗନ୍ନାଥ ମନ୍ଦିରରେ ବନ୍ଧା ଯାଇଥିବା ବାଉଁଶ ସହ ପତିତପାବନ ବାନା କେଉଁ ଆଡ଼େ ଉଡ଼ି ଯାଇଛି। ଉକ୍ତ ଗ୍ରାମରେ କିଛି ଘର ଏବଂ ଦୋକାନର ଟିଣ କର୍କଟ ଉଡି ଯାଇଯିବା ଦେଖିବାକୁ ମିଳିଛି। ପ୍ରବଳ ପବନରେ କିଛି ଗଛର ଡାଳ ଭାଙ୍ଗି ପ୍ରାୟ ୫୦ ଫୁଟ ଦୂରକୁ ଉଡ଼ ଯାଇଥିଲା। ଏହା ସହିତ ଅନ୍ୟାନ୍ୟ ଗ୍ରାମର ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହିତ ଅନେକ ଗଛ ସମ୍ପୂର୍ଣ୍ଣ ଭାଙ୍ଗିଛି। କାଳବୈଶାଖୀର ପ୍ରଭାବରେ ପ୍ରବଳ ପବନ ଯୋଗୁଁ ବିଦ୍ୟୁତ ସେବା ବ୍ୟାପକ ଭାବେ ବାଧାପ୍ରାପ୍ତ ହୋଇଛି। ଏକାଧିକ ସ୍ଥାନରେ ଗଛ ଡାଳ ଭାଙ୍ଗି ବିଦ୍ୟୁତ ତାର ଛିଡ଼ିବା ସହିତ ଅନେକ ସ୍ଥାନରେ

### ଚାଳଛପର ଓ ଆଜ୍‌ବେଷ୍ଟ ଉଡ଼ିଗଲା

ତାରକୁ ତାର ଯୋଡ଼ି ହୋଇ ରହିଛି। ବହୁ ଇଲେକ୍ଟ୍ରି ଖୁଣ୍ଟ ଭାଙ୍ଗିଥିବା ବେଳେ କିଛି ସ୍ଥାନରେ ଖୁଣ୍ଟ ଭୂମିରେ ପଡ଼ିଥିବା ଦେଖିବାକୁ ମିଳିଛି। ଦଳଗାଁ, ବଳରାମପୁର ଉପରଗଡ଼ କଦମ୍ବପାଟଣାରେ ତାର ଛିଡ଼ିଥିବା ବେଳେ ବାଘୁଆ, ଚଢ଼େଇଧରା ଆଦି ସ୍ଥାନରେ ଇଲେକ୍ଟ୍ରି ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗି ରାସ୍ତାରେ ପଡ଼ିଛି। ଫଳରେ କବାଟବନ୍ଧ ବିଦ୍ୟୁତ ସବଷ୍ଟେସନ ଅଧିନ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ଜୋରରେ ପବନ କାରଣରୁ ଜଗନ୍ନାଥ ମନ୍ଦିରର ପତିତପାବନ ନେତ ମଧ୍ୟ କୁଆଡ଼େ ଉଡେଇ ନେଇଛି।

**ବରୀ:** ଆଜି ଅପରାହ୍ନରେ ବରୀ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ ରଚିଛି। ବର୍ଷା ସାଙ୍ଗକୁ ଘଡଘଡି ଓ ପବନ ହେବା ଯୋଗୁଁ ବିଭିଣ ସ୍ଥାନରେ ଛୋଟ ବଡ଼ ଗଛ ଭାଙ୍ଗିବା ସହିତ ବିଦ୍ୟୁତ ଖୁଣ୍ଟ ଉପୁଡି ପଡ଼ିଥିବା ଦେଖିବାକୁ ମିଳିଛି। ବରୀ-ବରୁହାଁ ରାସ୍ତାର ବରୀ ମାଉଣ୍ଡ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ଗଛ ପଡ଼ିବା ଯୋଗୁଁ ଯାନବାହାନ ଯାତାୟତରେ ବ୍ୟାଘାତ ଘଟିଛି। ଦୀର୍ଘ ସମୟ ଧରି ରାସ୍ତାରେ ଗାଡି ମଟର ଅଟକି ରହିବା ଫଳରେ ସ୍ଥାନୀୟ ଯୁବକମାନେ ଗଛ କାଟି ସଫା କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ବରୀରୁ କଟକ ଅଭିମୁଖେ ଯାଉଥିବା ଯାତ୍ରୀବାହି ଜଗନ୍ନାଥ ବସ୍ ଉପରେ ଗଛ ପଡ଼ିବା ଫଳରେ ଗାଡିର ଆଗ କାଚ ଭାଙ୍ଗି ଯାଇଥିଲେ ହେଁ ସୌଭାଗ୍ୟ କ୍ରମେ କୌଣସି ଯାତ୍ରୀ ଆହତ ହୋଇନାହାଁନ୍ତି। ସେହିପରି ଅଲିଆବାଦ ଛକ ଓ ରାମପୁର ହାଇସ୍କୁଲ ନିକଟରେ ଟିଣ ଛପର ଉଡ଼ି ଯିବା ସହିତ ଗଛ ଭାଙ୍ଗି ରାସ୍ତାରେ ପଡ଼ିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଧାରପୁର, ନାଥପୁର, ବାଲିଆ ପ୍ରଭୃତି ସ୍ଥାନରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଦୁଇ ଦିନ ପୂର୍ବେ ହୋଇଥିବା କାଳ ବୈଶାଖୀ ପ୍ରଭାବରେ ୩୬ ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଆଜିର ଘଟଣାର କେତେଦିନ ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହେବ ସେ ନେଇ ଲୋକେ ଆଶଙ୍କାରେ ରହିଛନ୍ତି।

**ଧର୍ମଶାଳା:** ଧର୍ମଶାଳା ଅଞ୍ଚଳରେ ଆଜି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଝଡ ତୋଫାନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆଜି ଅପରାହ୍ନରେ ଅନ୍ଧାରିଆ ହୋଇ ମେଘ ଘୋଟି ଆସିବା ସହିତ ବର୍ଷା ବିଜୁଳି ସାଙ୍ଗକୁ ଖୁବ ଜୋରରେ ପବନ ବୋହିଥିଲା। ଏହି ପବନରେ ଅନେକ ସ୍ଥାନରେ ଗଛ ଉପୁଡିପଡ଼ିବା ସହ ବିଦ୍ୟୁତ ଖୁଣ୍ଟ ଗୁଡିକ ଉପୁଡି ପଡ଼ିଛି। ସେହିପରି କେତେକ ସ୍ଥାନରେ ଚାଳଛପର ଓ ଅଜବେଷ୍ଟ ଉଡିଯାଇଛି। ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ତେବେ ଏହି ଝଡ ତୋଫାନରେ କେଉଁଠି ବଡଧରଣର ଅଘଟଣ ଘଟିନଥିବା ବେଳେ ଜାରକା ବିଦ୍ୟୁତ ବିଭାଗ ଅଧିନରେ ରହିଥିବା ଅଞ୍ଚଳ ଗୁଡିକରେ ବିଦ୍ୟୁତ ଆସିବା କଷ୍ଟକର ହୋଇଛି। ବିଭାଗୀୟ କର୍ମଚାରୀମାନଙ୍କ ଅହେତୁକ ଅବହେଳା ଯୋଗୁଁ ଲୋକେ ଆଜି ବିଦ୍ୟୁତ ପଇବା କଷ୍ଟକର ହୋଇପଡ଼ିଛି। ଏଥିପ୍ରତି ଉପରିସ୍ଥ ଅଧିକାରୀ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ଶିକ୍ଷାବିତ୍ ଦୟାନିଧି ମଲ୍ଲିକଙ୍କ ପରଲୋକ



**ମଙ୍ଗଳପୁର, ୨।୫(ସମିସ):** ଦଶରଥପୁର ବ୍ଲକ ଅର୍ଦ୍ଧାଉଳିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦୟାନିଧି ମଲ୍ଲିକ (୯୪)ଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ଶୁକ୍ରବାର ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ତାଙ୍କ ଜନ୍ମମାଟି ଦଶରଥପୁର ବ୍ଲକ ଦୁଦୁରାଅଣ୍ଡା ପଞ୍ଚାୟତ ଅର୍ଦ୍ଧାଉଳିଆ ଗ୍ରାମକୁ ମରଶରୀରକୁ ଅଣାଯାଇଥିଲା। ଦଉପୁର ଠାରୁ ତାଙ୍କ ଶବଧାରରେ ଶହ ଶହ ଛାତ୍ର, ଗ୍ରାମବାସୀ ଦଉପୁର, ଦେୱାନ ପାଟଣା, ଅର୍ଦ୍ଧାଉଳିଆ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ, ଦୁଦୁରାଅଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ସେଠୀ, ସମିତିସଭ୍ୟାଙ୍କ ପ୍ରତିନିଧି ଶିଶିର କୁମାର ରାଉତ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, କନିକାପଡ଼ା ପଞ୍ଚାୟତ ବିଜେପି ଯୁବନେତା ଚିତ୍ତରଞ୍ଜନ ସାମଲ, ମଙ୍ଗଳପୁର ପଞ୍ଚାୟତ ବିଜେପି ନେତା ବିଭୁତି ଭୂଷଣ ପଣ୍ଡା, ବିନୟ ସେନାପତି, ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ କୁଅଁର, ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, କଣ୍ଟପଡ଼ା ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ୟାରୀମୋହନ ରାଉତ, ମଙ୍ଗଳପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଓ ସୁବ୍ରତା ଆଇଟିଆଇ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷକ ନେତା ଧର୍ମାନନ୍ଦ ମଲ୍ଲିକ, ଅର୍ଦ୍ଧାଉଳିଆ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ତୁଷାର ସାମଲ, ଦଉପୁର ପଞ୍ଚାୟତ ପୂର୍ବତନ ବିଜେପି ସଭାପତି ଅଜୟ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ତାଙ୍କ ମୃତ୍ୟୁରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଦୁଦୁରାଅଣ୍ଡା ପୂର୍ବତନ ସରପଞ୍ଚ ହିମାଦ୍ରୀ ଭୂଷଣ କୁଅଁର, ଅର୍ଦ୍ଧାଉଳିଆ ଉପ୍ରା ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ମଲ୍ଲିକ, ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ସମାଜସେବୀ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଅଖିଳଚକ୍ରର ମହାବିଷୁବ ସମ୍ମାନ



**ମଇଁଦା, ୨।୫(ସମିସ):** ଯାଜପୁର ଜିଲ୍ଲାର ବରୁଣେଶ୍ୱର ପୀଠସ୍ଥର ଅଖିଳଚକ୍ର ଓଡ଼ିଶା ଓ ଶାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ମହାବିଷୁବ ମିଳନ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ବିଶିଷ୍ଟ ସଂସ୍କୃତବିତ ପଣ୍ଡିତ ମହେଶ୍ୱର ନନ୍ଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ପ୍ରାକ୍ତନ ଅଧ୍ୟକ୍ଷ ବୈକୁଣ୍ଠନାଥ ପରିଡ଼ା ଯୋଗ ଦେଇ କହିଲେ ଯେ ଆମ ସମାଜରେ ସାହିତ୍ୟ ସମ୍ପର୍କକୁ ବଞ୍ଚାଇ ରଖିପାରେ। ସାହିତ୍ୟରେ ସମାଲୋଚନା ଦ୍ୱାରା ସମାଜ ପରିମାର୍ଜିତ ହୋଇଥାଏ। କାଳଜୟୀ ହେବା ପାଇଁ ସାହିତ୍ୟ ଏକମାତ୍ର ପଥ ତେଣୁ ସାହିତ୍ୟ ଓ ସମାଜ ଅଙ୍ଗାଙ୍ଗୀଭାବେ ଜଡିତ। ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପିନାଥ ଦାଶ କହିଲେ ଯେ ଆମେ ଆମ ପ୍ରାଚୀନ ସଂସ୍କୃତିକୁ ବଞ୍ଚାଇ ନରଖିଲେ ଜୀବନରେ ସୁଖ ସମୃଦ୍ଧି ପାଇପାରିବା ନାହିଁ। ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ ଯେ କଳୁଷିତ ପରମ୍ପରା, ସାମାଜିକ ସଂସ୍କାର ଓ ପୁଜ୍ୟପୂଜା ପାଇଁ ଅଖିଳଚକ୍ର ଅହରହ ଉଦ୍ୟମ କରିଚାଲିଛି। ଅନ୍ୟତମ ଅତିଥି ଶାନ୍ତନୁ କୁମାର ଧଳ, ସାମାଜିକ ସଂଗଠକ ଅଟଳବିହାରୀ ନାୟକ, ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ସାମଲ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବଅସରରେ ଶିକ୍ଷାବିତ ବୀଣାପାଣି ସାମଲ ଓ ବିଶିଷ୍ଟ କବି ମନୋରଞ୍ଜନ ସାହୁଙ୍କୁ ମହାବିଷୁବ ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ୨ୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମ୍ବିକା ସାମଲ, ଇଂ ପାର୍ଥସାରଥୀ ଦାସ, ଡ. ଶ୍ରୀହରି ଧଳ, ସନ୍ତୋଷ କୁମାର ବେଉରିଆ, ବନ୍ଦନା ସାମଲ, ଅମ୍ରିତା ସିଂହ, ଅଭୟ ଖୁଣ୍ଟିଆ, ସତ୍ୟ ରଞ୍ଜନ ସ୍ୱାଇଁ, ମଣ୍ଟୁ ବଳବନ୍ତରାୟ, ଅକ୍ଷୟ କୁମାର ସେଠୀ, ପୁଷ୍ପାଧଳ ମହାପାତ୍ର, ପ୍ରଣତୀ ମାହାପାତ୍ର (କଲିକତା) ବିଷ୍ଣୁ ଦଳାଇ, ସୁବାସ ଚନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ସାହାଣୀ, ପ୍ରମୋଦ କୁମାର ସାମଲ, ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଶାନ୍ତିଲତା ରଣା, କିରଣବାଳା ଦାଶ, ବିଷୟା ସାମଲ, ଚନ୍ଦ୍ର ଶେଖର ସାହୁ, ଶରତ କୁମାର ନାୟକ, ବିଷ୍ଣୁ ସାହାଣୀ, ସରୋଜ କୁମାର ମଲ୍ଲିକ, ବିଦ୍ୟୁସ୍ମିତା ରଣା, ଶାନ୍ତିଲତା ରଣା, ସତ୍ୟବ୍ରତ ସାହୁ, ସୁଚିତ୍ରା ଦାସ, ଚନ୍ଦ୍ରାବତୀ ଦାସ, ବିବେକାନନ୍ଦ ସାହୁ, ପ୍ରମୋଦ ପ୍ରଧାନ, ଭାରତ ଭୂଷଣ ମଲ୍ଲିକ, ଦିଲ୍ଲୀପ କୁମାର ସାମଲ, ଶଶୀଭୂଷଣ ସାମଲ, ସତ୍ୟବ୍ରତ ସାହୁ, ଗାଳ୍ପିକ ଫକୀର ଚରଣ ନାୟକ, ସୁଦର୍ଶନ ସାହୁ ପ୍ରମୁଖ କବିତା ପାଠ କରିଥିଲେ।

### ଦହିବରା ଖାଇ ମୃତ ଓ ଅସୁସ୍ଥ ଘଟଣା

## ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଯାଜପୁର, ୨।୫(ସମିସ):** ଦଶରଥପୁର ବ୍ଲକରେ ବିଷାକ୍ତ ଦହିବରା ଖାଇ ଶତାଧିକ ଲୋକେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ପାଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ରୋଗୀମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସୁବଧା ସୁଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଥିସହିତ ପ୍ରଭାବିତ ଅଞ୍ଚଳରୁ ବିପୁଳ ପରିମାଣର ପାଣି ଏବଂ ଖାଦ୍ୟ ନମୂନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଇଛି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିବା ବେଳେ ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାର ଏଥିପ୍ରତି ଯତ୍ନବାନ ରହିଥିବା ମନ୍ତ୍ରୀ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଯାଜପୁରର ସାଂସଦ ଡ.ରବୀ ନାରାୟଣ ବେହେରା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶିକ ପୁଷ୍ପିତା ମହାନ୍ତି, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର ଉପସ୍ଥିତ ରହି ଆକ୍ରାନ୍ତଙ୍କ ସ୍ଥିତି କିଭଳି ରହିଛି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ବିଜେପି ନେତା ଗୌତମ ରାୟ, ବିଜେପି ନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀ ପ୍ରତୀକଙ୍କୁ ଉତ୍କଳ ଗୌରବ ସମ୍ମାନ



**ବିଞ୍ଝାରପୁର, ୨।୫(ସମିସ):** ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ ଯାଜପୁର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଯାଜପୁରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ବିଞ୍ଝାରପୁର ଅଞ୍ଚଳର ଉଦୀୟମାନ ଯୁବ ସାମାଜିକ କର୍ମୀ ତଥା ସହକାରୀ ଆବାସ ପ୍ରଦ୍ୟୋଗ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରତୀକ ମିଶ୍ରଙ୍କୁ ତାଙ୍କର ସମାଜରେ ଓଡ଼ିଆ ସଂସ୍କୃତି, ସାହିତ୍ୟ, ଭାଷା, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କ୍ଷେତ୍ରରେ ନିଷ୍ଠା ନିସ୍ୱାର୍ଥପର ଭାବରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଛି। ପ୍ରତୀକ ଏହି ସମ୍ମାନ ଗ୍ରହଣ କରୁଥିଲା ବେଳେ ମଞ୍ଚରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି କମିଟିର ଅଧ୍ୟକ୍ଷ ତଥା ସେବାନିବୃତ୍ତ ହୃଦ୍‌ବକ୍ଷ ବିଭାଗର କଟକ ବଡ଼ ମେଡିକାଲର ପୂର୍ବତନ ମୁଖ୍ୟ ଡା. ସତ୍ୟନାରାୟଣ ରାଉତରାୟ, ସାରସ୍ୱତ ସମାବେଶ ମଞ୍ଚର ଅଧ୍ୟକ୍ଷ ଘନ ପରିଡ଼ା, ଉପାଧ୍ୟକ୍ଷ ଶିକ୍ଷାବିତ ସୁରେନ୍ଦ୍ର କୁମାର ରାୟ, ଶିକ୍ଷାବିତ ଧରଣୀଧର ମହାପାତ୍ର, ଶିକ୍ଷାବିତ ବଟକୃଷ୍ଣ ମହାପାତ୍ର, ବରିଷ୍ଠ ସାମାଜିକ କର୍ମୀ ଡ. ରବୀନ୍ଦ୍ର କୁମାର ପରିଡ଼ା ଉପସ୍ଥିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ କଳିକା ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଖବରବାତା ରାମକୃଷ୍ଣ ଦାସ, ବରିଷ୍ଠ ସମାଜିକ କର୍ମୀ ଦିଲ୍ଲୀପ କୁମାର ରାଉଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ନାବାଳିକା ଉଦ୍ଧାର; ଅପହର୍ତ୍ତା ଗିରଫ

**ପାଣିକୋଇଲି, ୨।୫(ସମିସ):** ପାଣିକୋଇଲି କଲେଜ ପଡ଼ିଆ ନିକଟରେ ଭଡ଼ାରେ ରହୁଥିବା ଜଣେ ନାବାଳିକା (୧୧)କୁ କେହି ଅପହରଣ କରିନେବା ନେଇ ଶୁକ୍ରବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୁଲିସ ସିସିଟିଭି ଆଧାରରେ ଖୋଳତାଡ଼ କରିବା ପରେ ଉକ୍ତ ନାବାଳିକା ଜଣଙ୍କ ଏକ ସାଇକଲ ଜଣେ ଯୁବକ ସହ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଏନେଇ ପୁଲିସ ବିଭିନ୍ନ ଦିଗକୁ ଅଧାର କରି ତଦନ୍ତ ଆରମ୍ଭ କରିଥିଲା। ବହୁ ଖୋଜାଖୋଜି ପରେ ଉକ୍ତ ନାବାଳିକା ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଏକ ଦେକାନ ନିକଟରେ ଛିଡ଼ା ହୋଇ କାନ୍ଦୁଥିବା ବେଳେ ତାକୁ ସେଠାକାର ଲୋକ ଦେଖି ତା' ଠାରୁ ସୂଚନା ପାଇ ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରିଥିଲା। ଏନେଇ ଏକ ମାମଲା ୧୪୮/୨୬ ରୁଜୁ କରିଥିଲା। ନାବାଳିକାକୁ ଉଦ୍ଧାର ପରେ ସ୍ୱଧାର ଗୃହରେ ରଖିଥିଲା। ଉକ୍ତ ନାବାଳକ ଜଣଙ୍କ ନାବଳିକା ନେଇ ଧାମନଗର ଠାରେ ଛାଡି କେଉଁଆଡେ ଉଭାନ ହୋଇଯାଇଥିଲା। ଫଳରେ ନିରୁପାୟ ହୋଇ ଝିଅଟି କାନ୍ଦୁଥିଲା। ହେଲେ ନାବାଳିକାକୁ ଉଦ୍ଧାର କରିବା ପରେ ଅପହର୍ତ୍ତା ଟେର ପୁଲିସ ପାଇନଥିଲା। ହେଲେ ତଦନ୍ତକୁ ଅଧିକ କ୍ରିୟାଶିଳ କରି ପୁଲିସ ତା' ନିକଟରେ ପହଞ୍ଚିଥିଲା। ଧାମନଗର ଅଞ୍ଚଳରୁ ତାକୁ ଧରି ଆଣିବା ପରେ ଅଟକ ରଖି ତଦନ୍ତ ଜାରି ରଖିଛି।

## ଧର୍ମଶାଳାରେ ୭ ଜଣ ପାଇଲେ 'ଏ -୧'



**ଧର୍ମଶାଳା, ୨।୫(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଧର୍ମଶାଳାର ବହୁ ଛାତ୍ରଛାତ୍ର ମାଟ୍ରିକ ପରୀକ୍ଷାରେ ପାସ କରିଛନ୍ତି। ଏହି କ୍ରମରେ ୭ଜଣ ଛାତଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୬ଜଣ ଛାତ୍ରୀ ରହିଥିବା ବେଳେ ଜଣେ ମାତ୍ର ଛାତ୍ର ଏ-୧ ପାଇଛି। କଣ୍ଟିଗଡ଼ିଆ ସ୍ଥିତ ମଧୁକେଶ୍ୱର ସରକାରୀ ହାଇ ସ୍କୁଲର ଛାତ୍ରୀ ଶୁଭଶ୍ରୀ ଦାସ ୫୫୦, ଉତ୍ତରଶାସନ ସ୍ଥିତ ଅମରେଶ୍ୱରୀ ହାଇସ୍କୁଲର ଛାତ୍ରୀ ଆଦ୍ୟାଶା ରାଉତ ୫୪୫, କାଏମା ସ୍ଥିତ ଲାଲବାହାଦୁର ହାଇ ସ୍କୁଲର ଛାତ୍ରୀ ଶୁଭଶ୍ରୀ ଜେନା ୫୪୨ ଓ ସୁଶ୍ରୀ ସଙ୍ଗୀତା ସାହୁ ୫୪୦, ମିର୍ଜାପୁର ସ୍ଥିତ ଶ୍ୟାମସୁନ୍ଦର ସରକାରୀ ହାଇ ସ୍କୁଲର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସିଂ ୫୪୦, କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରଜ୍ଞା ସ୍ୱାଇଁ ୫୪୦ ଓ ଜାଗୁଲାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱଭୂଷଣ କର ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଶିଶୁ ମୃତ୍ୟୁ ନେଇ ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

**ଯାଜପୁର, ୨।୫(ସମିସ)**



ଶିଶୁ ମୃତ୍ୟୁ ନେଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖା ଦେଇଛି। ଗତ ୩୦ ତାରିଖ ଭଣ୍ଡାରିପୋଖରୀ ଥାନା କୁମ୍ଭାରିଆ ଗ୍ରାମର କୈଳାସ ଓଝାଙ୍କ ପତ୍ନୀ ରଶ୍ମିତା ସୂତାର(୨୪) ପ୍ରସୂତି ଯନ୍ତ୍ରଣା ଅନୁଭବ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ରଶ୍ମିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପିଲା ସ୍ଥିତି ଠିକ୍ ଅଛି; କାଲି ଆଡ଼କୁ ହେଇଯିବ ବୋଲି କହିଥିଲେ। କିନ୍ତୁ ତହିଁ ପରଦିନ ଅର୍ଥାତ୍ ୧ ତାରିଖ ୧୦ଟା ସମୟରେ ରଶ୍ମିତାଙ୍କ ପ୍ରସୂତି ଯନ୍ତ୍ରଣା ହେବାରୁ ତୁରନ୍ତ ଅସ୍ତ୍ରୋପଚାର କରାଯାଇ ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। କିନ୍ତୁ ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ଶିଶୁ ଭବନର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ କଟକକୁ ସ୍ଥାନାନ୍ତର ପାଇଁ ଡାକ୍ତର କହିଥିଲେ। ଏ ନେଇ ରଶ୍ମିତାଙ୍କ ପରିବାର ଲୋକେ ଆମ୍ବୁଲାନ୍ସ ମଧ୍ୟ ଡକାଇଥିଲେ। କିନ୍ତୁ ଶିଶୁଟିକୁ ନ ଛାଡ଼ିବାରୁ ପରିବାର ଲୋକଙ୍କ ପକ୍ଷରୁ ଚିକିତ୍ସାଳୟ ପରିସରରେ ଉତ୍ତେଜନା କରିଥିଲେ। ଖବର ପାଇ ଟାଉନ ପୁଲିସ ପହଞ୍ଚି ବୁଝାସୁଝା କରିବାରୁ ଦୀର୍ଘ ତିନିଘଣ୍ଟା ପରେ ଅକ୍ସିଜେନ ଦ୍ୱାରା ଶିଶୁଟିକୁ କଟକକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ସମୟରେ ରଶ୍ମିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମଧ୍ୟ କଟକକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ପହଞ୍ଚିବା ପରେ ସେଠାରେ ଡାକ୍ତର ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଶିଶୁଟି ମୃତ ବୋଲି କହିବା ସହ ତୁମେ ମଲା ଶିଶୁକୁ କଟକକୁ ଆଣିଛ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଶନିବାର ସକାଳେ ମୃତ ଶିଶୁକୁ କଟକରୁ ପରିବାର ଲୋକେ ଆଣିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା କରିବା ସହ ପ୍ରସୂତି କକ୍ଷକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଦୀର୍ଘ ସମୟ ଧରି ଚିକିତ୍ସାଳୟ ପରିସରରେ ଉତ୍ତେଜନା ଲାଗି ରହିଥିଲା। ପୁଲିସ ଓ ଡାକ୍ତର ବୁଝାସୁଝା କରିବା ପରେ ମଧ୍ୟ ନ୍ୟାୟ ନ ମିଳିବାରୁ ମୃତ ଶିଶୁକୁ ନେଇ ପରିବାର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ କିଛି ସମୟ ଧାରଣାରେ ବସିବା ପରେ ଜିଲ୍ଲାପାଳ ମୃତ ଶିଶୁର ପରିବାର ଲୋକଙ୍କୁ ଡାକି ବୁଝାସୁଝା କରିଥିଲେ। ପରେ ମୃତ ଶିଶୁର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ପରିବାର ଲୋକେ ଘରକୁ ଫେରିଥିଲେ।

## କାର୍‌କୁ ଧକ୍କା ଦେଲା କାର୍, ଥାନାରେ ମାମଲା

**ଧର୍ମଶାଳା, ୨।୫(ସମିସ):** ଧର୍ମଶାଳା ଥାନା ଭାଲୁଖାଇ ଅଞ୍ଚଳର ଦୁଇ ଭାଇ ନିଜ କାରରେ ପୁରୀ ଅଭିମୁଖେ ଯାଉଥିବା ବେଳେ ଏକ କାର ତାଙ୍କ କାରକୁ ଧକା ଦେବା ଫଳରେ କାରର ବ୍ୟାପକ କ୍ଷତି ହୋଇଛି। ଏନେଇ କାର ମାଲିକ ଭାଲୁଖାଉ ଅଞ୍ଚଳର ସୋମନାଥ ପାଢ଼ୀ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଧର୍ମଶାଳା ଥାନା ଭାଲୁଖାଇ ଗ୍ରାମର ସୋମନଥ ପାଢ଼ୀ ଓ ତାଙ୍କ ସାନଭାଇ ସତ୍ୟରଞ୍ଜନ ପାଢ଼ୀ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବା ବେଳେ ବଡ଼ଗଡ଼ ଥାନା ଅଞ୍ଚଳର ଏକ ଛକରେ କାର ରଖି ଏକ ଦୋକାନରେ ଚା ପିଉଥିବା ସମୟରେ ପଛପଟୁ ଆସୁଥିବା ଓଡି୦୨ଏସି ୯୭୩୫ ନମ୍ବର ବିଶିଷ୍ଟ ଏକ କାର ଧକା ଦେଇଥିଲା। ଫଳରେ କାରର ସୋମନାଥଙ୍କ କାରର ବ୍ୟାପକ କ୍ଷତି ହୋଇଛି। ଏସମ୍ପର୍କରେ ଉକ୍ତ ଗାଡି ଡ୍ରାଇଭରକୁ ପଚାରିବାରୁ ଓଲଟି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ପଳାଇଥିଲା। ଏନେଇ ସୋମନାଥ ବଡ଼ଗାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ନିଚୁଆପଦାରେ ତାଣ୍ଡବ ରଚିଲା କାଳବୈଶାଖୀ



ମୋରଡା,୨।୫(ସମିସ):ମୋରଡା ବ୍ଲକ ଭାଲିଆଡିହା ପଞ୍ଚାୟତର ନିଚୁଆପଦା ଅଞ୍ଚଳରେ କାଳବୈଶାଖି ତାଣ୍ଡବ ଯୋଗୁଁ ଦୋକାନ ଘର ଛପର ଉଡ଼ିବା ସହ ଗଛ ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟିଛି। ଶନିବାର ଅପରାହ୍ନ ୨ଟାରେ ହଠାତ ପ୍ରବଳ ବେଗରେ ପବନ ବୋହିବା ସହ ବର୍ଷା ହୋଇଥିଲା। ନିଚୁଆପଦା ଛକରେ ଜଳଖିଆ ଦୋକାନ କରିଥିବା ଜଟିଆ ପାଟବନ୍ଧାଙ୍କ ଟିଣ ଆଜବେଷ୍ଟସ୍‌କୁ ଉଡ଼ାଇ ନେଇଛି। ଏଥିସହ ବାରିପଦା-ଚିତ୍ରଡା-ଅମରଦା ୬୧ନଂ ରାଜ୍ୟ ରାଜପଥର ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏକ ଆମ୍ବୁଲାନ୍ସ ରୋଗୀ ନେଇ ବାରିପଦା ମେଡିକାଲ ଯିବାରେ ଅସୁବିଧା ସୃଷ୍ଟି ହେବାରୁ ଗାଁ ଭିତର ରାସ୍ତା ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ୧୧ କେଭି ବିଦ୍ୟୁତ ତାର ଛିଡିବା ସହିତ ଅନେକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ଫଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ବିଦ୍ୟୁତ କର୍ମଚାରୀ ପହଞ୍ଚି ରାସ୍ତାରେ ପଡ଼ିଥିବା ଗଛ କାଟି ସଫା କରିବା ସହ ଜେସିବି ସାହାଯ୍ୟରେ ରାସ୍ତାରେ ପଡିଥିବା ଗଛ, ବିଦ୍ୟୁତ୍ ଖୁଣ୍ଟ ଉଠାଇଥିଲେ। ଦୀର୍ଘ ଏକ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଶୁଳିଆପଦାର ବିଭିନ୍ନ ସ୍ଥାନରେ କାଳବୈଶାଖୀ

ଶୁଳିଆପଦା,୨।୫(ସମିସ): କାଳ ବୈଶାଖୀରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବାବେଳେ ଅନେକ ଘରର ଛପର ଉଡ଼ିଯାଇଛି। ଦେଉଳି ପଞ୍ଚାୟତର ଗୁଣ୍ଡୁରିଲୋ



ଗ୍ରାମର ତରୁଣ ମହାପାତ୍ରଙ୍କ ଘରର ଆଜବେଷ୍ଟସ ସଂପୂର୍ଣ୍ଣ ଉଡାଇ ନେଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଘରର ଟିଣ ଉଡ଼ାଇନେଇଛି। ଫାନିଆ ପଞ୍ଚାୟତର ଜମ୍ବିରାପାଳ ଗ୍ରାମର ଲକ୍ଷ୍ମୀଧର ସୋରେନଙ୍କ ଘର ଉପରେ ଏକ ବିରାଟ ଗଛ ପଡିଯିବାରୁ ଘରର ଅନେକ କ୍ଷତି ହୋଇଛି। ସେହିଭଳି ବାଘଡା ପଞ୍ଚାୟତର ସିଙ୍ଗଡା ହାଟ ପିଣ୍ଡି ସଂପୂର୍ଣ୍ଣ ଭାଙ୍ଗିଯାଇଛି।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ



ସାରସକଣା,୨।୫(ସମିସ): ସାରସକଣା ବ୍ଲକ୍ ଅନ୍ତର୍ଗତ ନାରାନଡିହି ଗ୍ରାମର ମାଝୀବାବା ନାରାନ ମୁର୍ମୁଙ୍କ ନେତୃତ୍ୱରେ ସାନ୍ତାଳୀ ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ କରାଯାଇଛି। ଏ ଅବସରରେ ଗ୍ରାମର ନାୟକେ ବାବା (ଦେହୁରୀ) ଲକ୍ଷ୍ମଣ କୁମାର ମୁର୍ମୁ ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଫଳମୂଳ, ଫୁଲ ଆଦି ଦେଇ ପୂଜା କରିଥିଲେ। ପୂଜା ସମାପ୍ତ ପରେ ଗ୍ରାମବାସୀ ପୁଷ୍ପାଞ୍ଜଳି ଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ। ନାରାନ ମୁର୍ମୁ କହିଥିଲେ ଯେ, ସାରା ଭାରତରେ ଆଦିବାସୀଙ୍କ ପୂର୍ବପୁରୁଷ, ମହାପୁରୁଷ, ବୀର ସହିଦ ତିଲକା ମୁର୍ମୁ, ସିଦୋ ମୁର୍ମୁ, ବିର୍ସା ମୁଣ୍ଡା, ପଣ୍ଡିତ ରଘୁନାଥ ମୁର୍ମୁ ଆଦିଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାଯାଇ ଅପମାନ କରାଯାଉଛି। ବୀର ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଗେରୁଆ ବସ୍ତ୍ରର ଶାଢ଼ୀ ପିନ୍ଧାଇ ଅସମ୍ମାନ କରାଯାଉଛି। ସେହିପରି ଆଦିବାସୀଙ୍କ ଧାର୍ମିକ ସ୍ଥଳ ଜାହେରଗାଳରୁ ମାରାଂବୁରୁ, ଜାହେର ଆୟ, ମଳେକ ତୁରୁୟକ ଆଦି ଇଷ୍ଟ ଦେବତାଙ୍କ ପ୍ରତୀକକୁ ଚୋରି କରାଯାଇ ତା' ବଦଳରେ ହନୁମାନ ଫଟୋ ଓ ହନୁମାନ ପତାକା ଉତ୍ତୋଳନ କରାଯାଇ ଅନ୍ୟାୟ, ଅତ୍ୟାଚାର କରାଯାଉଛି। ତେଣୁ ଆଦିବାସୀଙ୍କ ଦେବଦେବୀ ପ୍ରତି ନ୍ୟାୟ, ସୁରକ୍ଷା ଓ ସମ୍ମାନ ରକ୍ଷା ପାଇଁ ସମସ୍ତ ଆଦିବାସୀ ଏକତ୍ରିତ ହୋଇ ଆସନ୍ତା ୨୦ ତାରିଖରେ ସାରସକଣା ବ୍ଲକର ରାଲିରେ ସାମିଲ ହୋଇ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ମୁର୍ମୁଙ୍କ ଜୟନ୍ତୀ ପାଳନ ଅବସରରେ ଗ୍ରାମର ପାର୍ଗାନା ଅର୍ଜୁନ ମୁର୍ମୁ, ଯୋଗମାଝୀ ସିଲୁ ବାସ୍କେ, ଲକ୍ଷ୍ମଣ ସୋରେନ, ଗଡେତ୍ ବାବା ମାଧ ହେମ୍ବ୍ରମ, ବୁଦ୍ଧିଜୀବୀ ନିମାଇଁ ଚରଣ ମାର୍ଣ୍ଡି, କୁଶ ମୁର୍ମୁ ଓ ନିମାଇଁ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି



ରାଇରଙ୍ଗପୁର,୨।୫(ସମିସ): ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ବିଜେଡି ପକ୍ଷରୁ ପାଳିତ ହୋଇଛି। ସ୍ଥାନୀୟ ମୁର୍ମୁ ଛକସ୍ଥ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୟୂରଭଞ୍ଜ-୨ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଉପସଭାପତି ସ୍ୱରୂପ ବେହେରା, ରାଇରଙ୍ଗପୁର ପୌରପାଳିକା ଉପାଧ୍ୟକ୍ଷ ମମିତା ଚୌଧୁରୀ, ମହିଳା ଜିଲ୍ଲା ସଭାନେତ୍ରୀ ତନୁଜା ମହାନ୍ତ, ବିକାଶ ମହାନ୍ତ ସମେତ ଅନ୍ୟାନ୍ୟ ବିଜେଡିର ବରିଷ୍ଠ ନେତୃବର୍ଗ ଉପସ୍ଥିତ ଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସାନ୍ତାଳୀ ସମ୍ପ୍ରଦାୟ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ଜନମାନସରେ ଉପସ୍ଥାପନ କରିଥିଲେ। ସାନ୍ତାଳୀ ଭାଷାର ଓଲଚିକି ଲିପି ସ୍ରଷ୍ଟା ଆଦରଣୀୟ ଗୁରୁ ଗୋମକେ ଚିନ୍ତାନାୟକ, କବି, ଲେଖକ ଓ ଦାର୍ଶନିକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆଦିବାସୀ ସମାଜର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା କିପରି ବଜାଇ ରହିବ, ସେ ବିଷୟରେ ରାଜ୍ୟ ସରକାର ଯତ୍ନଶୀଳ ରହି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲିପିର ପ୍ରଚାର ଓ ସାନ୍ତାଳୀ ଭାଷା ଓ ସାହିତ୍ୟର ସମୃଦ୍ଧିକରଣରେ ଅସାଧାରଣ ଅବଦାନ ଓ ତାଙ୍କ ଜୀବନ ଯାତ୍ରା ଅପାର ତ୍ୟାଗ ଓ ନିଷ୍ଠାର କାହାଣୀ ଉପସ୍ଥାପନ କରିଥିଲେ।

### କାଳବୈଶାଖୀରେ ଭାଙ୍ଗିଲା ଘର ଓ ବଡ଼ ବଡ଼ ଗଛ

# ପ୍ରତାପପୁର-ଡୁକୁରା ରାସ୍ତାରେ ଚଳାଚଳ ଠପ୍

ବଡ଼ସାହି,୨।୫(ସମିସ):

ବଡ଼ସାହି ବ୍ଲକ୍ ଅଂଚଳରେ ଶନିବାର ମଧ୍ୟାହ୍ନରେ ଭୀଷଣ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ପବନ ସାଙ୍ଗକୁ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ପଡିଛି। ବହୁ ଘର ଓ ଛପର ଉଡି ଯାଇଥିବାବେଳେ ଲୋକମାନେ ବେସାହାରା ହୋଇପଡିଛନ୍ତି। ଘରର ଆସବାବପତ୍ର ରାସ୍ତାରେ ଗଡୁଥିବାର ଦେଖିବାକୁ ମିଳିଛି। ପ୍ରତାପପୁର, ମାଧପୁର, ବୀରେଶ୍ୱରପୁର, ଖାନୁଆ ଦେଉଳିଆ ଆଦି ପଞ୍ଚାୟତରେ ବ୍ୟାପକ





କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ପ୍ରତାପପୁର ହାଇସ୍କୁଲ ସମ୍ମୁଖରେ ବଡ଼ ଗଛ ପଡିଥିବାରୁ ପ୍ରତାପପୁର-ଡୁକୁରା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଅବରୋଧ ହୋଇଛି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି। ଖବରପାଇ ଅଗ୍ନିଶମ ବାହିନୀ ଆସି ଗଛ କାଟି ରାସ୍ତାରୁ ହଟାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଜଙ୍ଗଲରେ ମଧ ବହୁ ଗଛ ଉପୁଡ଼ି ପଡ଼ିଥିବା ସୂଚନା ମିଳିଛି। ପରିବା ଚାଷ ବହୁ ମାତ୍ରାରେ ପ୍ରଭାବିତ ହୋଇଥିବାବେଳେ ସଜନା, ବାରମାସୀ, ଅମୃତଭଣ୍ଡା, କଦଳୀ ଗଛ କ୍ଷତି ହୋଇଥିବା ଜଣାଯାଇଛି। ସେହିପରି ଆମ୍ବ ଝାଡି ଦେଇଛି। ଏପରିକି ବହୁ କୁକୁଡା ଓ ଚଢେଇ ମଧ ମରି ପଡିଥିବାର ଦେଖିବାକୁ ମିଳିଛି। ବିଦ୍ୟୁତ ସରବାରହ ବନ୍ଦ ରହିଛି। ଭାଙ୍ଗିଯାଇଥିବା ଘର ପାଇଁ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ସରକାର ତଦନ୍ତ ପୂର୍ବକ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ଚାଲାଣ ବେଳେ ୧୦ ଗୋରୁ ଉଦ୍ଧାର

## ପିକ୍‌ଅପ୍ ଜବତ, ଗୋ-ମାଫିଆ ବିରୋଧରେ ମାମଲା

ରାଇରଙ୍ଗପୁର,୨।୫(ସମିସ): ବାମନଘାଟି ଉପଖଣ୍ଡରେ ବାରମ୍ବାର ଚଢ଼ଉ ପରେ ମଧ ଗୋ-ତସ୍କରି ଥମିବାର ନାଁ ନେଉନାହିଁ। ପୁଣି ଆନ୍ତଃରାଜ୍ୟ ଗୋ ତସ୍କର ହେଉଥିବାବେଳେ ରାତିରେ ୧୦ଟି ଗୋରୁ ଉଦ୍ଧାର ହୋଇଛି। ବହଳଦା ଥାନା ପୁଲିସ ଦ୍ୱାରା ପେଟ୍ରୋଲିଂ ଜାରି ଥିବାବେଳେ ଗୋ ଚାଲାଣ ନେଇ ଖବର ମିଳିଥିଲା। ବଡ଼ଦୁନ୍ଦୁ ପେଟ୍ରୋଲ ପମ୍ପ ନିକଟରେ ପୁଲିସ ନାକା କରି ଯାଞ୍ଚ କରୁଥିଲେ। ଉକ୍ତ ସମୟରେ ଏକ ପିକଅପରେ ୧୦ଟି ଗୋରୁ ନେଇ ରାଇରଙ୍ଗପୁର ପଟୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲା। ପୁଲିସ ଗାଡିକୁ ଅଟକାଇବାକୁ କହିଥିଲା, କିନ୍ତୁ ସେମାନେ ଗାଡ଼ି ଅଟକାଇବା ପରିବର୍ତ୍ତେ ପୁଲିସକୁ ଚକମା ଦେଇ ଚମ୍ପଟ ମାରିଥିଲେ। ପୁଲିସ ପିଛା କରି ଅଟକାଇ ଥିଲା। ୧୦ଟି ଗୋରୁଙ୍କୁ



ଅତି ଦୟନୀୟ ଅବସ୍ଥାରେ ଅମାନବୀୟ ଭାବେ ବେକକୁ ବାନ୍ଧି ଝାଡ଼ଖଣ୍ଡ ବିକ୍ରି କରିବାକୁ ନେଉଥିଲେ। ଗୋ ତସ୍କରିର ମାଷ୍ଟର ମାଇଣ୍ଡ ବହଳଦା ଥାନା ଅନ୍ତର୍ଗତ ବଡ଼ ଦୁନ୍ଦୁ ଗ୍ରାମ ଏମଡି ହସନ ବିଭିନ୍ନ ସ୍ଥାନରୁ ଗୋରୁ ଚୋରି କରି ଗୋ ତସ୍କରି କରିଥାନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୧୦ଟି ଗୋରୁକୁ ଝାଡ଼ଖଣ୍ଡ ଚାଲାଣ ନିମନ୍ତେ ନେଉଥିବା ଜଣାଯାଇଛି। ଗୋରୁଗୁଡିକ ବିଭିନ୍ନ ସ୍ଥାନରୁ ଆଣି ହତ୍ୟା କରି ମାଂସ ବିକ୍ରି କରିବା ଯୋଜନା କରିଥିଲେ ବୋଲି ସନ୍ଦେହ କରାଯାଉଛି। ପିକଅପ ଜବତ କରିବା ସହ ପୁଲିସ ଗୋରୁ ଉଦ୍ଧାର କରାଯାଇ ଗୋଶାଳାକୁ ପଠାଯାଇଛି। ଏନେଇ ବହଳଦା ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଗୋ ତସ୍କର ଏମଡି ହସନ, ଗାଡ଼ି ଚାଳକ ଓ ଗାଡ଼ି ମାଲିକଙ୍କ ବିରୁଦ୍ଧରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଲଚିକି ଲିପି ସ୍ରଷ୍ଟାଙ୍କୁ ଶ୍ରଦ୍ଧାଞ୍ଜଳି

ବିଶୋଇ,୨।୫(ସମିସ): ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ କେଲୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ କେନ୍ଦ୍ର ପ୍ରେକ୍ଷାଳୟରେ ଆଦିବାସୀ ତଥା ସାନ୍ତାଳୀ ସମ୍ପ୍ରଦାୟର ଅଲଚିକି ଲିପିର ସ୍ରୋଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ପାଳନ କରାଯାଇଛି। ସୁନାମଧନ୍ୟ ସାନ୍ତାଳୀ ଲେଖକ ଡକ୍ଟର ଦାସମାତ୍ ମୁର୍ମୁଙ୍କ ସଭାପତିତ୍ୱ ଓ ବିର ସିଦ କାହ୍ନୁ ଯୁବକ କ୍ଲବ୍ ବହାସାରାମ ସହଭାଗିତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଇଆରଏଏସ୍ ଉଦୟନାଥ ମାଝୀ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆଇଏଏସ୍ ଧନଞ୍ଜୟ



ହେମ୍ବ୍ରମ ଓ ବକ୍ତା ଭାବେ ଅବସରପ୍ରାପ୍ତ ଆଇପିଏସ୍ ଶ୍ୟାମସୁନ୍ଦର ହାଁସଦା ଉପସ୍ଥିତ ରହି ଆଦିବାସୀ ଶିକ୍ଷା ଓ ସଂସ୍କୃତିର ବିକାଶ ଦିଗରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଆରପିଏସ୍ ମେଘରାୟ ମୁର୍ମୁ, ଆଇଓସିଏଲର ଅବସରପ୍ରାପ୍ତ ଡିଜିଏମ (ଏଚଆର) ବଡ଼ନାରାନ ମାଝୀ, ବାଣୀବିହାର ବିଶ୍ୱବିଦ୍ୟାଳୟର ସହକାରୀ ଓଡ଼ିଆ ପ୍ରଫେସର ଆନପା ମାର୍ଣ୍ଡି, ରମାଦେବୀ ବିଶ୍ୱବିଦ୍ୟାଳୟର ସହକାରୀ ଜୀବ ବିଜ୍ଞାନ ପ୍ରଫେସର ସୁଶ୍ରୀ ଯମୁନା ଟୁଡୁ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଡକ୍ଟର ଦାସମାତ୍ ମୁର୍ମୁ ଓ ବରିଷ୍ଠ ସମାଜସେବକ କାଳୀଚରଣ ହେମ୍ବ୍ରମଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଳାକାର ଯଦୁମଣି ସୋରେନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ବାରିପଦା, ୨।୫(ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସାନ୍ତାଳୀ ବିଭାଗ ପକ୍ଷରୁ ବୈଶାଖ ପୂର୍ଣ୍ଣିମାରେ ଅଲଚିକି ଲିପିର ସ୍ରଷ୍ଟା ଗୁରୁ



ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟରେ ସାନ୍ତାଳୀ ବିଭାଗ ପ୍ରତିଷ୍ଠା ହେବା ପରଠାରୁ ଦୀର୍ଘଦିନ ଧରି ଏହି ଗୌରବମୟ ଦିବସ ପରମ୍ପରା ଅନୁଯାୟୀ ପାଳନ କରାଯାଇଆସୁଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଗୋମକେଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆଦର୍ଶ ଓ ଶିକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଭାଗୀୟ ମୁଖ୍ୟ ରାଇମଣି ମାର୍ଣ୍ଡି, ଅଧ୍ୟାପକ ଡ ଲକ୍ଷ୍ମଣ ବାସ୍କେ, ସିମଲ ସୋରେନ୍, ବିଶୁ ହାଁସଦା ଓ ଭୀମ ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅଲ୍‌ଚିକି ଲିପିର ଉଦ୍ଭାବନ ଓ ସାନ୍ତାଳୀ ସାହିତ୍ୟର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପୂଜା ବିଧି ନାଇକେ ପାଞ୍ଚୁ ମୁର୍ମୁ କୁଡ଼ାମ୍ ନାୟକେ ନିମାଇ ଟୁଡୁଙ୍କ ଦ୍ୱାରା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ। ଶେଷରେ ବିଭାଗର ସମସ୍ତ ସ୍ନାତକୋତ୍ତର ଓ ସ୍ନାତକ ଛାତ୍ରଛାତ୍ରୀ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ନବୀନ କୁମାର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଲରୁ ଯୁବକଙ୍କ ଶବ ଉଦ୍ଧାର

ଚମ୍ପୁଆ,୨।୫(ସମିସ): ଚମ୍ପୁଆ ଥାନା ଅଧୀନ ବଡ଼ନଇ ଓ ପଳସା ଗ୍ରାମ ସିମା ନିକଟ ବିଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଯୁବକଙ୍କ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ବଡ଼ନଇ ଓ ପଳସା ଗ୍ରାମ ସିମାରେ ଘର କରି ରହୁଥିବା ଦଶରଥ ମୁଣ୍ଡାଙ୍କ ପୁଅ ଉମେଶ ମୁଣ୍ଡା ନିଜ ପରିବାର ସହ ବହୁ ଦିନରୁ ରହିଆସୁଛନ୍ତି। ଗତକାଲି ରାତିରେ ଉମେଶ ମୁଣ୍ଡା ରାତିରେ ଘରେ ଖାଇବା ପରେ ସ୍ତ୍ରୀ ସୁକାନ୍ତି ମୁଣ୍ଡା ସହ ବଚସା ପରେ ଉମେଶ ଘରକୁ ଲାଗିଥିବା ବିଲକୁ ପଳାଇଥିଲା। ଆଜି ସକାଳେ ଉମେଶ ମୁଣ୍ଡା ଉକ୍ତ ସ୍ଥାନରେ ମରିପଡିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଖବରପାଇ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ ସଦଳେବଳେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଉମେଶର ପରିବାରଙ୍କୁ ପଚରାଉଚରା ଏବଂ ସାଇଣ୍ଟିଫିକ ଦଳର ସହାୟତାରେ ପ୍ରାଥମିକ ତଦନ୍ତ ପରେ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନା ପଠାଇଥିଲେ। ଏନେଇ ଉମେଶର ବଡ଼ଭାଇ ଦିନେଶ ମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା

ଆନନ୍ଦପୁର,୨।୫(ସମିସ): ଆଜି ଦଶମ ବୋଡର୍ ପରୀକ୍ଷାର ଫଳାଫଳ ପ୍ରକାଶ ପାଇବା ପରେ ପରେ ଛାତ୍ର ଛାତ୍ରୀ ମାନଙ୍କ ମନରେ ଆନନ୍ଦ ଖେଳିଯାଇଛି। ଆନନ୍ଦପୁର ସରକାରୀ



ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱସ୍ତିକା ସାହୁ ୫୪୩ ନମ୍ବର ରଖି ଏ ୧ରେ ଉତୀର୍ଣ୍ଣ ହୋଇ ବିଦ୍ୟାଳୟର ସୁନାମ ଅର୍ଜନ କରିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଠକ ଠାରୁ ସୂଚନା ମିଳିଛି। ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ଶାଳବଣି ସରକାରୀ ହାଇସ୍କୁଲର ଛାତ୍ର ସିଦ୍ଧେଶ୍ୱର କାହାଳୀ ୬୦୦-୫୪୦ ନମ୍ବର ରଖି ଏ-୧ ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସେହି ବିଦ୍ୟାଳୟ ର ଆଶିଷ କୁମାର ନାୟକ ମଧ ୫୪୦ ନମ୍ବର ରଖି ବିଦ୍ୟାଳୟର ଗୌରବ ଆଣିଥିବା ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ଦେ ଓ କ୍ରୀଡ଼ା ଶିକ୍ଷକ ସୌମ୍ୟରଞ୍ଜନ ସାହୁଙ୍କ ଠାରୁ ଜାଣିବାକୁ ମିଳିଛି। ସେହିପରି ସେହି ପଞ୍ଚାୟତର ଗ୍ରାମ ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣିର ଛାତ୍ରୀ ଝାନସୀରାଣୀ ପ୍ରଧାନ ୫୪୦ ନମ୍ବର ରଖି ଏ ୧ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୀବ ନାୟକଙ୍କ ଠାରୁ ଜାଣିବାକୁ ମିଳିଛି।

## ପାଟଣା ବ୍ଲକ୍ ଟପ୍ପର ଜ୍ୟୋତିର୍ମୟୀ ମହାନ୍ତ



ତୁରୁମୁଙ୍ଗା,୨।୫(ସମିସ): ପାଟଣା ବ୍ଲକର ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ବିଦୁସ୍ମିତା ମହାନ୍ତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପାଟଣା ବ୍ଲକ ଟପ୍ପର ହୋଇଛନ୍ତି। ବ୍ଲକ ଅଞ୍ଚଳର ଏକମାତ୍ର ଏ-୧ ଛାତ୍ରୀ ଭାବେ ଏହି କୃତିତ୍ୱର ଅଧିକାରୀ ହୋଇଛନ୍ତି। ଚମ୍ପୁଆ ବ୍ଲକ୍ ଜଜପଶି ବାସିନ୍ଦା ତଥା ଅବରପ୍ରାପ୍ତ ସେନା ଅଧିକାରୀ ବିଭୀଷଣ ମହାନ୍ତ ଓ ଗୃହିଣୀ ଜ୍ୟୋତିର୍ମୟୀ ମହାନ୍ତଙ୍କ ଝିଅ ମାଟ୍ରିକ ପରୀକ୍ଷାରେ ମୋଟ ୫୪୧ ନମ୍ବର ରଖିଛନ୍ତି। ସେହିପରି ତୁରୁମୁଙ୍ଗା ଶିଶୁ ବିଦ୍ୟା ମନ୍ଦିରରେ ଏ ୨ ରେ ୫ଜଣ , ଇ୧ ରେ ୭ ଜଣ , ଇ୨ ରେ ୧୨ଜଣ , ଉ ରେ ୧୨ଜଣ ଓ ଉ ରେ ୪ଜଣ ଶତପ୍ରତିଶତ ପାସ କରି ବିଦ୍ୟାଳୟର ଗୌରବ ଆଣିଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ଛାତ୍ରଛାତ୍ରୀମାନେ ସଫଳତା ପାଇଛନ୍ତି।

## ଉଦଳା କଲେଜରେ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ଗୋପବନ୍ଧୁନଗର/ଉଦଳା,୨।୫(ସମିସ): ଉଦଳା ମହାବିଦ୍ୟାଳୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ମୁର୍ମୁ ସାନ୍ତାଳୀ ଭାଷାର ଲିପି ଓ ଅଲଚିକି ଲିପି



୧୯୨୫ରେ ଉଦ୍ଭାବନ କରିଥିଲେ। ସେ ସାନ୍ତାଳ ସମାଜକୁ ନୂତନ ମାର୍ଗଦର୍ଶନ କରିଥିଲେ। ତାଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ବରିଷ୍ଠ କିରାଣି ରଜତ ସୋରେନ ସଭାକୁ ଉଦ୍‌ଘାଟନ କରିବା ସହିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଭୀମ ସୋରେନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଦଶରଥ ଚପେୟାର ଯୋଗ ଦେଇଥିଲେ। ଅଧ୍ୟାପକ ମଧୁସୂଦନ ମୁର୍ମୁ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ବାରିପଦା, ୨।୫(ସମିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦେଉଳସାହିସ୍ଥ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସହଯୋଗୀ ପ୍ରାଧ୍ୟାପକ ଡା ସୁଧାଂଶୁ ଶେଖର ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେ ଏ ଅବସରରେ ରକ୍ତଦାନର ମହତ୍ତ୍ୱ, ସମୟୋପଯୋଗୀ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ଓ ସମାଜ ପ୍ରତି ନାଗରିକଙ୍କ ଦାୟିତ୍ୱ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନର ଏକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ କବିତା ଜ୍ୟୋତିଷୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ଓ ସମନ୍ୱୟର ସମ୍ପୂର୍ଣ୍ଣ ନେତୃତ୍ୱ ନେଇଥିଲେ। ସେ ବ୍ୟାଙ୍କର ସାମାଜିକ ପ୍ରତିବଦ୍ଧତା ଓ ଏଭଳି ସେବାମୂଳକ ପ୍ରୟାସର ଆବଶ୍ୟକତା ସମ୍ବନ୍ଧରେ ମତ ରଖିଥିଲେ। ଆଞ୍ଚଳିକ କାର୍ଯ୍ୟାଳୟ ଓ ନିକଟବର୍ତ୍ତୀ ଶାଖାର କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରରେ ବହୁ ସଂଖ୍ୟକ ରକ୍ତଦାତା ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସମାଜରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ଏହା କରାଯାଇଥିବା ଜଣାପଡ଼ିଛି।



## ମୟୂରଭଞ୍ଜ ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମୀର ତିନି ଖେଳାଳିଙ୍କ ସଫଳତା

ବାରିପଦା, ୨।୫(ସମିସ):

ମୟୂରଭଞ୍ଜର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମୀର ତିନିଜଣ ପ୍ରତିଭାବାନ ମହିଳା ରଗବୀ ଖେଳାଳି ଜାତୀୟ ରଗବୀ ପ୍ରିମିୟର ଲିଗ୍ ନିଲାମୀ ପ୍ରକ୍ରିୟାରେ ଦେଶର ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳ ଦ୍ୱାରା ମନୋନୀତ ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସାନ୍ତାଳ ଜନଜାତିର ଏହି ଝିଅମାନେ ନିଜର କଠିନ ପରିଶ୍ରମ ଓ ଦକ୍ଷତା ବଳରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସଫଳତା ପାଇବା ପରେ ଏବେ ବ୍ୟବସାୟିକ ଲିଗରେ ସ୍ଥାନ ପାଇ ଇତିହାସ ରଚିଛନ୍ତି। ବେତନଟୀ ବ୍ଲକ ରାଧିକାଶୋଳ ଗ୍ରାମର ଆନ୍ତର୍ଜାତିକ ରଗ୍‌ବୀ



ଖେଳାଳି ସନ୍ଧ୍ୟାରାଣୀଙ୍କୁ ଚେନ୍ନାଇ ବୁଲ୍ସ ଦଳ ସର୍ବାଧିକ ୧.୪ ଲକ୍ଷ ଟଙ୍କାରେ କିଣିଛି। ନିକଟରେ ସେ ବିହାରର ରାଜଗିରଠାରେ ଅନୁଷ୍ଠିତ ସିନିୟର ନ୍ୟାସନାଲ୍‌ରେ ସ୍ୱର୍ଣ୍ଣପଦକ ଜିତିଥିଲେ। ବାରିପଦା ସଦର ବ୍ଲକ ଭୁରୁଡୁବଣୀ ଗ୍ରାମର ପାର୍ବତୀ ହାଁସଦାଙ୍କୁ କୋଲକାତା ବାଘା ଟାଇଗର୍ସ ଦଳ ୭୦ ହଜାର ଟଙ୍କାରେ କିଣି ଦଳଭୁକ୍ତ କରିଛି। ପାର୍ବତୀ ଏସିଆନ ରଗବୀ ୧୮ ବର୍ଷରୁ କମ ଚାମ୍ପିଅନସିପ୍ ଭଳି ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି। ବାରିପଦା ବ୍ଲକ ରଙ୍ଗାମାଟିଆ ଗ୍ରାମର ସୁନୀତା ହାଁସଦାଙ୍କୁ ମୁମ୍ବାଇ ଡ୍ରିମର୍ସ ଦଳ ୫୦ ହଜାର ଟଙ୍କାରେ କିଣି ନିଜ ଦଳରେ ସାମିଲ କରିଛି। ସୁନୀତା ଜାତୀୟ ସ୍ତରରେ ଅନେକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଜଣେ ପ୍ରତିଷ୍ଠିତ ଖେଳାଳି ଭାବେ ଉଭା ହୋଇଛନ୍ତି। ଖେଳାଳିଙ୍କ ଏହି ଅଭୁତପୂର୍ବ ସଫଳତା ପାଇଁ ଏକାଡେମୀ ପକ୍ଷରୁ ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ, ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର, ରଗବୀ ଇଣ୍ଡିଆ, ଜିଲ୍ଲା କ୍ରୀଡ଼ା ସଂଘ ମୟୂରଭଞ୍ଜ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଫାଉଣ୍ଡେସନ, ସିମ୍ପଲି ସ୍ପୋର୍ଟସ ଫାଉଣ୍ଡେସନ, ଦୁରାମିକ୍ସ, ରୋଟାରାକ୍ଟ ବାରିପଦା ଏବଂ ସମସ୍ତ ଶୁଭେଚ୍ଛୁଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ କ୍ରୀଡ଼ା ପ୍ରତିଭା ଚୟନ ଓ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରି ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମୀ ବହୁ ଜାତୀୟ ଓ ଆନ୍ତର୍ଜାତିକ ଖେଳାଳି ସୃଷ୍ଟି କରିପାରିଛି। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଓ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଧୁନିକ ମ୍ୟୁଜିକ୍ ଭିଡିଓ 'ଛମ୍ ଛମ୍ ପାଉଁଜି'



'ମଞ୍ଜୟ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ଆଧୁନିକ ମ୍ୟୁଜିକ ଭିଡିଓ 'ଛମ୍ ଛମ୍ ପାଉଁଜି'ର ଖୁବ୍‌ଶୀଘ୍ର ଶୁଭମୁକ୍ତି ହେବାକୁ ଯାଉଛି। ଏହାର ଗୀତ ଲେଖିଛନ୍ତି ସୁରଭି ଭଟ୍ଟ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୁବାସ ରାମ୍। କଣ୍ଠଦାନ କରିଛନ୍ତି ଅଭିଜିତ୍ ପାଢ଼ୀ। ଏଥିରେ ଅଭିନୟ କରିଥିଛନ୍ତି ନବାଗତ ଅଭିଜିତ୍ ଓ ଇଲିଆନା । ଏହାର ପ୍ରଯୋଜନା ଭାର ନନ୍ଦିତା ଦାସ, ହେମଲତା ପାଢ଼ୀ ଓ ଗାୟତ୍ରୀ ମିଶ୍ର ନେଇଥିବା ବେଳେ ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି ନିବେଦନ। ମ୍ୟୁଜିକ ଭିଡିଓଟିର ରଙ୍ଗ ବିନ୍ୟାସ କରିଛନ୍ତି ମାନସ। ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସ୍. ଦିଲ୍ଲୀପ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ମ୍ୟୁଜିକ ଭିଡିଓଟିର ପରିକଳ୍ପନା ଓ କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ଚିତ୍ରଶିଳ୍ପୀ ଓ କଥାକାର ସଂଜୟ ଭଟ୍ଟ। ■

# ମେ' ୮ ରେ 'ଇସ୍କ ଟ୍ରାଫିକ୍'



ଚଳିତ ମାସ ୮ ତାରିଖରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଇସ୍କ ଟ୍ରାଫିକ୍'। 'ଗ୍ରୀନ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ' ନିବେଦିତ ଏହି ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ସିନେମାଟି ମା' ପୁଅଙ୍କ କାହାଣୀ ଉପରେ ଗତିଶୀଳ। ସଙ୍ଗୀତ ନିର୍ଦ୍ଦେଶନାରେ ଅସଦ ନିଜାମ୍ ଥିବା ବେଳେ ଏହାର ୭ଟି ଯାକ ଗୀତ ଖୁବ୍ ମନଛୁଆଁ । ଗୀତ ରଚନା କରିଛନ୍ତି ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଏବଂ ଅସଦ ନିଜାମ୍। ସେହିପରି ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଲଦୀପ ପଟ୍ଟନାୟକ, ମଣ୍ଟୁ ଛୁରିଆ, ଅବିନାଶ, ସତ୍ୟଜିତ ପ୍ରଧାନ ଓ ଅସୀମା ପଣ୍ଡା। ରୋହନଜିତ ଦାସଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଚନ୍ତି ପପୁ ପମ୍ ପମ୍। ସେହିପରି ନବାଗତ ନାୟକ ଭାବେ ସିନେମାରେ ପାଦ ରଖିଛନ୍ତି ପ୍ରେମ । ସେହିପରି ସିନେମାର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ମହାପ୍ରସାଦ କର, ପ୍ରିୟଙ୍କା, ଅର୍ପିତା ପ୍ରମୁଖ କଳାକାର। ■

# ଟେଲିଭିଜନ ପ୍ରିମିୟର 'ଚକ୍ରାନ୍ତ'

ଆଜି ଅର୍ଥାତ ମେ' ୩ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ନୂଆ ଓଡ଼ିଆ କ୍ରାଇମ୍-ଥ୍ରୀଲର ଚଳଚ୍ଚିତ୍ର 'ଚକ୍ରାନ୍ତ' । ଏହା ଜଣେ ସରଳ ନିରୀହ ଝିଅ ନୈନାର ସଂଘର୍ଷ, ସାହସ ଓ ନାରୀ ସଶକ୍ତିକରଣର ଏକ ପ୍ରେରଣାଦାୟକ କାହାଣୀ। ନିଜର ସ୍ୱପ୍ନ ପୂରଣ କରିବାକୁ ଭୁବନେଶ୍ୱର ଆସିଥିବା ଜଣେ ନିରୀହ ଗାଁ ଝିଅ କିପରି ଏକ ହତ୍ୟା ମାମଲାରେ ଫସିଯାଏ ଏବଂ ନିଜ ପ୍ରେମିକ ଦ୍ୱାରା ପ୍ରତାରିତ ହୋଇ ଏକୁଟିଆ ହୋଇଯାଏ, ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ହେଲେ ନୈନା ହାରିଯାଏ ନାହିଁ, ତେବେ କ'ଣ ସେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିପାରିବ? ପ୍ରେମ, ପ୍ରତାରଣା, ଅପରାଧ ଏବଂ ମାନସିକ ଷଡ଼ଯନ୍ତ୍ରର ଏହି ରହସ୍ୟମୟ ତଥା ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ଯେପରି ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା। ଦିଶା ପାଢ଼ୀଙ୍କ କାହାଣୀ, ସୌରଭ ପାଢ଼ୀଙ୍କ ପ୍ରଯୋଜନା ଏବଂ ପିନୁ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭାଶିଷ ଶର୍ମା ଏବଂ ଭୂମିକା ଦାଶ। ଶୁଭାଶିଷଙ୍କ ଦମଦାର ଅଭିନୟ ଏବଂ ଭୂମିକାଙ୍କ ଭାବପୂର୍ଣ୍ଣ ପ୍ରଦର୍ଶନ ଫିଲ୍ମର ମୁଖ୍ୟ ଆକର୍ଷଣ। ଅନ୍ୟ ପ୍ରମୁଖ ଭୂମିକାରେ ହରିହର ମହାପାତ୍ର, ଜୟପ୍ରକାଶ ଚୌଧୁରୀ, ଶୁଭମ୍ ପାଢ଼ୀ ଓ ପ୍ରଦ୍ୟୁମ୍ନ ଲେଙ୍କା ନଜର ଆସିଛନ୍ତି। ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱର୍ଗତଃ ଅଭିଜିତ ମଜୁମଦାର। ■



# ବୁଣାକାରଙ୍କ କାହାଣୀ 'ମେହେରମୁଣ୍ଡା'



'ଜି ଆର ରେକର୍ଡସ' ବ୍ୟାନ୍‌ରରେ ନିର୍ମିତ ବୁଣାକାରଙ୍କ କାହାଣୀକୁ ନେଇ ଆସୁଛି ନୂଆ ଓଡ଼ିଆ ସିନେମା 'ମେହେରମୁଣ୍ଡା' । ମେ' ୧୫ ତାରିଖରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଜ୍ୟୋତି ରଞ୍ଜନ ନାୟକ। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନାରେ ନିକୁଞ୍ଜ ହୋତା ଓ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି । ଏହି ସିନେମା ମାଧ୍ୟମରେ ଭାରତର ୨୬ ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା, ସଂଘର୍ଷର କାହାଣୀକୁ ରୂପେଲି ପରଦାକୁ ଆଣିବାକୁ ପ୍ରୟାସ କରାଯାଇଛି। ଏଥିରେ ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସ ମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ■

## ସା କ୍ଷା ତ କା ର

**ନିଶା ଥିଲା ମଡେଲିଂ କରିବା । ହେଲେ ମଡେଲିଂ କରିବା ଭିତରେ ଅଭିନୟ କରିବା ପେସା ପାଲଟିଗଲା। ତେବେ ଏଇ ଅଭିନୟ ତାଙ୍କୁ ଦେଇଛି ଏକ ନୂଆ ପରିଚୟ। ସାରା ଓଡ଼ିଶାର ଅଗଣିତ ଦର୍ଶକଙ୍କ ହୃଦୟ ଜିଣୁଥିବା ଏହି ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣାର ଜ୍ୟୋତି ପ୍ରକାଶ ପଣ୍ଡା। 'ଆଶାର ଆକାଶ' ଧାରାବାହିକ ଜରିଆରେ ଅଭିନୟରେ ପାଦ ଥାପିଥିବା ଜ୍ୟୋତି ଏଯାବତ୍ ୭ଟି ଧାରାବାହିକ, ୫୦ଟି ମ୍ୟୁଜିକ୍ ଭିଡିଓ ଏବଂ ତିନିଟି ଓଡ଼ିଆ ସିନେମାରେ କାମ କରିଛନ୍ତି। ଜ୍ୟୋତିଙ୍କ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କ ମୁହଁରୁ।**

# "ଅଭିନେତା ହେବା ପାଇଁ ନିଷ୍ଠା ଦରକାର"

**ଜ୍ୟୋତିପ୍ରକାଶ ପଣ୍ଡା, ଅଭିନେତା**



**ମଡେଲିଂରୁ ଅଭିନୟ। ନୂଆ ଦିଗକୁ କାହିଁକି ବାଛିଲେ?**

● ଭବିଷ୍ୟତରେ କେବେ ଅଭିନେତା ହେବି ବୋଲି ଭାବି ନ ଥିଲି। ମଡେଲିଂ କରୁଥିଲି। ଏ କ୍ଷେତ୍ରରେ ବହୁତ ସାରା ନାଁ କରିଛି। ସେହି ସମୟରେ କିଛି ଜଣ ମୋତେ ଆତ୍ମବିଶ୍ୱାସ ଦେଲେ ଯେ, ମୁଁ ଭଲ ଅଭିନୟ କରିପାରିବି। ତେଣୁ ଅଭିନେତା ହେବା ଉଦ୍ଦେଶ୍ୟରେ ଅଡିସନ୍ ଦେଇଥିଲି। ପ୍ରଥମେ ଗୋଟିଏ ସିନେମାରେ ଛୋଟ ଭୂମିକାରେ ଅଭିନୟ କରିଥିଲି। ଦୁର୍ଭାଗ୍ୟବଶତଃ ସେହି ସିନେମା ଏତେ ଚାଲି ନଥିଲା। 'ଆଶାର ଆକାଶ' ମୋର ପ୍ରଥମ ଧାରାବାହିକ। ଏଥିରେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲି। ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ମୁଁ କାମ କରିଛି। ସେଥିମଧ୍ୟରୁ 'ଅନୁତାପ', 'ପ୍ରେମ ଫଗୁଣ', 'ହେ ଈଶ୍ୱର' ଆଦି ମ୍ୟୁଜିକ୍ ଭିଡିଓ ଲୋକପ୍ରିୟ ହୋଇଛି। ଅଭିନୟ ଜଗତରେ ତିଷ୍ଠି ରହିବାକୁ ବହୁତ ସଂଘର୍ଷ କରିବାକୁ ପଡ଼ିଛି।

**କେଉଁ ଧାରାବାହିକ ଆପଣଙ୍କୁ ପରିଚୟ ଦେଇଛି?**

● ଆଜି ପର୍ଯ୍ୟନ୍ତ ମୁଁ ସାତଟି ଧାରାବାହିକରେ ଅଭିନୟ କରିଛି। ତନ୍ମଧ୍ୟରୁ 'ତୋ ଅଗଣାର ତୁଳସୀ ମୁଁ' ଧାରାବାହିକର 'ଆୟୁଷ' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ବର୍ତ୍ତମାନ 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକରେ 'ସାଇ' ଚରିତ୍ରରେ ଅଭିନୟ କରୁଛି। ଏହା ସମ୍ପୂର୍ଣ୍ଣ ଏକ ପ୍ରେମ କାହାଣୀ। ଏବେ ନୂଆ ନୂଆ ଆରମ୍ଭ ହୋଇଛି। ଏଥିରେ ମୋ ବିପକ୍ଷରେ ଅଛନ୍ତି ମାନ୍‌ସୀ ପାଲ। ଦର୍ଶକ ଭଲ ପାଇବା ଦେଉଛନ୍ତି ଆଗକୁ ମଧ୍ୟ ଦେବେ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ପ୍ରଥମ ପାରିଶ୍ରମିକରେ ମା'ଙ୍କୁ ଶାଢ଼ି ଉପହାର ଦେଇଥିଲି।

**କେଉଁ ଅଭିନେତ୍ରୀଙ୍କ ସହ କାମ କରିବାକୁ ଭଲ ଲାଗେ?**

● ଯେତେ ଅଭିନେତ୍ରୀଙ୍କ ସହିତ କାମ କରିଛି କୌଣସି ସମସ୍ୟା ହୋଇନାହିଁ। ହେଲେ ମାନ୍‌ସୀଙ୍କ ସହ ୩ଟି ପ୍ରୋଜେକ୍ଟରେ କାମ କରିଥିବାରୁ ତାଙ୍କ ସହିତ ମୁଁ ବେଶୀ କମ୍ଫର୍ଟ ଅନୁଭବ କରେ।

**ଖରାଦିନେ ଆଉଟ୍‌ଡୋର୍ ସୁଟିଂ ପାଇଁ ସମସ୍ୟା ହୁଏ?**

● ଜଣେ କଳାକାର ପାଇଁ ଖରା, ବର୍ଷା କିଛି ମାନେ ରଖେନି। ଖରାଦିନେ ଆଉଟ୍‌ଡୋର୍ ହେଉ କି ଘର ଭିତରେ ବ୍ଲେଜର ସୁଟ୍ ଆଦି ପିନ୍ଧି ସୁଟିଂ କରିବାକୁ ପଡ଼ିଥାଏ। ଗରମ ସାଙ୍ଗକୁ ଟେକ୍ ଭାରି କଷ୍ଟ ଲାଗେ।

**ଜ୍ୟୋତିଙ୍କ ଫିଟ୍‌ର ରାଜ୍ କ'ଣ?**

● ସୁସ୍ଥ ରହିବାକୁ ମୁଁ ପିଜା, ବର୍ଗର, ଜଙ୍କଫୁଡ୍ ନ ଖାଇ ଘରୋଇ ସନ୍ତୁଳିତ ଖାଦ୍ୟ ଖାଏ। ପ୍ରଚୁର ପରିମାଣର ପାଣି ପିଏ। ସମୟ ମିଳିଲେ ଶାରୀରିକ ବ୍ୟାୟାମ କରେ। ଏହି ଲାଇନ୍‌ରେ କାମ କଲେ କେତେବେଳେ ସୁଟିଂ ଯାଉ ଆଉ ଆସୁ ତାହା ଜଣା ପଡ଼େନି। ତେଣୁ ଯେବେ ବି ସମୟ ମିଳେ ମୁଁ ମୋ ନିଜକୁ ସମୟ ଦିଏ।

**ଅଭିନୟ ଓ ମଡେଲିଂକୁ ବାଦ୍ ଦେଲେ ଆଉ କେଉଁଥିରେ ରୁଚି ରହିଛି?**

● ବ୍ୟବସାୟ।

**ଆଗାମୀ ଯୋଜନା?**

● 'ସନମ ତୁ ସୁହାନା', 'ତୃଷ୍ଣା' ପରି କିଛି ସିନେମାରେ କରିଥିଲି। କିନ୍ତୁ ଭବିଷ୍ୟତରେ ବଡ଼ ପ୍ରୋଜେକ୍ଟ ସିନେମାରେ ଅଭିନୟ କରିବାକୁ ଇଚ୍ଛା ଅଛି।

**ଅନେକ ପ୍ରତିଭାଶାଳୀ ପିଲା ଅଭିନୟ ଜଗତକୁ ଆସିବା ପାଇଁ ଚାହୁଁଛନ୍ତି ସେମାନଙ୍କୁ କ'ଣ କହିବେ?**

● କାହାର କେତେବେଳେ ଭାଗ୍ୟ ଫିଟିବ କିଛି କହିହେବ ନାହିଁ। ତେଣୁ କାମକୁ ଗୁରୁତ୍ୱ ଦେଇ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ। ଯଦି କଳାକାର ହେବାକୁ ଅଛି ଜିଦ୍ ରଖନ୍ତୁ। ବାରମ୍ବାର ଅଡିସନ୍‌ରୁ ବିଫଳ ହେଲେ ବି ଆଉ ଥରେ ଅଡିସନ୍ ଦିଅନ୍ତୁ। ନିଜ କାମ ପାଇଁ ନିଷ୍ଠା ଆଉ ପାଗଳାମି ଗୁଣ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ଜଣେ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ। ■

**ପରଦା ପଛର କାହାଣୀ**

# ଗାଳି ପାଇଁ ଜଳଖିଆ ନ ଖାଇ ସପ୍ତାହେ ସୁଟିଂ

୨୦୦୧ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ଲଗାନ'। ବଲିଉଡ୍‌ର କ୍ଲଟ୍ କ୍ଲାସିକ୍ ଫିଲ୍ମ ମଧ୍ୟରୁ ଏହା ଅନ୍ୟତମ। ଏହି ଚଳଚ୍ଚିତ୍ରରେ ଅମିର ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଏହାର ପ୍ରଯୋଜକ ମଧ୍ୟ ସେ ଥିଲେ। ନିକଟରେ ଅମିର ଖାନ୍ 'ଲଗାନ'କୁ ନେଇ ରୋଚକୀୟ କଥା ପ୍ରକାଶ କରିଛନ୍ତି। ଏହି ଫିଲ୍ମ ପାଇଁ ନିୟମିତ ସହ ନିର୍ଦ୍ଦେଶିକା ରୀମା କାଗତୀଙ୍କଠାରୁ ତାଙ୍କୁ ଗାଳି ଶୁଣିବାକୁ ପଡୁଥିଲା। ଏପରିକି ସେ ସପ୍ତାହେ ପର୍ଯ୍ୟନ୍ତ ଜଳଖିଆ ନ ଖାଇ ସୁଟିଂ କରିଥିଲେ। ଅମିରଙ୍କ କହିବାନୁଯାୟୀ ତାଙ୍କ କ୍ୟାରିୟରରେ ସବୁଠୁ ସ୍ମରଣୀୟ ଘଟଣା ମଧ୍ୟରୁ ଏହା ଗୋଟିଏ। ଆଷୁତୋଷ ଗୋବାରିକରଙ୍କ ନିର୍ମିତ ଫିଲ୍ମରେ ସେ ଷ୍ଟାର୍‌ଡମ୍‌ଠୁ ଅଧିକ ସମୟ ଏବଂ ନିୟମକୁ ଗୁରୁତ୍ୱ ଦେଉଥିଲେ। ତେଣୁ ବଡ଼ ଷ୍ଟାର୍‌କାଷ୍ଟ ଥିବାରୁ କଳାକାରଙ୍କ ସମୟକୁ ନେଇ ଅଧିକ କଡ଼ାକଡ଼ି କରାଯାଉଥିଲା। ରୀମା ଏହି ଫିଲ୍ମରେ ଦ୍ୱିତୀୟ ସହ ନିର୍ଦ୍ଦେଶିକା ଥିଲେ। ସେଟ୍‌ରେ କିଏ କେତେବେଳେ ପହଞ୍ଚିବେ, ପ୍ରସ୍ତୁତ ହେବେ, ଜଳଖିଆ କରିବେ ଆଦି ଟିଖିନିଖି ସେ କଥା ବୁଝୁଥିଲେ। ନିଜ ଧିମା କାର୍ଯ୍ୟଶୈଳୀ ଯୋଗୁଁ ତାଙ୍କଠୁ ଅମିରଙ୍କୁ ଅନେକ ଥର ଗାଳି ଶୁଣୁଥିଲେ। ତେଣୁ ଜଳଖିଆ ଖାଇବା ପାଇଁ ତାଙ୍କୁ ୧୫ ମିନିଟ୍ ଆଗରୁ ଡକାଯାଉ ବୋଲି ସେ ରୀମାଙ୍କୁ କହିଥିଲେ। ହେଲେ ରୀମା ତାଙ୍କୁ ସଫା ସଫା ମନା କରି ଦେଇଥିଲେ। କେବଳ ଅମିରଙ୍କ ପାଇଁ ହେୟାର୍ ଏବଂ ମେକ୍‌ଅପ୍ ଟିମ୍ ୧୫ ମିନିଟ୍ ଆଗୁଆ ଆସିପାରିବେନି ବୋଲି କହିଥିଲେ। ସେ ସମୟରେ ଅମିରଙ୍କୁ ସାମାନ୍ୟ ଖରାପ ଲାଗିଥିଲା। ଜଣେ ଦ୍ୱିତୀୟ ସହ ନିର୍ଦ୍ଦେଶିକା ହୋଇ ରୀମା ତାଙ୍କୁ ଏଭଳି କିପରି ଗାଳି କରିପାରିବେ। ହେଲେ ରୀମାଙ୍କ ପାଇଁ ଅମିର କେବଳ ଜଣେ କଳାକାର ହିଁ ଥିଲେ। ତେଣୁ ଠିକ୍ ସମୟ ଅନୁସାରେ ସେ ପ୍ରସ୍ତୁତ ହୁଅନ୍ତୁ ବୋଲି ରୀମା ଚାହୁଁଥିଲେ। ତେବେ ଅମିର ଖାନ୍ ରାଗି ଜଳଖିଆ ଖାଇବା ଛାଡ଼ି ଦେବେ ବୋଲି କହିଥିଲେ। ଏହା ସତ୍ତ୍ୱେ ରୀମା ରୋକ୍‌ଠୋକ୍ ଜବାବ ଦେଇ ମିଷ୍ଟର୍ ପର୍‌ଫେକ୍ଟନିଷ୍ଟଙ୍କୁ କହିଥିଲେ "ଭଲ ହେବ ତୁମେ ସମୟ ଅନୁସାରେ ପ୍ରସ୍ତୁତ ହୋଇଗଲେ।" ଏଥିପାଇଁ ଅମିର ଏକ ସପ୍ତାହ ସୁଟିଂ ସାରି ଜଳଖିଆ ଖାଇବାକୁ ପହଞ୍ଚୁ ଥିଲେ। ଅବଶ୍ୟ ଏହାପରେ ସେ ପୁଣି ନିଜ ପୂର୍ବାବସ୍ଥାକୁ ଫେରିଥିଲେ। ■



### ମହିଳା ଟି-୨୦ ବିଶ୍ୱକପ୍: ଜୁନ୍ ୧୨ରୁ ଜୁଲାଇ ୫

# ଭାରତୀୟ ଦଳରେ ନବାଗତା ନନ୍ଦିନୀ




ମୁମ୍ବଇ,୨।୫(ଏଜେନ୍ସି): ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନଥିବା ଫାଷ୍ଟ ବୋଲର ନନ୍ଦିନୀ ଶର୍ମାଙ୍କୁ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ସାମିଲ କରାଯାଇଛି। କ୍ରମାଗତ ୫ମଥର ଲାଗି ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଥିଲାବେଳେ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରେ ୱିକେଟ ରକ୍ଷକ ଯାସ୍ତିକା ଭାଟିଆ ଓ ସ୍ପିନ୍ ବୋଲିଂ ଅଲରାଉଣ୍ଡର ରାଧା ଯାଦବଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡରେ ଏହି ବିଶ୍ୱକପ୍ ଚଳିତବର୍ଷ ଜୁନ୍ ୧୨ରୁ ଜୁଲାଇ ୫ ତାରିଖଯାଏ ଖେଳାଯିବ। ଚଣ୍ଡିଗଡର ଏହି ୨୪ ବର୍ଷିୟା ବୋଲର ନନ୍ଦିନୀ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ସିଜନରେ ସର୍ବାଧିକ ୧୭ଟି ୱିକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିକଟରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ୧-୪ରେ ଶୋଚନୀୟ ଭାବେ ସିରିଜ୍‌ରେ ପରାଜିତ ହୋଇଥିବା ଭାରତୀୟ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଫାଷ୍ଟ ବୋଲି କାଶଭୀ ଗୌତମ ଆହତ ହୋଇଥିବାରୁ ତାଙ୍କ ନାମ ବିଚାରକୁ ନିଆଯାଇନାହିଁ। ଅନୁସ୍କା ଶର୍ମା ଓ ୱିକେଟରକ୍ଷକ ଉମା ଛେତ୍ରୀଙ୍କୁ ସ୍ଥାନ ମିଳିନାହିଁ।

ମୁମ୍ବଇରେ ଆଜି ଅନୁଷ୍ଠିତ ଜାତୀୟ ସିନିଅର ଚୟନ କମିଟି ବୈଠକ ପରେ ଏହା ଆଜି ଘୋଷଣା କରାଯାଇଛି। ଏହି ଦଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ଟି-୨୦ ସିରିଜ୍‌ରେ ଖେଳିବେ ବୋଲି ଚୟନ କମିଟି ଅଧ୍ୟକ୍ଷା ଅମିତା ଶର୍ମା ଘୋଷଣା କରିଛନ୍ତି। ଅଲରାଉଣ୍ଡର ରାଧା ଯାଦବଙ୍କୁ ସାମିଲ କରାଯିବା ପରେ ଭାରତର ସ୍ପିନ୍ ଆକ୍ରମଣ ଶକ୍ତ ହୋଇଛି। ଏବେ ଦଳରେ ୪ଜଣ ସ୍ପିନର ରହିଛନ୍ତି। ଅନ୍ୟ ୩ଜଣ ହେଲେ ଦୀପ୍ତି ଶର୍ମା, ଶ୍ରୀ ଚରଣି ଓ ଶ୍ରେୟଙ୍କା ପାଟିଲ। ଏହି ୩ଜଣ ଯାକ ସ୍ପିନର ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସଫଳ ହୋଇଥିଲେ।

୫୦ ଓଭର ବିଶିଷ୍ଟ କ୍ରିକେଟରେ ଏବେ ଭାରତ ଚାମ୍ପିଅନ ହୋଇଛନ୍ତି। କିନ୍ତୁ ଟି-୨୦ କ୍ରିକେଟରେ ଭାରତର ପ୍ରଦର୍ଶନ ଏତେ ଭଲ ହୋଇପାରି ନାହିଁ। ଗତ ଟି-୨୦ ବିଶ୍ୱକପ୍ ପରଠାରୁ ଭାରତ ଏଯାଏ ୨୧ଟି ମ୍ୟାଚ୍ ଖେଳି ମାତ୍ର ୧୩ଟିରେ ବିଜୟୀ ହୋଇଛି। ଏହାମଧ୍ୟରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍ ବିଜୟ ରହିଛି। କିନ୍ତୁ ଚଳିତବର୍ଷ ୮ଟି ମ୍ୟାଚ୍ ଖେଳି ମାତ୍ର ୩ଟିରେ ଜିତିଛି। ଏହା ମଧ୍ୟରୁ ନିକଟରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଭାରତ ୪ଟି ମ୍ୟାଚ୍‌ରେ ହାରିଛି। ଚଳିତ ବିଶ୍ୱକପ୍‌ରେ ଭାଗ ନେଇଥିବା ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଜୁନ୍ ୧୪ରେ ପାକିସ୍ତାନ ସହ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହି ଗ୍ରୁପ୍‌ରେ ନେଦରଲାଣ୍ଡସ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ଅଷ୍ଟ୍ରେଲିଆକୁ ସ୍ଥାନ ମିଳିଛି।

**ଘୋଷିତ ଭାରତୀୟ ଦଳ:** ହରମନ୍‌ପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଯାସ୍ତିକା ଭାଟିଆ (ୱିକେଟରକ୍ଷକ), ଅରୁନ୍ଧତି ରେଡ୍ଡୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଶ୍ରୀ ଚରଣି, ଶ୍ରେୟଙ୍କା ପାଟିଲ, ରାଧା ଯାଦବ, ଭାରତୀ ଫୁଲମାଳି ଓ ନନ୍ଦିନୀ ଶର୍ମା।

**ଭାରତର ଖେଳସୂଚୀ:** ୧୪।୬ ବନାମ ପାକିସ୍ତାନ, ଏଜ୍‌ବାଷ୍ଟନ, ୧୭।୬ ବନାମ ନେଦରଲାଣ୍ଡସ, ଲିଡ୍ସ, ୨୧।୬ ବନାମ ଦକ୍ଷିଣ ଆଫ୍ରିକା, ଓଲ୍ଡ ଟ୍ରାଫୋର୍ଡ, ୨୫।୬ ବନାମ ବାଂଲାଦେଶ, ଓଲ୍ଡ ଟ୍ରାଫୋର୍ଡ, ୨୮।୬ ବନାମ ଅଷ୍ଟ୍ରେଲିଆ।

### ମୁମ୍ବଇ-ଚେନ୍ନଇ ଲଢ଼େଇ

# ନମନଙ୍କ ଲଢୁଆ ଅର୍ଦ୍ଧଶତକ



ଚେନ୍ନଇ, ୨।୫ (ଏଜେନ୍ସି): ରେକର୍ଡ ପାଞ୍ଚଥରର ଟାଇଟଲ୍ ବିଜେତା ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ମୁମ୍ବଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍‌ରେ ଦ୍ୱିତୀୟଥର ଲାଗି ସାମ୍ନାସାମ୍ନି ହୋଇଛନ୍ତି। ଶନିବାର ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ମୁମ୍ବଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ଦ୍ୱିତୀୟ ଓଭରରେ ମୁମ୍ବଇ ବିସ୍ଫୋରକ ଓପନର୍ ୱିଲ୍ ଜ୍ୟାକ୍ସଙ୍କ ୱିକେଟ୍ ହରାଇଥିଲା। ପାଞ୍ଚଟି ବଲ୍ ସାମ୍ନା କରିଥିବା ଜ୍ୟାକ୍ସ ୧ ରନ କରିଥିବାବେଳେ ଅଂଶୁଲ କାମ୍ବୋଜଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର୍ ନମନ ଧୀର ଦ୍ୱିତୀୟ ୱିକେଟ୍‌ରେ ରିୟାନ ରିକ୍ଲେଟନଙ୍କ ସହ ମିଶି ୫୮ ରନର ଭାଗୀଦାରି ଗଢ଼ି ସ୍ଥିତି ସମ୍ଭାଳିଥିଲେ। ଫର୍ମରେ ଥିବା ରିକ୍ଲେଟନ ୫ଟି ଚୌକା ସହାୟତାରେ ୨୪ ବଲରେ ୩୭ ରନ କରିଥିବାବେଳେ ସିଏସକେ'ର ବାମହାତୀ ସ୍ପିନର ନୁର୍ ଅହମ୍ମଦଙ୍କ ଶିକାର ବନିଥିଲେ। ପରବର୍ତ୍ତୀ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ମଧ୍ୟ ବେଶୀ ସମୟ ତିଷ୍ଠିପାରି ନ ଥିଲେ। ସୂର୍ଯ୍ୟକୁମାର ୩ ଚୌକା ଓ ଗୋଟିଏ ଛକା ବଳରେ ୧୨ ବଲରୁ ୨୧ ରନ କରି ପଦାର୍ପଣକାରୀ ରାମକ୍ରିଷ୍ଣା ଘୋଷଙ୍କ ଶିକାର ବନିଥିଲେ। ତିଲକ ବର୍ମା ମଧ୍ୟ ୫ ରନ କରି ନିରାଶ କରିଥିଲେ। ନୁର୍‌ଙ୍କୁ ବଡ଼ ସଟ୍ ମାରିବାକୁ ଯାଇ ସେ ପ୍ରତିପକ୍ଷ ଅଧିନାୟକ ଋତୁରାଜ ଗାଏକୱାଡଙ୍କ ହାତରେ ଧରାପଡ଼ିଥିଲେ। ୨୦ ଓଭର ଶେଷରେ ମୁମ୍ବଇ ୭ ୱିକେଟ୍ ହରାଇ ୧୫୯ ରନ ସଂଗ୍ରହ କରିଛି। ଧୈର୍ଯ୍ୟର ସହ ଖେଳି ନମନ ଧୀର ୩୭ ବଲରେ ସର୍ବାଧିକ ୫୭ ରନ୍ କରି ଆଉଟ୍ ହୋଇଛନ୍ତି। ସିଏସକେର ଅଂଶୁଲ୍ କାମ୍ବୋଜ ୩ଟି ଓ ନୁର୍ ଅହମ୍ମଦଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଖେଳି ମୁମ୍ବଇ ପକ୍ଷରୁ ଲେଗ୍-ସ୍ପିନର ରଘୁ ଶର୍ମା ଓ ଚେନ୍ନଇ ପାଇଁ ଦ୍ରୁତ ବୋଲର ରାମକ୍ରିଷ୍ଣା ଘୋଷ ଆଇପିଏଲ୍ ପଦାର୍ପଣ କରିଛନ୍ତି।

| ଆଜିର ଆଇପିଏଲ୍ ମ୍ୟାଚ୍ | |
|---|---|
| ହାଇଦରାବାଦ ବନାମ କୋଲକାତା | ଗୁଜରାଟ ବନାମ ପଞ୍ଜାବ |
| ଭେନ୍ୟୁ-ହାଇଦରାବାଦ | ଭେନ୍ୟୁ-ଅହମ୍ମଦାବାଦ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

# ହାଇସ୍କୋରିଂ ଗେମ୍‌ରେ ହାରିଲା ରାଜସ୍ଥାନ

ଜୟପୁର,୨।୫(ଏଜେନ୍ସି): ଘରୋଇ ମାଟିରେ ରାଜସ୍ଥାନ ରୟାଲ୍ସ ଦ୍ୱିତୀୟଥର ହାଇସ୍କୋରିଂ ମ୍ୟାଚ୍‌ରେ ପରାଜିତ ହୋଇଛି। ମେ ୧ ତାରିଖ ଏଠାରେ ଖେଳାଯାଇଥିବା ୪୩ତମ ଲିଗ୍ ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କ ବିସ୍ଫୋରକ ୭୫ ରନ୍ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ୨୨୬ ରନ୍‌ର ଟାର୍ଗେଟକୁ ୫ଟି ବଲ ଓ ୭ଟି ୱିକେଟ ବାକିଥାଇ ହାସଲ କରିନେଇଥିଲା। ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟକ ରିୟାନ ପରାଗ ୫୦ବଲ୍‌ରେ ୯୦ ଓ ଡୋନୋଭାନ ଫେରେରାଙ୍କ ୧୪ବଲ୍‌ରେ ଅପରାଜିତ ୪୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୬ ୱିକେଟରେ ୨୨୫ ରନ୍ କରିଥିଲା। ପ୍ରତିପକ୍ଷ ଦଳର ମିଚେଲ ଷ୍ଟାର୍କଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୨୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ପାଥୁମ୍ ନିଶାଙ୍କା ଓ ରାହୁଲ ପ୍ରଥମ ୱିକେଟରେ ୫୭ବଲ୍‌ରୁ ୧୧୦ ରନ୍ ଉଠାଇ ବିଜୟର ମୂଳଦୁଆ ପକାଇଥିଲେ। ନିଶାଙ୍କା ୩୩ ବଲ୍‌ରେ ୬୨ ରନ୍ ଉଠାଇ ଆରମ୍ଭରୁ ଆକ୍ରମଣ କରିଥିଲେ। ନିଶାଙ୍କା, ରାହୁଲ ଓ ରାଣା ୧୭୭ ରନ୍‌ରେ ଆଉଟ ହେବା ପରେ ଟ୍ରିଷ୍ଟାନ ଷ୍ଟବସ୍ ଓ ଆଶୁତୋଷ ଶର୍ମା ଅବିଭକ୍ତ ୪ର୍ଥ ୱିକେଟରେ ୨୩ ବଲ୍‌ରୁ ୪୯ ରନ୍ ଉଠାଇ ଦଳକୁ ହଜ ବିଜୟ ଦେଇଥିଲେ। ଏଠାରେ ରାଜସ୍ଥାନ ଖେଳିଥିବା ପୂର୍ବ ମ୍ୟାଚ୍‌ରେ ମଧ୍ୟ ୨୨୮ ରନ୍‌ର ଟାର୍ଗେଟକୁ ଡିଫେଣ୍ଡ କରିପାରି ନ ଥିଲା। ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ଇଶାନ କିଶାନଙ୍କ ୩୧ ବଲ୍‌ରେ ୭୪ ରନ୍‌ର ଇନିଂସ ବଳରେ ଏହି ମ୍ୟାଚ୍ ଜିତିଥିଲା। ସୂର୍ଯ୍ୟବଂଶୀଙ୍କ ୩୭ ବଲ୍‌ରେ ୧୦୩ ରନ୍ କିଛି କାମ ଦେଇ ନ ଥିଲା।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୯ | ୫ | ୪ | ୦ | ୧୦ | -୦.୧୯୨ |
| ଦିଲ୍ଲୀ | ୯ | ୪ | ୫ | ୦ | ୮ | -୦.୮୯୫ |
| ଚେନ୍ନଇ | ୮ | ୩ | ୫ | ୦ | ୬ | -୧.୧୨୧ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ | ୮ | ୨ | ୬ | ୦ | ୪ | -୦.୭୮୪ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ଖୋର୍ଦ୍ଧାକୁ ହରାଇ ଭୁବନେଶ୍ୱର-ଏ ଚାମ୍ପିଅନ




ଭୁବନେଶ୍ୱର, ୨।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରେଭେନସା ଗ୍ରାଉଣ୍ଡରେ ଖେଳାଯାଇଥିବା ଲୋ-ସ୍କୋରିଂବିଶିଷ୍ଟ ଫାଇନାଲ ମ୍ୟାଚରେ ଭୁବନେଶ୍ୱର-ଏ ୧୦ ୱିକେଟ୍‌ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଖୋର୍ଦ୍ଧା ପ୍ରତିପକ୍ଷ ଶୁଭମ ପରିଡ଼ାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୮.୧ ଓଭରରେ ମାତ୍ର ୬୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାରାଂଶ ତିୱାରୀ ସର୍ବାଧିକ ୧୭ ରନ କରିଥିଲେ। ଶୁଭମ ୧୬ ରନ ବ୍ୟୟରେ ୬ଟି ୱିକେଟ୍ ନେଇ ଖୋର୍ଦ୍ଧାର ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଜବାବରେ ଭୁବନେଶ୍ୱର-ଏ ୯.୪ ଓଭରରେ କୌଣସି ୱିକେଟ ନ ହରାଇ ସହଜରେ ବିଜୟୀ ହୋଇଥିଲା।

ବିଜୟୀ ଦଳର ଶ୍ରେୟାଂଶ ବିଧାର ୨୪ଟି ବଲରେ ୪୫ ରନର ଉପଯୋଗୀ ପାଳି ଖେଳିଥିଲେ। ଶୁଭମ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ଡ. ଅଞ୍ଜନ କୁମାର ଖୁଣ୍ଟିଆ, ଶୁଭକାନ୍ତ ମହାନ୍ତି, ଅମିତ୍ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏପ୍ରିଲ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୩୭ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ମିଶାଇ ମୋଟ୍ ୧୦୩ଟି ମ୍ୟାଚ୍ ଖେଳାଯାଇଥିଲା।

## ଶେଷ ଟି-୨୦ ଜିତି ସିରିଜ ଡ୍ର' ରଖିଲା ନ୍ୟୁଜିଲାଣ୍ଡ

ଢାକା, ୨।୫ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ତିନି ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶେଷରେ ୧-୧ରେ ଡ୍ର'ରେ ସମାପ୍ତ ହୋଇଛି। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମୁକାବିଲାକୁ ନ୍ୟୁଜିଲାଣ୍ଡ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା। ପୂର୍ବରୁ ଘରୋଇ ବାଂଲାଦେଶ ପ୍ରଥମ ଟି-୨୦କୁ ୬ ୱିକେଟ୍‌ରେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଶନିବାର ଅନୁଷ୍ଠିତ ଶେଷ ଟି-୨୦ ବର୍ଷା ଲାଗି ୧୫ ଓଭରବିଶିଷ୍ଟ ହୋଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୧୪.୨ ଓଭରରେ ୧୦୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ତୋହିଦ ହ୍ରିଦୟ ୩୩ ଓ ଅଧିନାୟକ ଲିଟନ ଦାସ ୨୬ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଜୋଶ କ୍ଲାର୍କସନ ୩ ଏବଂ ନାଥମ ସ୍ମିଥ ଓ ବେନ୍ ସିଅର୍ସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ବେଭାନ ଜ୍ୟାକବ୍ସ (୩୧ ବଲରେ ଅପରାଜିତ ୬୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ୧୧.୪ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ୯ ବର୍ଷରୁ କମ୍ ରାଜ୍ୟ ଚେସ୍ : ସ୍ନେହସ୍ମିତା, ପ୍ରଜ୍ଞାନ ଓ ରିୟାଂଶ ଅଗ୍ରଣୀ



ଭୁବନେଶ୍ୱର,୨।୫ (ସମିସ): କଟକର ସ୍ନେହସ୍ମିତା ରାମ ବାଳିକା ବିଭାଗରେ ଏକକ, ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ଓ ସୁନ୍ଦରଗଡ଼ର ରିୟାଂଶ ଅଗରୱାଲ ମିଳିତ ଭାବେ ବାଳକ ବିଭାଗ ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଅଗ୍ରଣୀ ନେଇଛନ୍ତି। ସ୍ନେହସ୍ମିତା ପ୍ରଥମ ୬ ରାଉଣ୍ଡରୁ ୬ ପଏଣ୍ଟ ପାଇଥିଲାବେଳେ ତାଙ୍କ ପଛକୁ ୨ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଖୋର୍ଦ୍ଧାର ଦେବାଂଶୀ ସାହୁ ଓ ଏଲିନା ମିଶ୍ର। ବାଳକ ବା ଓପନ କାଟାଗୋରୀରେ ପ୍ରଜ୍ଞାନ ଓ ରିୟାଂଶ ୬ ରାଉଣ୍ଡରୁ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ଖୋର୍ଦ୍ଧାର ଦୁଇ ଖେଳାଳି ପ୍ରତ୍ୟୁଷ କୁମାର ଓ ଅର୍ପଣ ସାହୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ବିଭାଗରେ ଲଢ଼େଇ ଜୋରଦାର ହୋଇଥିଲାବେଳେ ଆସନ୍ତାକାଲି ଫାଇନାଲ ମୁକାବିଲା ହେବ। କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ମାଷ୍ଟର୍ସ ଚେସ୍ ଫାଉଣ୍ଡେସନ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ହେଉଛି। ଅଲଓଡ଼ିଶା ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ସ୍ୱୀକୃତପ୍ରାପ୍ତ।

## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦: ବଲାଙ୍ଗିର-ଯାଜପୁର, କଟକ-ଭୁବନେଶ୍ୱର ସେମି ଲଢ଼େଇ

ଭୁବନେଶ୍ୱର,୨।୫(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍‌ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ବଲାଙ୍ଗିର ଓ ଯାଜପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଦୁଇ ଶକ୍ତିଶାଳୀ ଦଳ କଟକ ଓ ଭୁବନେଶ୍ୱର ସାମ୍ନାସାମ୍ନି ହେବେ। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ବଲାଙ୍ଗିର ୮ ୱିକେଟରେ କିଟ୍‌କୁ, କଟକ ୧୧୦ ରନର ବୃହତ୍ ବ୍ୟବଧାନରେ ସୁନ୍ଦରଗଡ଼କୁ ଓ ଭୁବନେଶ୍ୱର ୭ ୱିକେଟ୍‌ରେ ରାଉରକେଲାକୁ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ତେବେ ଯାଜପୁର ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲର ଫଳାଫଳ ସୁପର୍ ଓଭରରେ ନିର୍ଣ୍ଣୟ ହୋଇଥିଲା। ଯାଜପୁର ପକ୍ଷରୁ କାଜଲ ଜେନା (୭୧ ରନ) ଓ ସୁଚିସ୍ମିତା ପଣ୍ଡା (୫୩ ରନ) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

### ନୀଳାଚଳ ଟ୍ରଫି କ୍ରିକେଟ୍‌ର ଉଦ୍‌ଯାପନ ଆଜି

# ୟୁନିଅନ ବନାମ ପ୍ରଗତି ସ୍ପୋର୍ଟିଂ ଫାଇନାଲ




ପୁରୀ,୨।୫(ସମିସ): କଟକର ୟୁନିଅନ ସ୍ପୋର୍ଟିଂ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ୧୭ତମ ଜଗଦୀଶ ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ଖେଳାଯିବ। ସ୍ଥାନୀୟ ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୭ ୱିକେଟରେ ଦିଲ୍ଲୀର ପାଲାମ ବିହାର କ୍ଲବ୍‌କୁ ପରାସ୍ତ କରିଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କଟକର ୟୁନିଅନ ସ୍ପୋର୍ଟିଂ ମାତ୍ର ୭ରନ୍‌ରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆଜି ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ୨୬ରନ୍ ଦେଇ ୪ଟି ୱିକେଟ ନେଇଥିବା ମିଳନ ସାମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପରାଜିତ ଦିଲ୍ଲୀ ଟିମ୍‌ର ସିମରନଜିତ ସିଂହଙ୍କୁ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଥିଲେ। ଆଜିର ଅତିଥିଭାବେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଅଜିତ ରଥ, ଟୁର୍ଣ୍ଣାମେଣ୍ଟ ଆୟୋଜନ ସଚିବ ହରେଶ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ପାଲାମ ବିହାର କ୍ଲବ୍ ୩୧.୫ ଓଭରରେ ମାତ୍ର ୧୧୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିମରନ ଜିତ ସିଂ ସର୍ବାଧିକ ୪୦ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଅଭିଜିତ ରାଉତ ଓ ମିଳନ ସାମଲ ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୪.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଆୟୁଷ ଚାନ୍ଦ ସର୍ବାଧିକ ୪୧ଲ ଆୟୁଷ ୩୮ ଓ ରଣଜୀ ଖେଳାଳି ଶାନ୍ତନୁ ମିଶ୍ର ୧୫ ରନ୍ କରିଥିଲେ। ନିଶାନ୍ତ ନିଶିକେରଙ୍କୁ ୨ଟି ୱିକେଟ ମିଳିଥିଲା।

ଆଜିର ମ୍ୟାଚ୍‌କୁ ଅମ୍ପାୟାର ଦେବବ୍ରତ ଦାଶ ଓ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ଆସନ୍ତାକାଲି ଅନୁଷ୍ଠିତ ହେବ।

## ବିସିସିଆଇର ଜାତୀୟ ଯୁବ ବାଳିକା ଶିବିରରେ ଅନ୍ୱେଷା



ଭୁବନେଶ୍ୱର, ୨।୫ (ସମିସ): ବିସିସିଆଇ ଆନୁକୂଲ୍ୟରେ ବେଙ୍ଗାଲୁରୁସ୍ଥିତି ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ୧୫ ବର୍ଷରୁ କମ୍ ବାଳିକା ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ଯୁବ କ୍ରିକେଟର ଅନ୍ୱେଷା ସ୍ୱାଇଁ ମନୋନୀତ ହୋଇଛନ୍ତି। ପାରାଦୀପ ଜନ୍ମିତ ଅନ୍ୱେଷା ଜଣେ ଲେଗ୍-ସ୍ପିନର ସହ ଉପଯୋଗୀ ବ୍ୟାଟର ମଧ୍ୟ। ବିସିସିଆଇର ମହିଳା ଚୟନ କମିଟି ଏହି ଶିବିର ଲାଗି ଖେଳାଳି ମନୋନୟନ କରିଥିଲା। ମେ ୧୮ରୁ ଜୁନ ୧୧ ତାରିଖ ପର୍ଯ୍ୟନ୍ତ ଶିବିର ଆୟୋଜିତ ହେବ। ଜାତୀୟ ଶିବିରରେ ସ୍ଥାନ ପାଇଥିବାରୁ ଏହି ଅବସରରେ ଅନ୍ୱେଷାଙ୍କୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

### ପ୍ରଥମ ଇଣ୍ଡିଆନ ଇନ୍‌ଡୋର୍ ଓପନ୍

# ପୋଲ୍‌ଭଲ୍ଟରେ ଜାତୀୟ ରେକର୍ଡ କଲେ କୁଳଦୀପ



ଭୁବନେଶ୍ୱର, ୨।୫ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ଇନଡୋର ଓପନ୍ କମ୍ବାଇନଡ୍ ଇଭେଣ୍ଟ ଓ ପୋଲ୍ ଭଲ୍ଟ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ପୋଲ୍ ଭଲ୍ଟରେ ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମଧ୍ୟପ୍ରଦେଶର କୁଳଦୀପ କୁମାର ୫.୪୧ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ନୂତନ ଜାତୀୟ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ପୋଲ୍ ଭଲ୍ଟରେ ଜାତୀୟ ରେକର୍ଡ ସାଥୀ ମଧ୍ୟପ୍ରଦେଶ ଆଥଲେଟ ଦେବ ମୀନାଙ୍କ ନାମରେ ରହିଥିଲା। ଦେବ ମୀନା ୫.୪୦ ମିଟର ଡେଇଁ ଏହି ରେକର୍ଡର ଅଧିକାରୀ ରହିଥିଲେ। ଆଜି କଳିଙ୍ଗରେ ଦେବ ଭାଗନେଇଥିଲେ ମଧ୍ୟ ତାଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଦେବ ଆଜି ୫.୨୦ ମିଟର ଡେଇଁଥିଲେ। ସେହିଭଳି ତାମିଲନାଡୁର ଜି. ରୀଗାନ ୫.୨୫ ମିଟର ଡେଇଁ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ।

ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଦେବ ମୀନା ଆଗାମୀ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଯୋଗ୍ୟତା ଅର୍ଜନ ଲାଗି ମାନଦଣ୍ଡ ୫.୪୫ ମିଟର ରହିଥିଲା। ଦେବ ଅବଶ୍ୟ ୫.୪୬ ମିଟର ଡେଇଁବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ଆଥ୍ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରଥମଥର ଲାଗି କଳିଙ୍ଗ ଷ୍ଟାଡିୟମସ୍ଥିତ ଆଇକନିକ ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS